RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -192 ସଂଖ୍ୟା-୧୯୨
ଭୁବନେଶ୍ୱର, ଗୁରୁବାର ୧୫ ଅକ୍ଟୋବର ୨୦୨୬
Bhubaneswar, Thursday 15 October, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# କଳିଙ୍ଗନଗରରେ ଆରମ୍ଭ ହେଲା ଶିଳ୍ପାୟନର 'ସ୍ୱର୍ଣ୍ଣିମ ଅଧ୍ୟାୟ'

ଭୁବନେଶ୍ୱର/ଯାଜପୁର, ୧୪।୧୦(ନି.ପ୍ର.): ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟା ଆହୁରି ଗତିଶୀଳ କରି ଆଜି ଯାଜପୁର ଜିଲ୍ଲା କଳିଙ୍ଗନଗର ଠାରେ ଏକ ବୃହତ ଶିଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ୧୪ଟି ଜିଲ୍ଲାରେ ୩୯,୩୮୩ କୋଟି ଟଙ୍କାର ପୁଞ୍ଜି ନିବେଶରେ ୪୬ଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରକଳ୍ପର ଭୂମିପୂଜନ ଏବଂ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ୪୨,୫୧୨ଟି ନିଯୁକ୍ତି ସୃଷ୍ଟି ହୋଇଛି।ଏହି ପଦକ୍ଷେପ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ଯୁବବର୍ଗଙ୍କ ପାଇଁ ବ୍ୟାପକ ରୋଜଗାରର ସୁଯୋଗ ସୃଷ୍ଟି କରିବ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି ଶୁଭ ଦିନରେ ସମଗ୍ର ଓଡିଶାରେ ଯେଉଁ ଶିଳ୍ପ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ହେଉଛି, ତାହା ରାଜ୍ୟର ଦ୍ୱିତୀୟ ଶିଳ୍ପ ବିପ୍ଳବର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆମ ସରକାର ଆସିବା ପୂର୍ବରୁ ଶିଳ୍ପ ନିବେଶ କେବଳ ଏକ ସ୍ଲୋଗାନ ଏବଂ ପ୍ରଚାର ପ୍ରସାରର ମାଧ୍ୟମ ହୋଇ ରହିଥିଲା। କିନ୍ତୁ ଆମେ ପ୍ରତିଟି ବୁଝାମଣାପତ୍ର କୁ ବାସ୍ତବ ରୂପ ଦେଇ ଫାକ୍ଟ୍ରି ନିର୍ମାଣ କରି ଉତ୍ପାଦନ ଆରମ୍ଭ କରିଛୁ ଏବଂ ଆମର ଓଡିଆ ପୁଅ-ଝିଅମାନଙ୍କୁ ନିଯୁକ୍ତି ଦେବାରେ ସମର୍ଥ ହୋଇଛୁ। ସେ ଆହୁରି ମଧ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ପୂର୍ବୋଦୟ' ପରିକଳ୍ପନାର କେନ୍ଦ୍ରରେ ରହିଛି ଓଡିଶା। ଆଗାମୀ ଦଶ ବର୍ଷ ଭିତରେ ରାଜ୍ୟର ଅର୍ଥନୀତିକୁ ୫୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚାଇବା ପାଇଁ ଆମେ 'ସମୃଦ୍ଧ ଓଡିଶା' ଗଠନର ଲକ୍ଷ୍ୟ ରଖିଛୁ।

ଉଲ୍ଲେଖଯୋଗ୍ୟ ଯେ, ଯାଜପୁରର କଳିଙ୍ଗନଗର ଅଞ୍ଚଳ ଆଜି ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାର ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସମାରୋହରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଗ୍ରୁପର କାର୍ବନ୍ ଷ୍ଟିଲ୍ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ନୂତନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସେହିପରି ଟାଟା ଷ୍ଟିଲର ନୂତନ ଡାଉନଷ୍ଟ୍ରିମ୍ ସୁବିଧା, ସ୍ଲରୀ ପାଇପଲାଇନ୍, ଗ୍ରାଇଣ୍ଡିଂ ଏବଂ ପିଲେଟାଇଜେସନ୍ ୟୁନିଟ୍ ଆଦି ପ୍ରକଳ୍ପ ରାଜ୍ୟରେ ହାଇ-ଭାଲ୍ୟୁ ଷ୍ଟିଲ୍ ଉତ୍ପାଦନକୁ ଆହୁରି ମଜବୁତ କରିବ। ଏହାସହିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୋୟେଜ୍ ଲିମିଟେଡ୍, ଜିଆ ଷ୍ଟିଲ୍ ଲିମିଟେଡ୍, ବିକେ ଉତ୍କଳ ଷ୍ଟିଲ୍ ଏବଂ ଶ୍ରୀ ଏମ୍. କେ. ଷ୍ଟିଲ୍ ଭଳି ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ପ୍ରକଳ୍ପଗୁଡ଼ିକ ଏହି କ୍ଷେତ୍ରର ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବ ବୋଲି ଜଣାପଡିଛି। ଏହି ଶିଳ୍ପ ଗୁଡ଼ିକ ରାଜ୍ୟର ୧୪ଟି ଜିଲ୍ଲାରେ ସ୍ଥାପନ କରାଯାଇଛି। ଏଗୁଡ଼ିକ ହେଲା- ଅନୁଗୋଳ, ବରଗଡ, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ।

ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଶିଳ୍ପ କେବଳ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ସ୍ଥାପିତ ହେବା ଉଚିତ। ଏହି ନୀତିକୁ ଆଧାର କରି କେନ୍ଦୁଝରରେ ଓ













## ■ ୧୪ ଜିଲ୍ଲାରେ ୪୬ ମଧ୍ୟମ ଓ ବୃହତ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ
## ■ ୩୯,୩୮୩ କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପ, ୪୨,୫୧୨ ନିଯୁକ୍ତି
## ■ ଓଡ଼ିଶା ହେବ ଦେଶର ଶ୍ରେଷ୍ଠ 'ମାନୁଫାକ୍ଚରିଙ୍ଗ ହବ୍': ମୁଖ୍ୟମନ୍ତ୍ରୀ

ସୁନ୍ଦରଗଡ଼ରେ ଇସ୍ପାତ ଶିଳ୍ପ, ଅନୁଗୋଳ ଓ ଢେଙ୍କାନାଳରେ ଅକ୍ଷୟ ଶକ୍ତି ପ୍ରକଳ୍ପ, ଖୋର୍ଦ୍ଧାରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପୁରୀ, କଟକ, ବରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ, ହସ୍ପିଟାଲିଟି ଓ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ସ୍ଥାନ ଦିଆଯାଇଛି। ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ୧୫୧ ଗୋଟି ପ୍ରକଳ୍ପର ଭୂମିପୂଜନ କିମ୍ବା ଉଦ୍‌ଘାଟନ କରାଯାଇ ୩ ଲକ୍ଷ ୧୧ ହଜାର କୋଟିରୁ ଅଧିକ ପୁଞ୍ଜି ନିବେଶ ହୋଇଥିବାବେଳେ ଏହାଦ୍ୱାରା ୨ ଲକ୍ଷ ୪୦ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ପଥ ଉନ୍ମୁକ୍ତ ହୋଇଛି। ଆଜିର ପ୍ରକଳ୍ପକୁ ମିଶାଇଲେ ରାଜ୍ୟରେ ସମୁଦାୟ ୩ ଲକ୍ଷ ୫୦ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଗ୍ରାଉଣ୍ଡିଂ ବା ଶୁଭାରମ୍ଭ ହେଲା। ରାଜ୍ୟର ଯୁବକଯୁବତୀମାନେ ଯେପରି ବାଧ୍ୟବାଧକତାରେ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ନ ଯାଆନ୍ତି, ସେଥିପାଇଁ ରାଜ୍ୟ ସରକାର ଶ୍ରମିକ ସହଯୋଗୀ ଶିଳ୍ପ ଯେପରିକି ବୟନ ଓ ପୋଷାକ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଫାର୍ମାସ୍ୟୁଟିକାଲ୍ସ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଗତ ବର୍ଷ ଅନୁଷ୍ଠିତ ଟେକ୍ସଟାଇଲ କନ୍‌କ୍ଲେଭ୍ ମାଧ୍ୟମରେ ୫୩ ହଜାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଥିବାବେଳେ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ ଓ ଭଦ୍ରକ ଆଦି ସ୍ଥାନରେ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କରାଯାଉଛି। ୱାର୍ଲ୍ଡ ସ୍କିଲ୍ ସେଣ୍ଟର ମାଧ୍ୟମରେ ଯୁବବର୍ଗଙ୍କୁ ଅଟୋମେସନ, ଅକ୍ଷୟ ଶକ୍ତି, ଇଲେକ୍ଟ୍ରୋନିକ୍ସ ଏବଂ ଡିଜିଟାଲ୍ ସେବା ଭଳି ଆଧୁନିକ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଉଛି। ଏହା ସହିତ ବୟନଶିଳ୍ପ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ସେବା ଭଳି କ୍ଷେତ୍ରରେ ମହିଳାମାନଙ୍କୁ ଅଧିକରୁ ଅଧିକ ନିଯୁକ୍ତି ଦେବା ପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ନିବେଶକମାନଙ୍କୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରକଳ୍ପର ପ୍ରସ୍ତାବ ସମୟଠାରୁ ଗ୍ରାଉଣ୍ଡିଂ ହେବା ପର୍ଯ୍ୟନ୍ତ ପ୍ରୋଜେକ୍ଟ ଲାଇଫ୍ ସାଇକେଲର ପୁରା ସମୟଚକ୍ରରେ ନିବେଶକମାନଙ୍କୁ ଓଡିଶା ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେଉଛନ୍ତି। ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଏବଂ ନୂତନ ଶିଳ୍ପନୀତି ମାଧ୍ୟମରେ ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟାକୁ ଅଧିକ ସରଳ ଓ ସ୍ୱଚ୍ଛ କରାଯାଇଛି। ଏପର୍ଯ୍ୟନ୍ତ ୧୨.୦୭ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ସହିତ ୫୬୦ଟି ଶିଳ୍ପ ପ୍ରସ୍ତାବ ଅନୁମୋଦିତ ହୋଇସାରିଛି। ଏହା ମାଧ୍ୟମରେ ପ୍ରାୟ ୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।ବିରୋଧୀମାନଙ୍କ ବିକାଶବିରୋଧୀ କାର୍ଯ୍ୟକଳାପକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିରୋଧୀମାନେ ରାଜନୀତିରେ ବ୍ୟସ୍ତ ଥିବାବେଳେ, ଆମ ସରକାର ଓଡ଼ିଶାର ପ୍ରଗତି ଓ ବିକାଶରେ ବ୍ୟସ୍ତ ଅଛନ୍ତି। ସମାରୋହରେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯାଜପୁରର ଭବିଷ୍ୟତ ଓ ଆଞ୍ଚଳିକ ବିକାଶ ଉପରେ ଆଲୋକପାତ କରି କହିଛନ୍ତି ଯେ ଆଗାମୀ ଦିନରେ ଯାଜପୁର ଜିଲ୍ଲାର ଅଭୂତପୂର୍ବ ବିକାଶ ଘଟିବ ଏବଂ ଶିଳ୍ପ ନକ୍ସା ଅଧିକ ସମୃଦ୍ଧ ହେବ। ସୁକିନ୍ଦା, ତୋମକା କିମ୍ବା କଳିଙ୍ଗନଗର ହେଉ, ଆମ ପାଖରେ ବିପୁଳ ଖଣିଜ ସମ୍ପଦ ଓ ସମୃଦ୍ଧ ଖଣିଅଞ୍ଚଳ ରହିଥିବାରୁ ଏଠାରେ ଅଧିକରୁ ଅଧିକ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। ଯାଜପୁର ଏହାର ନାଗରିକ ଓ ଜନସାଧାରଣଙ୍କ ସେବା ଏବଂ ବିକାଶ ପାଇଁ ସମ୍ପୂର୍ଣ୍ଣ ସମର୍ପିତ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ସହ ଜିଲ୍ଲାକୁ ଏକ ଶୀର୍ଷ ଶିଳ୍ପ ସମୃଦ୍ଧ ଜିଲ୍ଲାରେ ପରିଣତ କରିବା ଆମ ସରକାରଙ୍କ ପ୍ରାଥମିକତା। ଏହି ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ଦୂରଦୃଷ୍ଟିକୁ ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ, ଦୂରଦୃଷ୍ଟି ଏବଂ ବିଶ୍ୱାସ ସହିତ ବିକାଶ ହିଁ ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ସମସ୍ତ ପ୍ରକଳ୍ପ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ଶୁଭାରମ୍ଭ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ହି ସମାରୋହରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡଚଣା ବିଧାୟକ ଅମର ନାୟକ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଜେଏସଏଲ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ, ଓଟାଇ ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହ ଆରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଧନ୍ୟବାଦ ଦେଇଥିଲେ।

## ମେରଠ ନୀଳଡ୍ରମ୍ ମାମଲାରେ ମୁସ୍କାନ ଓ ସାହିଲଙ୍କୁ ଫାଶୀଦଣ୍ଡ

ନୂଆଦିଲ୍ଲୀ, ୧୪।୧୦: ମେରଠରେ ଚର୍ଚ୍ଚିତ ସୌରଭ ରାଜପୁତ ହତ୍ୟା ମାମଲାରେ ଆଜି ଦୋଷୀ ମୁସ୍କାନ ରସ୍ତୋଗୀ ଏବଂ ତାଙ୍କ ପ୍ରେମିକ ସାହିଲଙ୍କୁ ଫାଶୀଦଣ୍ଡ ଦିଆଯାଇଛି। ଅଦାଲତ ୩୦ ସେପ୍ଟେମ୍ବରରେ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଦଣ୍ଡ ଘୋଷଣା ସମୟରେ ମୁସ୍କାନ ଓ ସାହିଲ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଡ଼ିଥିଲେ। କୋର୍ଟରେ ସୌରଭଙ୍କ ମା' ରେଣୁ ଓ ଭାଇ ବବଲୁ ମଧ୍ୟ ଉପସ୍ଥିତ ଥିଲେ। ସୌରଭଙ୍କ ଓକିଲ କହିଛନ୍ତି, "ବିଚାରପତି ମହାଭାରତର ଉଦାହରଣ ଦେଇ କହିଥିଲେ ଯେ ଅଦାଲତ ନିଜ କର୍ତ୍ତବ୍ୟ କରିବ। ପକ୍ଷରକ୍ଷଣ ପକ୍ଷରୁ ବହୁତ ଚେଷ୍ଟା କରାଯାଇଥିଲା, କିନ୍ତୁ ଶେଷରେ ଆମର ଜିତ ହୋଇଛି। ସୌରଭଙ୍କ ପରିବାର ଏନେଇ କିଛି କହିନଥିଲେ।"

## ଜୟପୁରରେ ଏଆଇ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ, ୧୪।୧୦: ମଝି ଆକାଶରେ ଥିଲା ବିମାନ। ଜର୍ମାନୀର ଫ୍ରାଙ୍କଫୁର୍ଟରୁ ଏୟାର ଇଣ୍ଡିଆ ବିମାନ ଭାରତର ଦିଲ୍ଲୀକୁ ଆସୁଥିଲା। କିନ୍ତୁ ହଠାତ୍ ବିମାନର ପାଇଲଟ୍ ହାଇଜାକ ଆଶଙ୍କା କରି ଜାରି କରିଥିଲେ ଆଲର୍ଟ। ହାଇଜାକ ଆଲର୍ଟ ପରେ ଦେଖାଯାଇଥିଲା ହଇଚଇ। ଆଉ ଦିଲ୍ଲୀ ବଦଳରେ ଏୟାର ଇଣ୍ଡିଆ ବିମାନ ଜୟପୁରରେ କରିଛି ଜରୁରୀ ଅବତରଣ। ଏବେ ଘଟଣାର ସୁରକ୍ଷା ଯାଞ୍ଚ କରାଯିବା ସହ ବିମାନବନ୍ଦରରେ ଜାରି ହୋଇଛି ହାଇଆଲର୍ଟ। ଏୟାର ଇଣ୍ଡିଆର ଏଆଇ -୨୦୩୦ ବିମାନ ଜର୍ମାନୀର ଫ୍ରାଙ୍କଫୁର୍ଟରୁ ଲୋକଙ୍କ ଧରୁ ଦିଲ୍ଲୀ ଅଭିମୁଖେ ଉଡାଣ ଭରିଥିଲା। ପ୍ରାୟ ସକାଳ ୯ଟା ବେଳେ ବିମାନଟି ମଝି ଆକାଶରେ ଥିବା ବେଳେ ଅହମଦାବାଦ ଏୟାର ଟ୍ରାଫିକ କଣ୍ଟ୍ରୋଲ(ଏଟିସି) ପାଖକୁ ଆସିଥିଲା ଏମର୍ଜେନ୍ସି ସିଗ୍ନାଲ। ବିମାନର ପାଇଲଟ କକପିଟ୍‌ରେ ଥିବା ୭୫୦୦ କୋଡ୍‌କୁ ପ୍ରେସ କରିଥିଲେ। ଏହି କୋଡ୍‌ର ଦବାଇବାର ଅର୍ଥ ବିମାନ ହାଇଜାକ କିମ୍ବା ବିମାନରେ ବେଆଇନ ଭାବେ ହସ୍ତକ୍ଷେପ କରାଯିବ ସହ ସମାନ। ଏହି ସିଗ୍ନାଲ ସିଧା ଏୟାର ଟ୍ରାଫିକ କଣ୍ଟ୍ରୋଲ ପାଖକୁ ଆସିଥାଏ। ଏୟାର ଇଣ୍ଡିଆ ବିମାନର ପାଇଲଟ୍ ହାଇଜାକ ସିଗ୍ନାଲ ଦେଇଥିବାରୁ ହଇଚଇ ସୃଷ୍ଟି ହୋଇଥିଲା। ସୁରକ୍ଷା ଏଜେନ୍ସିକୁ ଖବର ଦିଆଯାଇଥିଲା। ସକାଳ ପ୍ରାୟ ୯.୧୦ରେ ସୁରକ୍ଷା ଦୃଷ୍ଟିରୁ ଦିଲ୍ଲୀ ଏୟାରପୋର୍ଟର ୱାର ରୁମ ବିମାନକୁ ଜୟପୁରକୁ ଡାଇଭର୍ଟ କରିବାକୁ ଦେଇଥିଲା ନିର୍ଦ୍ଦେଶ। ଏହି ନିର୍ଦ୍ଦେଶ ପରେ ବିମାନଟି ଜୟପୁର ଅଭିମୁଖେ ଯାଇଥିଲା। ୯.୩୫ରେ ଏହା ଜୟପୁର ଅନ୍ତର୍ଜାତୀୟ ଏୟାରପୋର୍ଟରେ ଅବତରଣ କରିଥିଲା। ଅବତରଣ କରିବା ମାତ୍ରେ ଯାଞ୍ଚ ପାଇଁ ଏହାକୁ ୯.୪୫ରେ ଗୋଟିଏ ଏକାନ୍ତ ସ୍ଥାନକୁ ନିଆଯାଇଥିଲା।

## ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ

ନୂଆଦିଲ୍ଲୀ, ୧୪।୧୦: ରେଳ କର୍ମଚାରୀଙ୍କୁ କେନ୍ଦ୍ର ସରକାରଙ୍କ ପୂଜା ଭେଟି। ଏଥର ପୂଜା ପାଇଁ ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ବୋନସ। ରେଳ କର୍ମଚାରୀଙ୍କୁ ୭୮ ଦିନ ପାଇଁ ଉତ୍ପାଦକତା ଆଧାରିତ ବୋନସ ପ୍ରଦାନ କରିବାକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଆଜି ଏହି ନିଷ୍ପତ୍ତି ହୋଇଛି। ସରକାରଙ୍କ ଏହି ୭୮ ଦିନର ଉତ୍ପାଦକତା ଆଧାରିତ ବୋନସ ବା ପିଏଲବି ନିଷ୍ପତ୍ତିର ଲାଭ ୧୧,୪୦,୭୭୦ ରେଳ କର୍ମଚାରୀଙ୍କୁ ମିଳିବ। ଏଥିପାଇଁ କେନ୍ଦ୍ର କ୍ୟାବିନେଟ୍ ୨୦୦୯.୬୧ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ପ୍ରସ୍ତାବ ଉପରେ ଆଜି କ୍ୟାବିନେଟ୍ ମୋହର ମାରିଛି।

ପ୍ରତିବର୍ଷ ଦୁର୍ଗା ପୂଜା ବା ଦଶହରା ଛୁଟି ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ପିଏଲବି ପ୍ରଦାନ କରାଯାଏ। ଚଳିତ ବର୍ଷ ମଧ୍ୟ ପ୍ରାୟ ୧୧.୪୦ ଲକ୍ଷ ଅଣ-ଗେଜେଟେଡ୍ ରେଳ କର୍ମଚାରୀଙ୍କୁ ୭୮ ଦିନର ମଜୁରୀ ସମକକ୍ଷ ପିଏଲବି ପ୍ରଦାନ କରାଯିବ। ବୋନସ କର୍ମଚାରୀମାନଙ୍କୁ ରେଳବାଇର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ନିମନ୍ତେ ପ୍ରେରଣା ଦେବା ପାଇଁ ଏକ ପ୍ରୋତ୍ସାହନ ଭାବରେ କାର୍ଯ୍ୟ କରେ ବୋଲି ସରକାର କହିଛନ୍ତି। ସରକାର କହିଛନ୍ତି ଯେ ପ୍ରତ୍ୟେକ ଯୋଗ୍ୟ ରେଳ କର୍ମଚାରୀଙ୍କ ପାଇଁ ୭୮ ଦିନର ମଜୁରୀ ସମକକ୍ଷ ପିଏଲବି ବାବଦରେ ସର୍ବାଧିକ ୧୭,୯୫୧ ଟଙ୍କା ମିଳିବ। ଉପରୋକ୍ତ ପରିମାଣର ଅର୍ଥରାଶି ବିଭିନ୍ନ ବର୍ଗର ରେଳ କର୍ମଚାରୀଙ୍କୁ ଦିଆଯିବ। ଟ୍ରାକ୍ ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟ୍ରେନ୍ ପରିଚାଳକ (ଗାର୍ଡ), ଷ୍ଟେସନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ସହାୟକ, ପଏଣ୍ଟସମ୍ୟାନ୍, ମନ୍ତ୍ରୀସ୍ତରୀୟ କର୍ମଚାରୀ ଓ ଅନ୍ୟାନ୍ୟ ଗ୍ରୁପ୍ 'ସି' କର୍ମଚାରୀମାନେ ବୋନସ ପାଇବେ। ୨୦୨୫-୨୬ ବର୍ଷରେ ରେଳବାଇର ପ୍ରଦର୍ଶନ ବହୁତ ଭଲ ଥିଲା। ରେଳବାଇ ୧୬୭୦ ନିୟୁତ ଟନ୍ ରେକର୍ଡ କାର୍ଗୋ ଲୋଡ୍ କରିଥିଲା। ସେହିପରି ପ୍ରାୟ ୭୪୧ କୋଟି ଯାତ୍ରୀ ଟ୍ରେନ ସେବା ଉପଭୋଗ କରିଥିଲେ। ରେଳବାଇ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତାକୁ ସମ୍ମାନ ଜଣାଇ ସରକାରଙ୍କ ପକ୍ଷରୁ ଏପରି ବୋନସ ସବୁ ବର୍ଷ ଭଳି ଏଥର ମଧ୍ୟ ଘୋଷଣା ହୋଇଛି।

## ଆଜି ଛାତ୍ର ସଂସଦ ନିର୍ବାଚନ

ଭୁବନେଶ୍ୱର, ୧୪/୧୦(ନି.ପ୍ର.): ଛାତ୍ର ସଂସଦ ନିର୍ବାଚନ ନେଇ ସରିଲା ପ୍ରଚାର। ଆଜି ହ୍ୱାଏ ଆଇ ଷ୍ଟାଣ୍ଡ ଫର ମିଟିଂ। ଆସନ୍ତାକାଲି ବଛା ହେବେ ଛାତ୍ର ନେତା। ଛାତ୍ର ସଂସଦ ନିର୍ବାଚନ ନେଇ ଅପିଲ୍ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ସବୁ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଲେ ମନ୍ତ୍ରୀ। ବିନା ହିଂସାରେ ନିର୍ବାଚନ ଶେଷ କରିବାକୁ ନିବେଦନ।

ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଛାତ୍ର ନେତୃତ୍ୱକୁ ଉପଯୁକ୍ତ ସୁଯୋଗ ଦିଆଯାଇଛି। ଦୀର୍ଘ ବର୍ଷ ଧରି ବନ୍ଦ ରହିଥିବା ଛାତ୍ର ସଂସଦ ନିର୍ବାଚନ ପୁଣିଥରେ ଆରମ୍ଭ କରାଯାଉଛି। ତେଣୁ ଏହି ନିର୍ବାଚନରେ ଯେଉଁମାନେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ସମସ୍ତଙ୍କୁ ଶୁଭେଚ୍ଛା। ଆସନ୍ତାକାଲି ସମାଜ, ରାଜ୍ୟ ଓ ଦେଶକୁ ନେତୃତ୍ୱ ଦେବାରେ ସହାୟକ ହେବ। ତେଣୁ ଯେଉଁ ସବୁ ଶିକ୍ଷାନୁଷ୍ଠାନରେ ନିର୍ବାଚନ ହେଉଛି, ସେଠାକାର ଛାତ୍ରଛାତ୍ରୀ ବିନା ହିଂସାରେ ଗଣତନ୍ତ୍ରର ଏହି ଅନୁଭବରେ ସାମିଲ ହୁଅନ୍ତୁ। ଶାନ୍ତି ଓ ଶୃଙ୍ଖଳାର ସହ ନିଜର ମତଦାନ କରନ୍ତୁ। ଆସନ୍ତାକାଲିର ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସ ଓ ସମ୍ପୃକ୍ତ ବିଭାଗ ପକ୍ଷରୁ ଏକ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି। ଏହି କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟର ନିର୍ବାଚନ ପ୍ରକ୍ରିୟା ଉପରେ ନିୟମିତ ନଜର ରଖାଯାଇଛି। ନିର୍ବାଚନ କିପରି ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ସମାପ୍ତ ହେବ, ସେଥିପାଇଁ ନିରନ୍ତର ନିରୀକ୍ଷଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଗଙ୍ଗାରେ ଡଙ୍ଗା ବୁଡ଼ି ୧୪ ମୃତ

ପାଟନା, ୧୪।୧୦: ବିହାରର ହାଜିପୁରରେ ବଡ଼ ଅଘଟଣ। ଗଙ୍ଗା ନଦୀରେ ଡଙ୍ଗା ବୁଡ଼ି ୧୪ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁସାରେ, ମଙ୍ଗଳବାର ସନ୍ଧ୍ୟାରେ ପ୍ରାୟ ୨୦ ଜଣ ଯାତ୍ରୀଙ୍କୁ ନେଇ ଏକ ଡଙ୍ଗା ଗଙ୍ଗା ନଦୀ ପାର୍ ହେଉଥିଲା। ଏହି ସମୟରେ ଡଙ୍ଗାଟି ଭାରସାମ୍ୟ ହରାଇ ନଦୀରେ ଓଲଟି ପଡ଼ିଥିଲା। ଖବର ପାଇ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଦୁର୍ଘଟଣାରେ ୧୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅନ୍ୟ ଉଦ୍ଧାର ହୋଇଥିବା ଯାତ୍ରୀଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଘଟଣକୁ ନେଇ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ସିଜେପିକୁ ସମର୍ଥନ କଲେ ରାହୁଲ, କେଜ୍ରିୱାଲ, ଷ୍ଟାଲିନ, ଠାକରେ

ନୂଆଦିଲ୍ଲୀ, ୧୪।୧୦: କକ୍ରୋଚ୍ ଜନତା ପାର୍ଟିର ନେତା ଆଶୁତୋଷ ରାଙ୍କା ଓ ସୌରଭ ଦାସଙ୍କ ଗିରଫକୁ ନେଇ ବିରୋଧୀ ଦଳଗୁଡ଼ିକ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଡିଏମକେ ନେତା ଏମ୍.କେ. ଷ୍ଟାଲିନ୍, ଆପ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ, ଟିଏମସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଏବଂ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେ କହିଛନ୍ତି ଯେ ଗିରଫ କରି ସରକାର ଯୁବମାନଙ୍କ ସ୍ୱରକୁ ଚୁପ୍ କରାଇପାରିବ ନାହିଁ।

ଏହାପରେ ସିଜେପି ସଂସ୍ଥାପକ ଅଭିଜିତ୍ ଦୀପକେ ଏହି ସମସ୍ତ ନେତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବର୍ତ୍ତମାନ ଓଘଉଓଇ ମେଣ୍ଟ, ସିଜେପି ଓ ଅନ୍ୟାନ୍ୟ ବିରୋଧୀ ଦଳ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଆକ୍ରାମକ ଅବସ୍ଥାନ ନେଇଛନ୍ତି ଏବଂ ତାଙ୍କ ଇସ୍ତଫା ଦାବି କରୁଛନ୍ତି। ସେହିସହିତ ଝଓଜ ବା ବିଶେଷ ଗଭୀର ପୁନରୀକ୍ଷଣକୁ ରଦ୍ଦ କରିବାକୁ ମଧ୍ୟ ଦାବି ହେଉଛି।

ତିନୋଟି ଭିନ୍ନ ଭିନ୍ନ ପ୍ରତିବାଦ ମଧ୍ୟରେ ନେତାମାନେ ଏକତାର ବାର୍ତ୍ତା ଦେଉଛନ୍ତି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଜନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସମୟରେ ତିରଙ୍ଗା ଉଡ଼ାଇବା କୌଣସି ଅପରାଧ ନୁହେଁ ଏବଂ ଏହି କାରଣରୁ ଯୁବମାନଙ୍କୁ ଜେଲ୍‌କୁ ପଠାଇବା "କାପୁରୁଷତାପୂର୍ଣ୍ଣ ପଦକ୍ଷେପ"। ସେ କହିଛନ୍ତି, "ବ୍ୟାନର ଅଲଗା, କିନ୍ତୁ ଲକ୍ଷ୍ୟ ଗୋଟିଏ। ସମସ୍ତଙ୍କ ପ୍ରତିବାଦର ମୂଳ କାରଣ ଏକ—ନାଗରିକମାନେ ନିଜ ସାମ୍ବିଧାନିକ ଅଧିକାର ଦାବି କରୁଛନ୍ତି।" ରାହୁଲ ଗାନ୍ଧୀ ଆହୁରି କହିଛନ୍ତି, "ଜନ୍ତରମନ୍ତର ଭାରତର ଲୋକଙ୍କର। ଆମେ ଏହାକୁ ପୁନର୍ବାର ପ୍ରତିବାଦ ସ୍ଥଳ ଭାବେ ବହାଲ କରିବୁ।"

ଏମ୍.କେ. ଷ୍ଟାଲିନ୍ କହିଛନ୍ତି, "ଏହି ସରକାର କେତେ ପ୍ରତିବାଦକାରୀଙ୍କୁ ଅଟକାଇପାରିବ ଈଓଚ କେତେ ଯୁବକ-ଯୁବତୀଙ୍କ ସ୍ୱରକୁ ଦମନ କରିପାରିବ ସେମାନେ ଯେତେ ଅଧିକ ଯୁବକୁ ଜେଲ୍‌କୁ ପଠାଇବେ, ସେତେ ଅଧିକ ସାଧାରଣ ନାଗରିକ—ଯାହାଙ୍କର କୌଣସି ରାଜନୈତିକ ଦଳ ସହ ସମ୍ପର୍କ ନାହିଁ—ରାସ୍ତାକୁ ନାମିବେ ଏବଂ ଜନତାର ପ୍ରକୃତ ଶକ୍ତି ଦେଖାଇବେ।"

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମଧ୍ୟ ଗିରଫକୁ ନେଇ ପ୍ରଶ୍ନ ଉଠାଇ କହିଛନ୍ତି—ନିଜ ଦେଶରେ ନିଜ ଜାତୀୟ ପତାକା ଉଡ଼ାଇବା କ'ଣ ଅପରାଧ ଏହା ସମ୍ପୂର୍ଣ୍ଣ ଅବାକ୍ କରିଦେବା ଭଳି ଘଟଣା। ସରକାର ଓ ଦିଲ୍ଲୀ ପୋଲିସ ଜନ୍ତରମନ୍ତରକୁ ପ୍ରତିବାଦ ସ୍ଥଳ ଭାବେ ଅଧିସୂଚନାରୁ ବାଦ ଦେଇଥିଲେ। ଏହାର ପ୍ରତିବାଦରେ ସିଜେପି ନେତା ସୌରଭ ଦାସ ଓ ଆଶୁତୋଷ ରାଙ୍କା ୧୩ ଅକ୍ଟୋବରରେ ଗେଟ୍ ଟପି ଜନ୍ତରମନ୍ତରକୁ ପହଞ୍ଚିଥିଲେ। ସେମାନଙ୍କ ସହ କିଛି କର୍ମୀ ମଧ୍ୟ ଥିଲେ। ପୋଲିସ ସମସ୍ତଙ୍କୁ ହିରାସତକୁ ନେଇଥିଲା।

ପରବର୍ତ୍ତୀ ସକାଳେ ପୋଲିସ ରାଙ୍କା ଓ ଦାସଙ୍କୁ ଗିରଫ କରି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରିଥିଲା। ସେଠାରୁ ସେମାନଙ୍କୁ ୫ ଦିନର ବିଚାର ବିଭାଗୀୟ ହିରାସତକୁ ପଠାଯାଇଥିଲା। ଆଦିତ୍ୟ ଠାକରେ କହିଛନ୍ତି, ଜନ୍ତରମନ୍ତରରେ ତିରଙ୍ଗା ଉଡ଼ାଇବା ପାଇଁ ସରକାର ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଜେଲ୍‌କୁ ପଠାଇଛି। ସେ ପ୍ରଶ୍ନ କରିଛନ୍ତି, "ନିଜ ଦେଶରେ ଯୁବ ଭାରତୀୟମାନେ ଜାତୀୟ ପତାକା ଉଡ଼ାଇବା କେବେଠାରୁ ଅପରାଧ ହେଲା" ସେ କହିଛନ୍ତି, ସରକାର ଓ ଦେଶଭକ୍ତ ଯୁବମାନଙ୍କ ମଧ୍ୟରେ ଏହି ଲଢେଇ ଗଣତନ୍ତ୍ର ପୁନଃସ୍ଥାପିତ ହେବା ପର୍ଯ୍ୟନ୍ତ ଜାରି ରହିବ।

ଟିଏମସି ନେତା ଅଭିଷେକ ବାନାର୍ଜୀ କହିଛନ୍ତି, ଯେଉଁମାନେ ନିଜକୁ ସବୁଠାରୁ ବଡ଼ ରାଷ୍ଟ୍ରବାଦୀ ବୋଲି କହୁଛନ୍ତି, ସେମାନେ ଏବେ ଭାରତୀୟଙ୍କୁ ନିଜ ଦେଶରେ ତିରଙ୍ଗା ଉଡ଼ାଇବା ପାଇଁ ଗିରଫ କରୁଛନ୍ତି। କେନ୍ଦ୍ର ସରକାରଙ୍କ ଦୃଷ୍ଟିରେ ଏହା ଶାନ୍ତି ଭଙ୍ଗ କରିବା ସମାନ ବୋଲି ସେ ଅଭିଯୋଗ କରିଛନ୍ତି। ସେ ଏହାକୁ "ଈଓଚର ନୂଆ ପାକିସ୍ତାନ ସଦୃଶ ଭାରତ" ବୋଲି ଟୀକା କରିଛନ୍ତି।

## ଘୂର୍ଣ୍ଣିବଳୟ ମିଳେଇଗଲା
### ଲଘୁଚାପ ହେବନି, କୋହଲା ପାଗ ସହ ହାଲୁକା ବର୍ଷା

ଭୁବନେଶ୍ୱର, ୧୪।୧୦: ଲଘୁଚାପ ହେଲାନି। ଆଣ୍ଡାମାନ ସାଗର ନିକଟରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ହିଁ ମିଳେଇଗଲା। ଆଉ ଲଘୁଚାପର କୌଣସି ସମ୍ଭାବନା ନାହିଁ। ପାର୍ବଣ ଭିତରେ ଏହି ଖବର ପୂଜା ବଜାରକୁ ବଡ ଆଶ୍ୱସ୍ତି ଦେଇଛି। କାରଣ ଏବେ ପୂଜା ଭିତରେ ଆଉ ବଡ ବର୍ଷା ସମ୍ଭାବନା କମ୍। ହେଲେ ପୂର୍ବ ଦିଗରୁ ପ୍ରବାହିତ ପବନ ଯୋଗୁ ଆକାଶ ମେଘୁଆ ରହିବା ସହ କିଛି କିଛି ଜାଗାରେ ହାଲୁକା ବର୍ଷା ହୋଇପାରେ। ବିଶେଷ କରି ଦକ୍ଷିଣ ଉପକୂଳ ଅଞ୍ଚଳରେ ବର୍ଷା ସମ୍ଭାବନା ଅଛି। କିନ୍ତୁ, ଉତ୍ତର ଓଡିଶା ଶୁଖିଲା ରହିପାରେ। ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଶ୍ରୀଲଙ୍କା ଉପକୂଳ ନିକଟରେ ଏକ ଘୂର୍ଣ୍ଣିବଳୟ ରହିଛି। ସେଠାରୁ ଏକ ଟ୍ରଫଲାଇନ୍ (ନିମ୍ନଚାପ ରେଖା) ଲମ୍ବିଛି। ଏହା ପ୍ରଭାବରେ ହିଁ ପୂର୍ବ ପଟୁ ସମୁଦ୍ରରୁ ଯେଉଁ ପବନ ପ୍ରବାହିତ ହେଉଛି, ସେଥିରେ ଜଳୀୟବାଷ୍ପ ରହିଛି। ଏହା ହିଁ ବର୍ଷା କରାଇବ।



ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି, ଆସନ୍ତା ୫-୬ଦିନ ଯାଏଁ ରାଜ୍ୟର କେତେକ ଅଞ୍ଚଳରେ ହାଲୁକାରୁ ମଧ୍ୟମ ବର୍ଷା ହୋଇପାରେ। ମଙ୍ଗଳବାର ଭୁବନେଶ୍ୱର, ପୁରୀ ସମେତ କିଛି ଜାଗାରେ ହାଲୁକା ବର୍ଷା ହୋଇଛି। ପାଗ ମଧ୍ୟ ଆଂଶିକ ମେଘୁଆ ରହିଥିଲା। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡର ଅଳ୍ପ କେତେକ ସ୍ଥାନ ସହ ସୁନ୍ଦରଗଡ, ଦେବଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, ମୟୂରଭଞ୍ଜ, କନ୍ଧମାଳର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ଅଛି।

୨୦ ତାରିଖ ପର୍ଯ୍ୟନ୍ତ ଏଭଳି ବର୍ଷା କିଛି କିଛି ଜାଗାରେ ରହିପାରେ। ମାତ୍ର ବଡ ଧରଣର ବର୍ଷା ସମ୍ଭାବନା କମ୍। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଜଳବାୟୁ ଓ ପରିବେଶ କେନ୍ଦ୍ର (ସିଇସି) ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁଙ୍କ କହିବାନୁସାରେ ଲଗାଣ କିମ୍ବା ବଡଧରଣର ବର୍ଷା ସମ୍ଭାବନା ନାହିଁ। ବୁଧବାର ଯାଏ ବର୍ଷା ରହିପାରେ। ତା' ପରେ କାଁ ଭାଁ ବର୍ଷା ସମ୍ଭାବନା ଅଛି। ଦକ୍ଷିଣ ଉପକୂଳର କିଛି କିଛି ଜାଗାରେ ହାଲୁକା ବର୍ଷା ହୋଇପାରେ ବୋଲି ଡ. ସାହୁ କହିଛନ୍ତି।



# ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଓ ମାଗଣା ହେଲମେଟ ବଣ୍ଟନ

ବଲାଙ୍ଗୀର,୧୪।୧୦ :(ମନ୍ଥନ) ପରିବହନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ତଥା 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ଜିଲ୍ଲା ପରିବହନ ବିଭାଗ ତରଫରୁ ପି.ପି. ଏକାଡେମୀ ଠାରେ ସଡ଼କ ସୁରକ୍ଷା ସମ୍ପର୍କିତ ଚିତ୍ରାଙ୍କନ ଓ ସ୍ଲୋଗାନ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଜେତାମାନଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ, ପ୍ରିୟବ୍ରତ ମହାନ୍ତିଙ୍କ ସମେତ ପରିବହନ ବିଭାଗର ଅନ୍ୟାନ୍ୟ କର୍ମଚାରୀ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ଏବଂ ପି.ପି. ଏକାଡେମୀର ଅଧ୍ୟକ୍ଷ ଓ ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସେହିପରି ଅନ୍ୟ ଏକ କାର୍ଯ୍ୟକ୍ରମ ରେ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ଦେଓଗାଁ ରୋଡ୍ ?ସ୍ଥିତ ଜାତୀୟ ରାଜପଥ-୨୬ ଠାରେ ଦୁଇଚକିଆ ଯାନ ଚାଳକମାନଙ୍କୁ ମାଗଣାରେ ହେଲମେଟ୍ ବଣ୍ଟନ କରାଯାଇଥିଲା। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୁଇଚକିଆ ଯାନ ଚାଳକମାନଙ୍କ ମଧ୍ୟରେ ହେଲମେଟ୍ ବ୍ୟବହାରର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଓ ଗୁରୁତର ଆଘାତକୁ ହ୍ରାସ କରିବା।

# ରାଜ୍ୟସ୍ତରୀୟ ସାଧାରଣ ପରିଷଦ ବୈଠକ

ବଲାଙ୍ଗିର,୧୪।୧୦ :(ମନ୍ଥନ) ଅଖିଳ ଓଡିଶା ନ୍ୟାୟିକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସାଧାରଣ ପରିଷଦ ବୈଠକ ବଲାଙ୍ଗିର ସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ସଭାଗୃହରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ଓଡିଶାର ବିଭିନ୍ନ ଜଜ୍‌ସିପ୍ ରୁ ଆସିଥିବା ନ୍ୟାୟିକ କର୍ମଚାରୀ ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି ସମାରୋହରେ ବଲାଙ୍ଗିର ର ଜିଲ୍ଲା ଓ ଦୌରା ଜଜ୍ ହରିଣ୍ମୟ ବିଶୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବଲାଙ୍ଗିରର ଭିଜିଲାନ୍ସ ଜଜ୍ ବେଣୁଧର ପତ୍ର, ବରିଷ୍ଠ ଆଇନଜିବୀ ଅମରେନ୍ଦ୍ର ମିଶ୍ର ଏବଂ ବଲାଙ୍ଗିର ବାର ଆସୋସିଏସନର ସଭାପତି ବାସୁଦେବ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଖିଳ ଓଡଶା ନ୍ୟାୟିକ କର୍ମଚାରୀ ସଂଘର ପୂର୍ବତନ ସଭାପତି ରାଜେଶ ଦୋରା ଙ୍କ ଅଧ୍ୟକ୍ଷତାରେ ବୈଠକଟି ପରିଚାଳିତ ହୋଇଥିଲା । ଏହି ରାଜ୍ୟସ୍ତରୀୟ ସମବେଶରେ ସଂଘର ନୂତନ ରାଜ୍ୟ କାର୍ଯ୍ୟକାରିଣୀ ଗଠନ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିତ୍ୟାନନ୍ଦ ଦାସ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଆୟୋଜକ ବଲାଙ୍ଗିର ଜଜ୍‌ସିପ୍ ର ପ୍ରତିନିଧି ଆକାଶ କୁମାର ତ୍ରିପାଠୀ ସଂଘର ରାଜ୍ୟ ମହାସଚିବ ଭାବେ ନିର୍ବାଚିତ ହୋଇଛନ୍ତି । ତାଙ୍କର ଏହି ବିଜୟ ବଲାଙ୍ଗିର ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଥିବାବେଳେ ଜିଲ୍ଲାର ନ୍ୟାୟିକ କର୍ମଚାରୀଙ୍କ ପାଇଁ ଏକ ଉଲ୍ଲେଖନୀୟ ସଫଳତା ଭାବେ ବିବେଚିତ ହୋଇଛି । ଅନ୍ୟାନ୍ୟ ପଦବୀ ମଧ୍ୟରେ ଦିଲେଶ୍ୱର ଦାଶ ସଭାପତି ଏବଂ ସୁବେନ୍ଦୁ ସାହୁ ସଂଗଠନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସତ୍ୟବ୍ରତ ସାହୁ, ଅଜିତ କୁମାର ଷଡଙ୍ଗୀ ଓ ବିରେନ୍ଦ୍ର କର୍ଣ୍ଣ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ଗଗନ ପାଣିଗ୍ରାହୀ, ଅଂଶୁମାନ ଦାଶ, ସୁରେଶ କିରୋ, ବିକ୍ରମ ମହାରଣା ସହକାରୀ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଏହି ରାଜ୍ୟସ୍ତରୀୟ ସମାବେଶକୁ ସଫଳା ର ସହ ଆୟୋଜନ କରିବାରେ ଅଖିଳ ଓଡିଶା ନ୍ୟାୟିକ କର୍ମଚାରୀ



ସଂଘର ବଲାଙ୍ଗିର ଜିଲ୍ଲା ଶାଖାର ଅବଦାନ ଉଲ୍ଲେଖନୀୟ ଥିଲା । ଜିଲ୍ଲା ଶାଖା ସଭାପତି ସୁବ୍ରତ କୁମାର ମିଶ୍ରଙ୍କ ସମେତ ଅନିଲ କୁମାର ତ୍ରିପାଠି, ଉତ୍ତମ ପଣ୍ଡା, ଚିତ୍ତ ରଂଜନ ପାଢୀ, ସୁଜିତ କୁମାର ସ୍ୱାଇଁ, ବିଶ୍ୱ ରଂଜନ ପୃସେଠ, ଲକ୍ଷ୍ମୀନାରାୟଣ ସିଂହ ଓ ଶ୍ରଦ୍ଧାଞ୍ଜଳି ମେହେର ଙ୍କ ସକ୍ରିୟ ସହଯୋଗ ଓ ନିଷ୍ଠାପର ଉଦ୍ୟମ ଏହି ଆୟୋଜନ ସଫଳ କରିଥିଲା । ଆକାଶ କୁମାର ତ୍ରିପାଠି ଙ୍କ ରାଜ୍ୟ ମହାସଚିବ ଭାବେ ନିର୍ବାଚନ ବଲାଙ୍ଗିର ଜଜ୍‌ସିପ ପାଇଁ ଏକ ଗର୍ବର ମୁହୂର୍ତ୍ତ । ତାଙ୍କର ଏହି ନୂତନ ଦାୟିତ୍ୱ ରାଜ୍ୟସ୍ତରରେ ବଲାଙ୍ଗିରର ପ୍ରତିନିଧିତ୍ୱ କୁ ଆହୁରି ସୁଦୃଢ କରିବା ସହ ନ୍ୟାୟିକ କର୍ମଚାରୀଙ୍କ ସମସ୍ୟା ଓ ଦାବି ଗୁଡିକୁ ଉପଯୁକ୍ତ ମଂଚରେ ଉପସ୍ଥାପନ କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି ।

# ବେଆଇନ ଗୋଚାଲାଣ ଘଟଣାରେ ପୁଣି ୨ ଗିରଫ

ବୁଗୁଡା,୧୪।୧୦ :(ମନ୍ଥନ) ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମଠାରେ ବେଆଇନ ଗୋଚାଲାଣ ଘଟଣାରେ ପୂର୍ବରୁ ବ୍ୟବସାୟୀ ରବିନ୍ଦ୍ର ଗୌଡକୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏବେ ପୁଣି ସେହି ଘଟଣାରେ ବ୍ୟବହୃତ ପିକଅପ୍ ଗାଡିର ଡ୍ରାଇଭର ଓ ହେଲପରକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଡ୍ରାଇଭର ଓ ହେଲପର ଉଭୟ ଯଥାକ୍ରମେ ହେଲେ ଆସ୍କା ଥାନା ଅନ୍ତର୍ଗତ ଗୁଣ୍ଡିପଡା ଗ୍ରାମର କାହ୍ନୁଚରଣ ଗୌଡ(୨୫) ଓ ସୁମନ୍ତପଲ୍ଲୀ ଗାଁର ବିନୋଦ ଗୌଡ । ଏ ନେଇ ପୂର୍ବରୁ ବୁଗୁଡ଼ା ଥାନାରେ କେସ୍ ନଂ ୫୦୪/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ୯ ତାରିଖ ରାତିରେ ପୋଲିସ ବେତାରସିଂ ଗାଁଠାରେ ୩ଟି ଗାଈ ବୋଝେଇ ଏକ ପିକଅପ୍ ଗାଡିକୁ ଜବତ ସହ ବ୍ୟବସାୟୀ ରବିନ୍ଦ୍ରକୁ ଗିରଫ କରିଥିଲା । ତେବେ ସେହି ବେଆଇନ ଗୋଚାଲାଣରେ ସମ୍ପୃକ୍ତ ଡ୍ରାଇଭର କାହ୍ନୁଚରଣ ଓ ହେଲପର ବିନୋଦକୁ ପୋଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏହି ଘଟଣାର ତଦନ୍ତ ଦାୟିତ୍ୱରେ ଏଏସଆଇ ସୁମନ୍ତ କୁମାର ବେହେରା ରହିଥିବା ଜଣାଯାଇଛି।

# ୧୪ ଜଣ ଦାଦନ ଶ୍ରମିକ ଉଦ୍ଧାର

ପାଟଣାଗଡ଼, ୧୪।୧୦ :(ମନ୍ଥନ) ବଲାଙ୍ଗିର ଜିଲ୍ଲା ଏକ ଦାଦନ ପ୍ରବଣ ଜିଲ୍ଲା ଭାବେ ବେଶ୍ ପରିଚିତ ଥିବା ବେଳେ ଏଠିକାର ହଜାର ହଜାର ଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ପରେ ପରେ ଏହି ଦାଦନ ଋତୁ ଆରମ୍ଭ ହୋଇଥାଏ। ସମସ୍ତ ଶ୍ରମିକ ନୂଆଁଖାଇ ପର୍ବ ପାଇଁ ସର୍ଦ୍ଦାର ମାନଙ୍କ ଠାରୁ ବଇନା ନେଇଥାନ୍ତି ଏବଂ ନବାନ୍ନ ଭକ୍ଷଣ କରି ମଜାମଜଲିସ କରନ୍ତି ଓ ଦଶହରା ଆସିବା କ୍ଷଣି ବଜାର ଭଳି ଦାଦନ ପସରା ଦେଖିବାକୁ ମିଳେ। ଏବେ ସେହି ଦଶହରା ପର୍ବ ଚାଲୁଥିବା ବେଳେ ଦାଦନ ପସରା ର ପ୍ରାରମ୍ଭ ହୋଇଯାଇଛି। ପ୍ରଥମେ ବଲାଙ୍ଗିର ଜିଲ୍ଲା ବେଲପଡା ପୋଲିସ ଦ୍ୱାରା ୧୬ ଜଣ ଦାଦନ ଶ୍ରମିକ ଉଦ୍ଧାର ହୋଇଥିବା ବେଳେ ଲାଠୋର ପୋଲିସ ଦ୍ୱାରା ୮ ଜଣ ଦାଦନ ଶ୍ରମିକ ଉଦ୍ଧାର ହୋଇଥିଲା। ଆଜି ପୁଣି ଖପ୍ରାଖୋଲ ପୋଲିସ ଦ୍ୱାରା ଦାଦନ ଶ୍ରମିକ ଉଦ୍ଧାର ହୋଇଥିବା ବେଳେ ଜଣେ ଦଲାଲ୍ ଗିରଫ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଲାଠୋର ଥାନା ରେଙ୍ଗାଲି ଗାଁର ଦଲାଲ୍ ଗୌତମ ଧରୁଆ(୪୨) ପିତା. ମକରନ୍ଦ ଧରୁଆ ଗ୍ରାମ ର ୧୪ ଜଣ ଦାଦନ ଶ୍ରମିକଙ୍କୁ ରାତ୍ର ୧.୪୫ ଟାରେ ଏକ ବୋଲେରୋ ଯୋଗେ ଲାଠୋର ରେଲୱେ ଷ୍ଟେସନ କୁ ନେଉଥିବା ବେଳେ ମାଲପଡା ଠାରେ ପୋଲିସ ହାବୁଡ଼ରେ ପଡ଼ିଥିଲା। ଖପ୍ରାଖୋଲ ପୋଲିସ ଷ୍ଟେସନ କୁ ଶ୍ରମିକ ଓ ଦଲାଲ୍ କୁ ନେଇ ତଦନ୍ତ କରି ବେଆଇନ୍ ଭାବେ ନିଜାମ୍ ବାଦ ଚାଲାଣ କରୁଥିବା ଜାଣିବାକୁ ପାଇଥିଲେ। ଚାଲାଣ ହେଉଥିବା ବଲୋରୋ ଗାଡ଼ି କୁ ଜବତ କରି ଦଲାଲ୍ ଗୌତମ ଧରୁଆ ଓ ଡ୍ରାଇଭର ନବୀନ ନାଗ (୩୮)ନାଁରେ ବିଭିନ୍ନ ମାମଲା ରୁଜୁ କରି ପାଟଣାଗଡ଼ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି। ତିନୋଟି ଥାନା ରେ ଦାଦନ ଉଦ୍ଧାର କରାଯାଇଥିବା ବେଳେ ବଲାଙ୍ଗିର ଜିଲ୍ଲା ର କେଉଁ ଥାନା ଦାଦନ ଶ୍ରମିକ ଉଦ୍ଧାର ରେ ଏକ ନମ୍ବର ହେଉଛି ଦେଖିବାକୁ ବାକି ରହିଲା।

# ରାମବାଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା ସଭା ଅନୁଷ୍ଠିତ

ଯାଜପୁର,୧୪।୧୦ :(ମନ୍ଥନ) ରାମବାଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଧକ୍ଷତା କରି ପ୍ରାଧିକରଣର ସଚିବ ଲିପା ମହାନ୍ତି ଜିଲ୍ଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟପରିସର ଏବଂ କେଉଁମାନେ ଏହାର ସହାୟତା ନେଇପାରିବେ, ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ବିଦ୍ୟାଳୟସ୍ତରୀୟ ଆଇନ ସାକ୍ଷରତା କ୍ଲବ୍‌ର ଉପାଦେୟତା ଓ କାର୍ଯ୍ୟକ୍ରମ ସମ୍ପର୍କରେ ମଧ ସେ ଅବଗତ କରାଇଥିଲେ। ଅତିଥି ଆଲୋଚକ ଭାବେ ଯୋଗଦେଇ ପ୍ରାଧିକରଣର ପୂର୍ବତନ ସଦସ୍ୟ ତଥା ସାମାଜିକ କର୍ମୀ ଡ. ରୁଦ୍ରନାରାୟଣ ପୃଷ୍ଟି ଯୌତୁକ ନିରାକରଣ ସମ୍ପର୍କିତ ସଚେତନତା ଓ ଜନସମ୍ପର୍କ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ପାଠ୍ୟକ୍ରମରେ



ଯୌତୁକଜନିତ ଅପରାଧକୁ କିପରି ଅନ୍ତର୍ଭୁକ୍ତ କରାଯାଇପାରିବ ଏବଂ ଏ ସମ୍ପର୍କରେ ପଥପ୍ରାନ୍ତ ନାଟକ ପରିବେଷଣ ଦ୍ୱାରା କିପରି ଜନସଚେତନତା ସୃଷ୍ଟି କରାଯାଇପାରିବ, ସେ ସମ୍ପର୍କରେ ସେ ମତ ରଖିଥିଲେ। ଏଥିସହ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପରାମର୍ଶ, ପ୍ରାକୃତିକ ଓ ମାନବକୃତ ବିପର୍ଯ୍ୟୟରେ ପୀଡ଼ିତଙ୍କୁ ଆଇନଗତ ସହାୟତା ପ୍ରଦାନ ଏବଂ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଅଧିନିୟମ, ୨୦୧୨ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଶିଶୁ ଅଧିକାର ଓ ଯୌତୁକ ନିରାକରଣ ସମ୍ପର୍କିତ ବିଷୟବସ୍ତୁକୁ ନେଇ ବିଦ୍ୟାଳୟର ଛାତ୍ରୀମାନେ ଦୁଇଟି କ୍ଷୁଦ୍ର ନାଟିକା ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁନମୁନ ସାଗରିକା ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆଇନ ସାକ୍ଷରତା କ୍ଲବ୍‌ର ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ବବିତା ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅନ୍ୟତମ ଶିକ୍ଷୟିତ୍ରୀ ସୁଭଦ୍ରା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ହଷ୍ଟେଲ୍‌ରୁ ପ୍ରାର୍ଥୀ ନିଖୋଜ୍

ଯାଜପୁର,୧୪।୧୦ :(ମନ୍ଥନ) ଆସନ୍ତା କାଲି ଛାତ୍ର ସଂସଦ ନିର୍ବାଚନ । ଆଜି ଥିଲା ହ୍ୱାୟ ଆଇ ଷ୍ଟାଣ୍ଡ ଫର ମିଟିଂ । ନିର୍ବାଚନ ପୂର୍ବରୁ ଜଣେ ପ୍ରାର୍ଥୀ ଅନୁପସ୍ଥିତି ରହିବା କୁ ନେଇ ଦେଖାଦେଇଛି ଅସନ୍ତୋଷ । ଅନୁପସ୍ଥିତ ପ୍ରାର୍ଥୀ ପାର୍ଥୀ ହେଉଛନ୍ତି ନରସିଂହ ଚୌଧୁରୀ ମହାବିଦ୍ୟାଳୟ ର ଆସିଷ୍ଟାଣ୍ଟ ସେକ୍ରେଟାରୀ ଅଫ୍ ବଏଜ୍ କମନ୍ ରୁମ୍ ର ବିଶ୍ୱଜିତ୍ ସାହୁ । ସେ ଗତ କାଲି ଠାରୁ ହଷ୍ଟେଲ ରୁ ନିଖୋଜ ଥିବା ନେଇ ଛାତ୍ର ଛାତ୍ରୀ ମାନେ କଲେଜ୍ ଅଧକ୍ଷ ଙ୍କୁ ଜଣାଇବା ସହ ୱାଏ ଆଣ୍ଡ ଷ୍ଟାଣ୍ଡ ଫର୍ ମିଟିଂ ରେ ଜଣାଇଲେ ସହଯୋଗୀ ଛାତ୍ର ଛାତ୍ରୀ । ସେ ଏବିଭିପି ର ପାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ । ଅନ୍ୟପଟେ ନିଖୋଜ ଥିବା ପାର୍ଥୀ କୁ ଖୋଜି ଆଣିବାକୁ ଅନୁରୋଧ କରିଛନ୍ତି ପାର୍ଥୀଙ୍କ ସାଙ୍ଗ ସାଥୀ । ତେବେ କିଛି ପିଲା ଅଭିଯୋଗ ଏନେଇ ଅଭିଯୋଗ କରିବା ପରେ ହଷ୍ଟେଲ ଅଧୀକ୍ଷକଙ୍କ ସହ ଆଲୋଚନା କରାଯାଇ ଥାନା ରେ ଲିଖିତ ଅଭିଯୋଗ କରାଯାଇଥିବା କହିଛନ୍ତି ପ୍ରିନିସ ପାଲ ।

# ଗ୍ରାସୀମ କମ୍ପାନୀ ପକ୍ଷରୁ ମକ୍ ଡ୍ରିଲ୍ ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ

ଗଞ୍ଜାମ, ୧୪।୧୦ :(ମନ୍ଥନ) ଗଞ୍ଜାମ ସହର ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ପକ୍ଷରୁ ମଙ୍ଗଳବାର ଏକ 'ଅଫ୍-ସାଇଟ୍ ମକ୍ ଡ୍ରିଲ୍' ସଫଳତାର ସହ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାରଖାନା ଓ ବଏଲର୍ ବିଭାଗର ସହକାରୀ ନିର୍ଦ୍ଦେଶକ ରଞ୍ଜିତ କୁମାର ନାୟକ, ଓ ଏସ ଡ଼ି ଏମ ଏ ର ଡିପିଓ ଦେବେନ୍ଦ୍ର ନାୟକ, 'ଦୀପକ ଫର୍ଟିଲାଇଜର୍ସ'ର ଦଳ, ଗ୍ରାସିମ୍ ୟୁନିଟ୍ ଜୟଦୀପ ମଣ୍ଡଳ, ସୁରକ୍ଷା ଓ ଅଗ୍ନି ନିର୍ବାପକ ବିଭାଗର ମୁଖ୍ୟ ମହେନ୍ଦ୍ର ବିଶ୍ୱାଳଙ୍କ ସମେତ ଜିଲ୍ଲା ଅଗ୍ନିଶମ ବିଭାଗ, ପୋଲିସ, ଏସ ପି ସି ବି ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି, ସମନ୍ୱୟ ଏବଂ ପ୍ରତିକ୍ରିୟା ଦକ୍ଷତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଅଭ୍ୟାସରେ ସୁରକ୍ଷା, ଅଗ୍ନି ନିର୍ବାପକ, ଉତ୍ପାଦନ, ପରିଚାଳନା, ଜରୁରୀକାଳୀନ ପ୍ରତିକ୍ରିୟା ଦଳ, ଶ୍ରମିକ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ମିଶାଇ ମୋଟ ୧୭୫ ଜଣ ଅଂଶଗ୍ରହଣ କରିଥିଲେ।

## ଜୁଆ ଆଡାରେ ଚଢ଼ାଉ.... ୬ ଜୁଆଡ଼ି ଗିରଫ

ଗଞ୍ଜାମ,୧୪।୧୦ :(ମନ୍ଥନ) ଗଞ୍ଜାମ ଥାନା ଅନ୍ତର୍ଗତ କାଇଁଚପୁର ପଂଚାୟତ ର ମାଳି ଜଗନ୍ନାଥ ପୁର ଗ୍ରାମ ନିକଟରେ ଅବସ୍ଥିତ ବାଲି ଲୋକନାଥ ମନ୍ଦିର ପାର୍ଶ୍ୱରେ ରହିଥିବା କାଜୁ ଜଙ୍ଗଲ ମଧ୍ୟରେ ଚାଲିଥିବା ଜୁଆ ଆଡା ଉପରେ ପୋଲିସ ଚଢ଼ାଉ କରି ୬ ଜଣ କୁ ସେଠାରୁ ଗିରଫ କରିଛି । ସେମାନଙ୍କ ଠାରୁ ୯୧ ହଜାର ଟଙ୍କା, ସାତୋଟି ମୋବାଇଲ, ପୋଲିସ ଜବତ କରିଛି ।ଏନେଇ ପୁଲିସ ପକ୍ଷରୁ ଏକ ମକଦ୍ଦମା ୨୮୬/୨୬ ରେ ରୁଜୁ ହୋଇଛି ।

## ଧର୍ମ ପରାୟଣ ମହିଳାଙ୍କ ପରଲୋକ

ଗଞ୍ଜାମ,୧୪।୧୦ :(ମନ୍ଥନ) ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ପଣ୍ଡା ସାହିର ଧର୍ମ ପରାୟଣ ମହିଳା କୁମୁଦିନୀ ଦାଶ (୬୬)ଙ୍କ ବିୟୋଗ ଘଟିଛି । ତାଙ୍କର ଶାରୀରିକ ଅସୁସ୍ଥତା ରହିଥିବାରୁ ସେ ବ୍ରହ୍ମପୁର ଏମ କେ ସି ଜି ମେଡିକାଲ ରେ ଚିକିତ୍ସା ହେଉଥିଲେ । ଚିକିତ୍ସାଳୀନ ସମୟରେ ତାଙ୍କର ପରଲୋକ ଘଟିଥିଲା କ୍ଷ ତାଙ୍କର ବିୟୋଗରେ ଆତ୍ମୀୟ ସ୍ୱଜନ ଓ ସ୍ଥାନୀୟ ଅଞ୍ଚଳ ରେ ଶୋକର ଛାୟା ଖେଳି ଯାଇଥିଲା । ସେ ଜଣେ ଧର୍ମପରାୟଣ, ସ୍ୱଷ୍ଟବାଦୀ, ପରୋପକାରୀ, ମିଷ୍ଟଭାସି ସ୍ୱଭାବର ବ୍ୟକ୍ତିତ୍ୱ ରହିଥିଲେ । ତାଙ୍କର ଶ୍ରୀକ୍ଷେତ୍ର ପୁରୀ ସ୍ୱର୍ଗ ଦ୍ୱାର ରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା ।ତାଙ୍କର ଜୈଷ୍ଟ ପୁତ୍ର ଗୋବିନ୍ଦ ଚନ୍ଦ୍ର ଦାଶ ମୁଖାଗ୍ନି ଦେଇଥିଲେ ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ଅନୁଗୋଳ୧୪।୧୦ :(ମନ୍ଥନ) ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍ତରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସେପ୍ଟେମ୍ବର ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ




ସେପ୍ଟେମ୍ବର ମାସରେ ଜିଲ୍ଲାରେ ମୋଟ ୩୩ଟି ଦୁର୍ଘଟଣା ଘଟିଥିବାବେଳେ ୧୨ଜଣଙ୍କର ମୃତ୍ୟୁ ଘଟିଛି ଓ ୨୧ଜଣ ଆହତ ହୋଇଛନ୍ତି । ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡି ଚାଳଣ ଯୋଗୁଁ ୯୨୦ଜଣ, ଦ୍ରୁତ ଗାଡି ଚାଳନ କରିବା ଯୋଗୁଁ ୮୨୩ଜଣ , ମଦ୍ୟପାନ କରି ଗାଡି ଚାଳନା ନିମନ୍ତେ ୩୩ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୬୬ ଜଣଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବାବେଳେ ୫୭୮ ଜଣଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିଲା । ବୈଠକର ନିଷ୍ପତ୍ତି ଅନୁସାରେ, ଜାତୀୟ ରାଜପଥର ପାର୍ଶ୍ୱରେ ଥିବା ଢାବା ଗୁଡିକର ବେଆଇନ ପାର୍କିଂ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିଭଳି ଗାଈଗୋରୁଙ୍କୁ ନିୟନ୍ ରିଫ୍‌ଲେକ୍ଟର ବେଲ୍ଟ ଲଗାଇବା ଉପରେ ବିଶେଷ ଧାନ ଦିଆଯିବ। ଜାତୀୟ ରାଜପଥରେ ଅଧିକ ସଂଖ୍ୟକ ବ୍ଲିଙ୍କର ଲାଇଟ୍ ଲଗାଯିବା ନିମନ୍ତେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ଆଶିଷ ରଞ୍ଜନ ସାହୁ, ତାଳଚେର ଉପଜିଲ୍ଲାପାଳ ଶ୍ରୀ ପ୍ରଜ୍ଞାନନ୍ଦନ ଗିରି , ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁକୁମାର ତ୍ରିପାଠୀ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ଦାସ, ବରିଷ୍ଠ ସାମ୍ବାଦିକ ଶ୍ରୀ ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ମଝି ରାସ୍ତାରେ ଅଟକିଲା ଛାତ୍ରଛାତ୍ରୀଙ୍କ ବସ୍

ମୋରଡା,୧୪।୧୦ :(ମନ୍ଥନ) ନିର୍ବାଚନ ପୂର୍ବରୁ ତୀର୍ଥ ଭ୍ରମଣକୁ ନେଇ ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅଧୀନ ଚିତ୍ରଡା କଲେଜ କ୍ୟାମ୍ପସ ନିକଟରେ ରାଜନୈତିକ ଉଷ୍ମତା ଲାଗି ରହିଥିବା ବେଳେ ହିଂସା ଏଡାଇବାକୁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି ।ଛାତ୍ର ସଂସଦ ନିର୍ବାଚନ ଘୋଷଣା ହେବା ପରଠୁ ବିଭିନ୍ନ ରାଜନୈତିକ ଦଳମାନେ ନିଜ ନିଜର ପତିଆରା ଜାହିର କରିବାକୁ ଉଦ୍ୟମ ଜାରି ରଖିଛନ୍ତି ।ଏହା ସହିତ ନିଜ ଦଳ ସମର୍ଥିତ ପ୍ରାର୍ଥୀମାନଙ୍କୁ ସମର୍ଥନ କରିବାପାଇଁ ଛାତ୍ର ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଉଥିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି ।ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଳମ୍ବିତ ରାତିରେ ଚିତ୍ରଡା କଲେଜର ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ନେଇ ଦୁଇଟି ବସ ପୁରୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ମୋରଡା ଏବଂ ବେତନଟୀ ପୁଲିସ ମିଳିତଭାବେ ଦାନ୍ତିଆମୁହାଁ ନିକଟରେ ବସକୁ ଅଟକାଇବା ସହ ବେତନଟୀ ଥାନାକୁ ନେଇଥିଲେ ।ତେବେ ଗୁରୁବାର ଛାତ୍ର ସଂସଦ ନିର୍ବାଚନ ଥିବାରୁ ନିର୍ବାଚନ ଆଚରଣବିଧିକୁ ଉଲଘଂନ କରି ଏତେ ସଂଖ୍ୟକ ପିଲାଙ୍କୁ କିଏ କାହା ଅନୁମତିରେ ବିଳମ୍ବିତ ରାତିରେ ଅଚାନକ ପୁରୀ ଭ୍ରମଣ କରାଇବା ନା ଆଉ କୈଣସି ରାଜନୈତିକ ଉଦ୍ଦେଶ୍ୟରେ ବସରେ ଯାତ୍ରା କରୁଥିଲେ ତାହା ପୁଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା ।ତେବେ କଲେଜ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ବିଳମ୍ବିତ ରାତିରେ ତୀର୍ଥ ଭ୍ରମଣ ଘଟଣା ପୁଲିସର ସନ୍ଦେହକୁ ଦୃଢ଼ୀଭୂତ କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପିଲାଙ୍କ ଅଭିଭାବକ ମାନଙ୍କୁ ରାତିରେ ଡକାଇ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଜିମାରେ ଛାଡ଼ିଥିବା ମୋରଡା ଥାନା ଅଧିକାରୀ ସୁମିତ କୁମାର ସୋରେନ କହିଛନ୍ତି ।ଏହା ସହିତ ନିର୍ବାଚନ ଆଚରଣବିଧି ଉଲଘଂନ କରିବା ଅପରାଧରେ ପୁଲିସ ଦୁଇଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିବା ସୂଚନା ମିଳିଛି ।

# ମହିଳା ଅଧିକାର,ଲିଙ୍ଗଗତ ସମାନତା ଏବଂ ସାମାଜିକ ଆନ୍ତର୍ଭୁକ୍ତି କରଣ ସଚେତନତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

କୁଚିଣ୍ଡା,୧୪।୧୦ :(ମନ୍ଥନ) କୁଚିଣ୍ଡା ବ୍ଲକ ଅନ୍ତର୍ଗତ ତେଲିତିଳେଇମାଲ ଗ୍ରାମ ପଞ୍ଚାୟତର ଡନସନାଡ଼ିହି ଗ୍ରାମରେ ଜାତୀୟ ଭାରତ ପ୍ରତିଷ୍ଠାନ , ଭୁବନେଶ୍ୱର ଏବଂ କୁଚିଣ୍ଡାସ୍ଥିତ ରୋପ ଅନୁଷ୍ଠାନର ମିଳିତ ଉଦ୍ୟମରେ ମହିଳା ଅଧିକାର, ଲିଙ୍ଗଗତ ସମାନତା ଓ ସାମାଜିକ ଅନ୍ତର୍ଭୁକ୍ତିକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଗ୍ରାମର ମହିଳା ଓ କିଶୋରୀ ବାଳିକାମାନେ ଯୋଗଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ରୋପ ଅନୁଷ୍ଠାନର ସଂଯୋଜକ ବିମଳ ମେହେର ସଭା ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ସ୍ତରୀୟ ଶିଶୁ ସୁରକ୍ଷା ଅଧିକାରୀ ସରିତା ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସୁପରଭାଇଜର ଯମୁନା ବାଘ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏମ୍‌ବିକେ ବିଶାଖା କିସାନ, ଏଏନ୍ଏମ୍ ବସୁମତୀ ପ୍ରଧାନ, ଅଙ୍ଗନବାଡ଼ି କର୍ମୀ ଦୀପାଞ୍ଜଳି ନାୟକ, ଆଶା କର୍ମୀ ସୁରେଖା ବଙ୍କରା, କୃଷିମିତ୍ର ମଞ୍ଜୁଲତା ନାଏକ ଓ ପ୍ରଧାନ ଶିକ୍ଷୟିତ୍ରୀ ଉମା ମିର୍ଦ୍ଧା ଉପସ୍ଥିତ ଥିଲେ ।ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ



କରାଯାଇଥିଲା। ଏହାପରେ ମୁଖ୍ୟବକ୍ତା ଯମୁନା ବାଘ ମହିଳା ଅଧିକାର, ଲିଙ୍ଗଗତ ସମାନତା ଓ ସାମାଜିକ ଅନ୍ତର୍ଭୁକ୍ତିକରଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ମହିଳାଙ୍କ ପ୍ରତି ଘରୋଇ ହିଂସା, ଯୌତୁକ ପ୍ରଥା, ଯୌନ ଉତ୍ପୀଡ଼ନ ଓ ଲିଙ୍ଗଗତ ଭେଦଭାବକୁ ରୋକିବା ପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ ।ଏହାସହ ମହିଳା ଓ ପୁରୁଷଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ସମାନ ସୁଯୋଗ ପ୍ରଦାନ, ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ଓ ସଶକ୍ତ କରିବା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଦିବ୍ୟାଙ୍ଗ ଏବଂ ଅନ୍ୟାନ୍ୟ ବଞ୍ଚିତ ବର୍ଗର ଲୋକଙ୍କ ଅଧିକାର ଓ ସମାନ ସୁଯୋଗ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ମହିଳାମାନେ ସରକାରୀ ଯୋଜନା, ଆଇନଗତ ସହାୟତା ଓ ଅଭିଯୋଗ ଦାଖଲ ବ୍ୟବସ୍ଥା ବିଷୟରେ ଜାଣିବା ସହ ଗ୍ରାମସଭା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଭାଗ ନେବାକୁ ସେ ଆହ୍ୱାନ ଦେଇଥିଲେ ।ସଚେତନତା ସଭା ପରେ ଡନସନାଡ଼ିହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଓ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ବାର୍ତ୍ତା ଦିଆଯାଇଥିଲା ।ଶେଷରେ ରୋପ ଅନୁଷ୍ଠାନର ସଭ୍ୟା ଜୁଲି ମହନ୍ତ ଉପସ୍ଥିତ ସମସ୍ତ ଅତିଥି, ମହିଳା, କିଶୋରୀ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇବା ସହ କାର୍ଯ୍ୟକ୍ରମର ସମାପନ କରିଥିଲେ।

## ସମୀର ଟିଭିଏସରେ ଗ୍ୟାରେଜ ମେକାନିକଙ୍କ କର୍ମଶାଳା

କେନ୍ଦ୍ରାପଡ଼ା,୧୪।୧୦ :(ମନ୍ଥନ) ଦୁହୁରିଆସ୍ଥିତ ସମୀର ଟିଭିଏସ ପରିସରରେ ଗ୍ୟାରେଜ ମେକାନିକ ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏକଶହରୁ ଉର୍ଦ୍ଧ୍ୱ ପ୍ରାଇଭେଟ ମେକାନିକମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସେଲ୍ସ(ଟିଏମ) ରବିକାନ୍ତ ଆନନ୍ଦ, ଟିଭିଏସ କ୍ରେଡିଟ୍‌ର ଓଡିଶା ମୁଖ୍ୟ ଦେବାଶିଷ ପ୍ରଧାନ, ଟିଭିଏସ କମ୍ପାନୀ ପ୍ରାଇଭେଟ ଗ୍ୟାରେଜ ମେକାନିକ ସଂଯୋଜକ ସୁନିଲ କୁମାର ପ୍ରମୁଖ ଯୋଗଦେଇ ମେକାନିକ ଭାଇମାନଙ୍କୁ କିପରି ସରଳ ଓ ସୁବିଧା ଉପାୟରେ ଟିଭିଏସର ବିଭିନ୍ନ ବାଇକ ଓ ସ୍କୁଟୀ ଗୁଡିକ ମରାମତି କରାଯାଇପାରିବ ସେ ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ସମୀର ମୋଟର୍ସର ପ୍ରତିଷ୍ଠାତା ସମୀର କୁମାର ଚାନ୍ଦ ଦୀର୍ଘ ୩୧ ବର୍ଷ ଧରି ମେକାନିକ ଭାଇମାନଙ୍କ ସହ ସୁସମ୍ପର୍କ ରଖି ଆସିଥିବାରୁ ଆଜି ଏଭଳି ଏକ ମେଗା ସୋରୁମ ଛିଡା ହୋଇ ପାରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଟିଭିଏସ କମ୍ପାନୀର ୩ଟି ନୂତନ ବାଇକର ଶୁଭ ଉଦଘାଟନ ମେକାନିକ ଭାଇମାନଙ୍କ ଦ୍ୱାରା କରାଯାଇଥିଲା।



# ଗୋବିନ୍ଦପୁର ହାଇସ୍କୁଲ ରେ ବିଜ୍ଞାନ ମେଳା 'ଚତୁରାଙ୍ଗ' ଅନୁଷ୍ଠିତ

ପିପିଲି, ୧୪।୧୦ :(ମନ୍ଥନ) ପିପିଲି ଅନ୍ତର୍ଗତ ଗୋବିନ୍ଦପୁର ହାଇସ୍କୁଲ ଠାରେ ବିଜ୍ଞାନ ମେଳା 'ଚତୁରାଙ୍ଗ'ଅନୁଷ୍ଠିତ ହୋଇଅଛି । ଏହି ମେଳାରେ ୪୮ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲାକ୍ଷ ବିଜ୍ଞାନ ମେଳାର ଉଦଯାପନ ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟବ୍ରତ ଯେନା ଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶିଶୁ ରୋଗ ବିଶେଷଜ୍ଞ ଡ଼ଃ ଭାଗବତ ସ୍ୱାଇଁ ମୁଖ୍ୟ ଅତିଥି,ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟ ବକ୍ତା ଏବଂବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟ କୁମାର ପତି,ପ୍ରାକ୍ତନ ଶିକ୍ଷୟିତ୍ରୀ ନିର୍ମଳା କୁମାରୀ ନାୟକ, ଶିକ୍ଷକ ଆଲାଉଦିନ ଅହମ୍ମଦ,ନିକଟସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମଧୁ ଛନ୍ଦା ମିଶ୍ର ପ୍ରମୁଖ ଅତିଥିଭାବେ




ଯୋଗଦେଇ ଦେଶ ତଥା ସମାଜର ପ୍ରଗତି କ୍ଷେତ୍ରରେ ବିଜ୍ଞାନ ର ଭୂମିକା ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ବିଜ୍ଞାନ ଶିକ୍ଷକ କୈଳାଶ ଚନ୍ଦ୍ର ରାଉତ, ପ୍ରଜ୍ଞାପରମିତା ରଥ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକୁ ନିରୀକ୍ଷଣ କରିଥିଲେ । ସଭା ମଞ୍ଚରେ କୃତି ପ୍ରକଳ୍ପ ଗୁଡିକୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ମହେନ୍ଦ୍ର ଡାଙ୍ଗୁଆ ସଭା ପରିଚାଳନା କରିଥିବାବେଳେ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ କୁ ପରିଚାଳନା କ୍ଷରିଥିଲେ ।ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ମଙ୍ଗଳା ମହାବିଦ୍ୟାଳୟ ରେ ଖୋଲା ଆକାଶ ତଳେ ମୁଁ କାହିଁକି ଠିଆ ହୋଇଛି କାର୍ଯ୍ୟକ୍ରମ

କାକଟପୁର,୧୪।୧୦ :(ମନ୍ଥନ) ମହାବିଦ୍ୟାଳୟ ରେ ଛାତ୍ର ସଂସଦ ନିର୍ବାଚନ । ଶିକ୍ଷାନୁଷ୍ଠାନ ହେଉଛି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ମନ୍ଦିର। ଏଠାରେ ଶିକ୍ଷା ସହିତ ନେତୃତ୍ୱ, ଶୃଙ୍ଖଳା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ବିକାଶ ହେବା କଥା। କିନ୍ତୁ ଯେତେବେଳେ ଏକ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପରି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ସହ ଜଡ଼ିତ କାର୍ଯ୍ୟକ୍ରମରେ ମୌଳିକ ବ୍ୟବସ୍ଥାର ଅଭାବ ଦେଖାଦିଏ, ସେତେବେଳେ ଏହା କେବଳ ଏକ କାର୍ଯ୍ୟକ୍ରମର ଅବ୍ୟବସ୍ଥା ନୁହେଁ, ବରଂ ଆୟୋଜନ ଓ ପରିଚାଳନାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ପୁରୀଜିଲ୍ଲା କାକଟପୁରସ୍ଥିତ ମଙ୍ଗଳା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପରିପ୍ରେକ୍ଷୀରେ ଆୟୋଜିତ ମୁଁ କାହିଁକି ଠିଆ ହେଇଚି ' ମିଟିଂରେ । ଏଭଳି ଭାବରେ ଆୟୋଜିତ ମିଟିଂକୁ ନେଇ ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହି କାର୍ଯ୍ୟକ୍ରମ ଗଛ ତଳେ ଖୋଲା ଆକାଶ ତଳେ ଆୟୋଜିତ ହୋଇଥିବାବେଳେ ଉପଯୁକ୍ତ ଟେଣ୍ଟ ବ୍ୟବସ୍ଥାର ଅଭାବ ରହିଥିଲା। ଏପରିକି



ଉତ୍ତମ ସାଉଣ୍ଡ ବ୍ୟବସ୍ଥା ନଥିବା ସହ ନାଟ୍ୟ ସମ୍ପାଦକ ପ୍ରାର୍ଥୀଙ୍କ ପାଇଁ ଆବଶ୍ୟକ ମ୍ୟୁଜିକ ଉପକରଣ ବ୍ୟବସ୍ଥା ମଧ୍ୟ ହୋଇନଥିଲା । ଅନ୍ୟପକ୍ଷରେ, ବହୁ ଛାତ୍ରଛାତ୍ରୀଙ୍କ ବସିବା ପାଇଁ ଆବଶ୍ୟକ ଚେୟାରର ବ୍ୟବସ୍ଥା ନଥିବା ମଧ୍ୟ ଆୟୋଜନର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଛାତ୍ରଛାତ୍ରୀଙ୍କ ନେତୃତ୍ୱ ଓ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଭଳି ଅବ୍ୟବସ୍ଥା କାହିଁକି ? କାର୍ଯ୍ୟକ୍ରମର ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କ'ଣ ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି କରିନଥିଲେ । ଛାତ୍ରଛାତ୍ରୀଙ୍କ ସଂଖ୍ୟା, ବସିବା ବ୍ୟବସ୍ଥା, ଧ୍ୱନି ପରିଚାଳନା ଓ ବିଭିନ୍ନ ପଦବୀର ପ୍ରାର୍ଥୀଙ୍କ ଆବଶ୍ୟକତାକୁ ନେଇ କ'ଣ ପୂର୍ବ ଯୋଜନା ହୋଇଥିଲା। 'ମୁଁ କାହିଁକି ପ୍ରାର୍ଥୀ ହେଇଚି ' କେବଳ ଏକ ମିଟିଂ ନୁହେଁ, ଏହା ଛାତ୍ରଛାତ୍ରୀଙ୍କ ମତ, ମନୋଭାବ, ଦକ୍ଷତା ଓ ନେତୃତ୍ୱ ପ୍ରଦର୍ଶନର ଏକ ମଞ୍ଚ। ଏଭଳି ମଞ୍ଚରେ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ନିଜର ମତ ଉପସ୍ଥାପନ କରିବା ପାଇଁ ସମାନ ସୁଯୋଗ ମିଳିବା ଆବଶ୍ୟକ। ଯଦି ଉପଯୁକ୍ତ ଧ୍ୱନି ବ୍ୟବସ୍ଥା ନଥାଏ, ଆବଶ୍ୟକ ମ୍ୟୁଜିକ ଉପକରଣ ଉପଲବ୍ଧ ନହୁଏ ଏବଂ ଛାତ୍ରଛାତ୍ରୀଙ୍କ ବସିବା ପାଇଁ ଉଚିତ ବ୍ୟବସ୍ଥା ନଥାଏ, ତେବେ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ କେତେଦୂର ସଫଳ ହେବ, ତାହା ନିଶ୍ଚିତ ଭାବେ ବିଚାରଯୋଗ୍ୟ। ଏହାର ଉଦ୍ଦେଶ୍ୟ କାହାକୁ ଦୋଷୀ ସାବ୍ୟସ୍ତ କରିବା ନୁହେଁ, ବରଂ ଏଭଳି ଅବ୍ୟବସ୍ଥାର କାରଣ ଖୋଜିବା ଓ ଦାୟିତ୍ୱ ନିର୍ଦ୍ଧାରଣ କରିବା। ମହାବିଦ୍ୟାଳୟ କର୍ତ୍ତୃପକ୍ଷ, କାର୍ଯ୍ୟକ୍ରମ ଆୟୋଜକ ଏବଂ ସମ୍ପୃକ୍ତ ଛାତ୍ର ପ୍ରତିନିଧିମାନେ ଏହି ବିଷୟକୁ ଗୁରୁତ୍ୱର ସହ ନେଇ ଆଗାମୀ ଦିନରେ ଏଭଳି ତ୍ରୁଟିର ପୁନରାବୃତ୍ତି ନହେବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଉଚିତ।ଶିକ୍ଷାନୁଷ୍ଠାନରେ ନିର୍ବାଚନ ହେବ, ପ୍ରଚାର ହେବ, ପ୍ରତିଯୋଗିତା ହେବ । କିନ୍ତୁ ଏସବୁ ମଧ୍ୟରେ ଛାତ୍ରଛାତ୍ରୀଙ୍କ ସମ୍ମାନ, ସୁବିଧା ଓ ସମାନ ସୁଯୋଗକୁ ଅଣଦେଖା କରାଯିବା ଉଚିତ ନୁହେଁ। ଶେଷରେ ପ୍ରଶ୍ନ ଗୋଟିଏ—ମଙ୍ଗଳା ମହାବିଦ୍ୟାଳୟର ଉକ୍ତ ମିଟିଂରେ ଦେଖାଦେଇଥିବା ଏହି ଅବ୍ୟବସ୍ଥା ପାଇଁ ଦାୟୀ କିଏ? ଏହା କେବଳ ପ୍ରସ୍ତୁତିର ଅଭାବ, ନା ଦାୟିତ୍ୱବୋଧର ଅଭାବ ।

# ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ପାଇଁ ଛାତ୍ରଛାତ୍ରୀଙ୍କ ଉଦ୍ୟମ

କେନ୍ଦ୍ରାପଡ଼ା,୧୪।୧୦ :(ମନ୍ଥନ) ସଡ଼କ ସୁରକ୍ଷା ସମ୍ପର୍କରେ ଯୁବପିଢ଼ିଙ୍କୁ ସଚେତନ କରିବା, ଟ୍ରାଫିକ୍ ନିୟମ ପାଳନ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବା ଏବଂ ସୁରକ୍ଷିତ ଯାତାୟାତର ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ 'ସେବା ସଂକଳ୍ପ ଅଭିଯାନ' ଅଧିନରେ 'ୟଙ୍ଗ ମାଇଣ୍ଡସ୍ – ସ୍ଲୋଗାନ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା' ଆୟୋଜିତ ହୋଇଯାଇଛି। କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରଟିଓ କାର୍ଯ୍ୟାଳୟର ସମସ୍ତ ମୋଟର ଯାନ ନିରୀକ୍ଷକ ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ଅଷ୍ଟମରୁ ଦଶମ ଶ୍ରେଣୀର ୭୫ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହ ଭାଗ ନେବା ପାଇଁ ପଞ୍ଜିକରଣ କରିଥିଲେ।

# ମଣିପୁର ଘଟଣାକୁ ନେଇ ନବରଙ୍ଗପୁର ରେ ବିଜେପି ମହିଳା ମୋର୍ଚ୍ଚାର ବିକ୍ଷୋଭ

ନବରଙ୍ଗପୁର,୧୪।୧୦ :(ମନ୍ଥନ) ରାମମନ୍ଦିର ସମ୍ମୁଖରେ ଦଳୀୟ କର୍ମୀଙ୍କ ସହ ବିକ୍ଷୋଭ ପ୍ରଦର୍ଶନ କଲେ ବିଜେପି ଜିଲ୍ଲା ସଭାନେତ୍ରୀ ଶର୍ମିଷ୍ଠା ଦେବ । ମଣିପୁରର ଜଣେ ସାଂସଦଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଏବଂ ଏହି ପ୍ରସଙ୍ଗରେ ରାହୁଲ ଗାନ୍ଧୀ ଓ କଂଗ୍ରେସର ଭୂମିକାକୁ ନେଇ ବର୍ଷିଛି ବିଜେପି । ମହିଳାଙ୍କ ସମ୍ମାନ ଓ ସୁରକ୍ଷା ପ୍ରସଙ୍ଗରେ କଂଗ୍ରେସର ଦୋମୁହାଁ ନୀତି ରହିଥିବା ଅଭିଯୋଗ କରିଛି ଦଳ । ମହିଳାଙ୍କୁ ନ୍ୟାୟ ଏବଂ ଦୋଷୀଙ୍କୁ ଦଣ୍ଡ ଦାବି କରିଛି ବିଜେପି ମହିଳା ମୋର୍ଚ୍ଚା ।ନବରଙ୍ଗପୁର ସହରସ୍ଥିତ ରାମମନ୍ଦିର



ସମ୍ମୁଖରେ ଏକାଠି ହୋଇଥିଲେ ବିଜେପି ମହିଳା ମୋର୍ଚ୍ଚାର କର୍ମୀ । ମଣିପୁର ଘଟଣାକୁ ନେଇ ନାରାବାଜି ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିଜେପି ଜିଲ୍ଲା ସଭାନେତ୍ରୀ ଶର୍ମିଷ୍ଠା ଦେବଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭରେ ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ନେତୃତ୍ୱକୁ ଟାର୍ଗେଟ କରାଯାଇଥିଲା । ମହିଳାଙ୍କ ସମ୍ମାନ ଓ ସୁରକ୍ଷା ନେଇ କଂଗ୍ରେସ ଦୁଇ ପ୍ରକାର ମାନଦଣ୍ଡ ଆପଣାଉଥିବା ବିଜେପି ଅଭିଯୋଗ କରିଛି ।ବିକ୍ଷୋଭ ସମୟରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମହିଳାଙ୍କୁ ନ୍ୟାୟ ଦେବା ସହଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ମହିଳାଙ୍କ ସମ୍ମାନ ଓ ସୁରକ୍ଷା ଦେବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ବିଜେପି ନେତ୍ରୀ କହିଛନ୍ତି । ଏହି ପ୍ରସଙ୍ଗରେ କଂଗ୍ରେସ ନେତୃତ୍ୱ ନିରବ ରହିଥିବା ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି ।ମଣିପୁର ଘଟଣାକୁ ନେଇ ନବରଙ୍ଗପୁରରେ ବିଜେପି ମହିଳା ମୋର୍ଚ୍ଚାର ବିକ୍ଷୋଭ ପରେ ରାଜନୈତିକ ତର୍କ ତୀବ୍ର ହୋଇଛି । ଘଟଣାରେ ନ୍ୟାୟ ଏବଂ ଦୋଷୀଙ୍କ ବିରୋଧରେ ଦଣ୍ଡ ଦାବି କରିଛି ବିଜେପି । ଅନ୍ୟପକ୍ଷରେ ଏହି ଅଭିଯୋଗ ଉପରେ କଂଗ୍ରେସର ପ୍ରତିକ୍ରିୟା ମିଳିନାହିଁ ।

# ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ସୁରଭି ପ୍ରତିଯୋଗିତା

ଡେଲାଙ୍ଗ,୧୪।୧୦ :(ମନ୍ଥନ) ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବଡ଼ ଆଙ୍କୁଲା ଆଞ୍ଚଳିକ ସାଧନ କେନ୍ଦ୍ରର ସୁରଭି ପ୍ରତିଯୋଗିତା ଅମାଳଙ୍ଗ ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ବରିଷ୍ଠ ଓ ଉଚ୍ଚ ମାଧ୍ୟମିକ ବର୍ଗର ମୋଟ ୧୨୦ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବକ୍ତୃତାରେ ଡ଼େଲାଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସିମରନ୍ ଆସୀନ୍, କୁଇଜ ରେ ଡେଲାଙ୍ଗ ଉନ୍ନୀତ ଉପ୍ରା ବିଦ୍ୟାଳୟର ଛାତ୍ର ଆତ୍ମଜିତ୍ ବେହେରା, ଶିଳ୍ପକଳାରେ ଅମାଳଙ୍ଗର ଚନ୍ଦନ ବେହେରା , ଉଚ୍ଚ ମାଧ୍ୟମିକ ଡ଼େଲାଙ୍ଗ ବିଦ୍ୟାଳୟର ସୋମ୍ୟରଞ୍ଜନ ସାହୁ, ନୃତ୍ୟରେ ବାଳିକା ଉଚ୍ଚ ବିଦ୍ୟାଳୟ ଓ ବିଭିନ୍ନ ପ୍ରତିଯୋଗୀତାର ୧ମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ମଣ୍ଡଳସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। ଉଦଯାପନୀ ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି ଭାବେ ଡ଼େଲାଙ୍ଗ କୋଠବାଡ ସରପଞ୍ଚ ଦୀପକ କୁମର ସାହୁ ଓ ନାଏବ ସରପଞ୍ଚ ଅନନ୍ତ ସ୍ୱାଇଁ ପୁରସ୍କୃତ କରି ଉତ୍ସାହିତ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ନାୟକ ଅତିଥିମାନଙ୍କ ପରିଚୟ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶିକ୍ଷକ ସୀତାକାନ୍ତ ରାଉତରାୟ ମଞ୍ଚ ସଂଯୋଜନା କରିଥିଲେ ।ବଡ ଆଙ୍କୁଲା ସିଆରସିସି ଲୋକନାଥ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ବିଚାରକ ଭାବେ ପ୍ରାକ୍ତନ ଶିକ୍ଷକ ପ୍ରଭାସ ମହାରଣା,ଶିକ୍ଷକ ବିଜୟ ମହାପାତ୍ର, ପୁଷ୍ପ ରଞ୍ଜନ ନାୟକ, ତାରା ମଲ୍ଲିକ,ଦିପ୍ତିମୟୀ ବେହେରା, ରୋଜାଲିନ ମହାରଣା, ଶିବାନୀ ନାୟକ, ଧୀରେନ ପଟ୍ଟନାୟକ ବିଚାରକ ଥିଲେ। ଏଥିରେ ଶିକ୍ଷକ ଅଭୟ କୁମାର ରଥ,ଅଭୟ ଚରଣ ସାହୁ,ସୁବାସ ବେହେରା ,ଦିନେଶ ହେମ୍ବ୍ରମ, ଶିକ୍ଷୟିତ୍ରୀ କୁନି ମଲ୍ଲିକ, ଅନିତା ବେହେରା,,ସରୋଜ ଦାସ ଓ ଅଭିଭାବକମାନେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଶିଶୁ ବିଭାଗ ଶ୍ରେଣୀର ଡେଲାଙ୍ଗ ୟୁଜିୟୁପି ସ୍କୁଲର ଛାତ୍ର ଆୟୁଷ୍ମାନ ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।କମିଟି ଅଧ୍ୟକ୍ଷ ବିଜୟ କୁମାର ସ୍ୱାଇଁ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଅନୁଗୋଳ ବନଖଣ୍ଡ ପକ୍ଷରୁ ସଚେତନତା ଓ ଟିକାକରଣ ଶିବିର

ଅନୁଗୋଳ,୧୪।୧୦ :(ମନ୍ଥନ) ଅନୁଗୋଳ ବନଖଣ୍ଡର ମୋବାଇଲ୍ ଭେଟେରିନାରୀ ୟୁନିଟ୍ (ଏମଭିୟୁ) ଦଳ, ବନ ବିଭାଗର କର୍ମଚାରୀ ଏବଂ ସ୍ଥାନୀୟ ପ୍ରାଣୀ ଚିକିତ୍ସା କର୍ମଚାରୀଙ୍କ ସହଯୋଗରେ ଛେଣ୍ଡିପଦା ରେଞ୍ଜର ଛେଣ୍ଡିପଦା ସେକ୍ସନ ଅନ୍ତର୍ଗତ ବଡ଼ବେରେଣା ଗ୍ରାମରେ ଏକ ସଚେତନତା ଓ ଟିକାକରଣ ଶିବିର ଆୟୋଜନ



କରାଯାଇଥିଲା। ଏହି ଶିବିରରେ ଗୋରୁମାନଙ୍କୁ ହେମୋରାଜିକ୍ ସେପ୍ଟିସିମିଆ ରୋଗ ପ୍ରତିରୋଧ ପାଇଁ ମୋଟ ୧୫୦ ଡୋଜ୍ ଟିକା ପ୍ରଦାନ କରାଯାଇଥିଲା। ଏଥିସହ ଗ୍ରାମବାସୀଙ୍କୁ ସମୟୋଚିତ ଟିକାକରଣ ଓ ପ୍ରତିଷେଧକ ପ୍ରାଣୀ ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱ ବିଷୟରେ ସଚେତନ କରାଯାଇଥିଲା। ଏହି ପଦକ୍ଷେପ ପଶୁଧନର ସୁରକ୍ଷା ଏବଂ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବାରେ ସହାୟକ ହେବ ।ପଶୁଧନର ସ୍ୱାସ୍ଥ୍ୟ ସୁରକ୍ଷା, ଜନସଚେତନତା ଏବଂ ମଣିଷ-ବନ୍ୟଜନ୍ତୁଙ୍କ ମଧ୍ୟରେ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ପାଇଁ ଅନୁଗୋଳ ବନଖଣ୍ଡ ସର୍ବଦା ପ୍ରତିବଦ୍ଧ।

# ସ୍ୱଚ୍ଛ ସହର ଗଠନ କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ – ମେୟର

ବ୍ରହ୍ମପୁର,୧୪।୧୦ :(ମନ୍ଥନ)ସ୍ଥାନୀୟ ବ୍ରହ୍ମପୁର ମହାନଗର ନିଗମ ପରିସରରୁ ଦ୍ୱିତୀୟ ସ୍ତରରେ ୨ଟି ସୂଚନା, ଶିକ୍ଷା ଓ ଯୋଗାଯୋଗ ଭ୍ୟାନ୍ ତଥା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଡେଙ୍ଗୁ, ଡାଇରିଆ ଓ ଅନ୍ୟାନ୍ୟ ଜଳ ବାହିତ ରୋଗର ପ୍ରତିରୋଧ ଏବଂ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ , ବ୍ରହ୍ମପୁର ପକ୍ଷରୁ ବୁଧବାର ଅପରାହ୍ନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଉପ-ମେୟର ଶ୍ରୀ ଇ. ବିବେକ ରେଡ୍ଡୀ, ଏବଂ ୧୨ ନଂ ଓ ୨୬ ନଂ ୱାର୍ଡର କର୍ପୋରେଟର ସୂର୍ଯ୍ୟକାନ୍ତ ସୁବୁଦ୍ଧି ଓ ଧୀରେସ ସାବତଙ୍କ ଉପସ୍ଥିତିରେ ଦୁଇଟି ସଚେତନତା ରଥ ଶୁଭାରମ୍ଭ କରାଯାଇଥିଲା। ତେବେ ସୂଚନା ଅନୁସାରେ ବ୍ରହ୍ମପୁର ସହରର ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ର କାର୍ଯ୍ୟକ୍ଷେତ୍ରକୁ ଆଧାର କରି ଏହି ସଚେତନତା ରଥ ଗୁଡ଼ିକର ଦିଗ ନିର୍ଦ୍ଧାରଣ କରାଯାଇଛି ।ଆସନ୍ତା ୭ ଦିନ ଧରି ଏହି ରଥ ଗୁଡ଼ିକ ସହରର ବିଭିନ୍ନ ଅଞ୍ଚଳକୁ ପରିକ୍ରମା କରି ଡେଙ୍ଗୁ, ଡାଇରିଆ ଓ ଅନ୍ୟାନ୍ୟ ମଶା ବାହିତ ଓ ଜଳବାହିତ ରୋଗ ସମ୍ପର୍କିତ ସଚେତନତା ବାର୍ତ୍ତା ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବ। ଏହି ପରିପ୍ରେକ୍ଷୀରେ ମାନନୀୟା ମେୟର ଶ୍ରୀମତୀ



ଦଳାଇ ନିଜ ବକ୍ତବ୍ୟରେ, ଏହି ପାର୍ବଣ ଋତୁରେ ଘର, ରାସ୍ତାଘାଟ ଓ ଆଖପାଖ ଅଞ୍ଚଳକୁ ସ୍ୱଚ୍ଛ ରଖିବା, ଅଳିଆ ଆବର୍ଜନା ଜମା ନ କରିବା ଏବଂ ପାଣ ଜମିବାକୁ ରୋକି ଡେଙ୍ଗୁ ଓ ଜାପାନୀ ଏନ୍‌ସେଫାଲାଇଟିସ୍ ଭଳି ମଶା ବାହିତ ରୋଗରୁ ସୁରକ୍ଷିତ ରହିବାକୁ ନାଗରିକ ମାନଙ୍କୁ ଆହ୍ୱାନ କରିଥିଲେ । ସେହିପରି ସ୍ୱଚ୍ଛ ସହର ଗଠନ କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ବୋଲି ବାର୍ତ୍ତା ପ୍ରଦାନ କରିଥିଲେ। ଏଥି ସହିତ ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗରୁ ରକ୍ଷା ପାଇଁ ନିରାପଦ ପାନୀୟଜଳ ବ୍ୟବହାର, ସ୍ୱଚ୍ଛତା ଅଭ୍ୟାସ ଓ ମଶାରି ବ୍ୟବହାର କରି ଏକ ସୁସ୍ଥ ଓ ସ୍ୱଚ୍ଛ ପରିବେଶରେ ପାର୍ବଣ ପାଳନ କରିବାକୁ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ସିଟି ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲଙ୍କ ସମେତ ଏ.ପି.ଏମ, କାମ, ସି.ଡୀ.ଏମ. ପ୍ରୋଗ୍ରାମ ଏସସିଷ୍ଟାଣ୍ଟ, ପି.ଏଚ.ଏମ. ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ଆଶା ଦିଦି ମାନେ ଉପସ୍ଥିତ ଥିଲେ। ଏହି ଦୁଇଟି ସଚେତନତା ରଥ ମାଧ୍ୟମରେ ସହରର ବିଭିନ୍ନ ଅଞ୍ଚଳର ନାଗରିକ ମାନଙ୍କୁ ଡେଙ୍ଗୁ, ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗର କାରଣ, ଲକ୍ଷଣ, ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ପର୍କରେ ସଚେତନ କରାଯିବ । ଏହା ସହିତ ସ୍ୱଚ୍ଛତା, ସୁରକ୍ଷିତ ପାନୀୟଜଳ ବ୍ୟବହାର ଏବଂ ରୋଗ ପ୍ରତିରୋଧ ପାଇଁ ଆବଶ୍ୟକ ସତର୍କତା ଅବଲମ୍ବନ ସମ୍ପର୍କରେ ମଧ୍ୟ ସଚେତନତା ବାର୍ତ୍ତା ପ୍ରଚାର କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ନବରଙ୍ଗପୁର ଜିଲ୍ଲାର ଗାଁ ଗହଳିରେ ସନ୍ଧ୍ୟା ହେଲେ ଦେଖିବାକୁ ମିଳୁଛି ନୂଆ ଚିତ୍ର

ନବରଙ୍ଗପୁର,୧୪।୧୦ :(ମନ୍ଥନ) ଦିନ ସାରା ଘରକାମ, ଚାଷବାସ ଓ ମଜୁରି କାମ ସାରି ସନ୍ଧ୍ୟା ପ୍ରାୟ ୫ଟାରେ ଘରୁ ବାହାରୁଛନ୍ତି ମହିଳା । ହାତରେ ଟର୍ଚ୍ଚ ଲାଇଟ୍ ଓ ଠେଙ୍ଗା । ଗାଁ ଛକ ଓ ରାସ୍ତାରେ ଯାଉଥିବା ଗାଡ଼ି ମଟର ଉପରେ ରଖୁଛନ୍ତି ନଜର । କେହି ମଦ ନେଇ ଯାଉଛି କିମ୍ବା ମଦ ପିଇ ଆସୁଛି କି, ତାହା ଯାଞ୍ଚ କରୁଛନ୍ତି ।ମଦ ପିଇ ଆସୁଥିବା ଲୋକଙ୍କୁ କିଛି ସମୟ ଅଟକାଇ ବୁଝାଇବା ସହ ଆଉ ମଦ ପିଇ ରାସ୍ତାରେ ନଆସିବାକୁ ଚେତାବନୀ ଦେଉଛନ୍ତି । ଯେଉଁ ଛକରେ ଦିନେ ସନ୍ଧ୍ୟା ହେଲେ ମଦୁଆଙ୍କ ଆଡ଼ା ଜମୁଥିଲା, ସେହି ଛକରେ ଏବେ ଠେଙ୍ଗା ଧରି ଛିଡ଼ା ହେଉଛନ୍ତି ମହିଳା । ପ୍ରାୟ ୧୦ରୁ ୧୫ ଦିନ



ହେଲା ଅନେକ ଗାଁରେ ଏଭଳି ପ୍ରୟାସ ଆରମ୍ଭ ହୋଇ ଥିବା ମହିଳାମାନେ କହିଛନ୍ତି ।

ମହିଳାଙ୍କ କହିବା ଅନୁସାରେ, ଗାଁରେ ସହଜରେ ମଦ ମିଳୁଥିବାରୁ ଅନେକ ପରିବାର ଏହାର କୁପ୍ରଭାବ ଭୋଗୁଛନ୍ତି । ଦିନର ରୋଜଗାର ମଦରେ ଖର୍ଚ୍ଚ ହେଉଛି, ଘରେ ଅଶାନ୍ତି ବଢୁଛି ଏବଂ ମଦ ପିଇ ଘରକୁ ଫେରୁଥିବା ଲୋକଙ୍କ ଯୋଗୁଁ ମହିଳା ଓ ପିଲାମାନେ ହଇରାଣ ହେଉଛନ୍ତି । ବର୍ଷ ବର୍ଷ ଧରି ଏସବୁ ସହିବା ପରେ ଏବେ ଘରୁ ବାହାରି ମଦ ବିରୋଧରେ ଲଢେଇ ଆରମ୍ଭ କରିଛନ୍ତି ମହିଳା ।କେବଳ ମଦୁଆ ନୁହେଁ, ଗାଁରେ ମଦ ବିକ୍ରି କରୁଥିବା ଲୋକଙ୍କ ବିରୋଧରେ ମଧ୍ୟ ସ୍ୱର ଉଠାଉଛନ୍ତି । ମହିଳାଙ୍କ ଏହି ପ୍ରୟାସରେ କିଛିଟା ନିୟନ୍ତ୍ରଣ ଆସିଥିବା ସେମାନେ ଦାବି କରୁଛନ୍ତି । ହାତରେ ଠେଙ୍ଗା ଓ ଟର୍ଚ୍ଚ ଧରି ମହିଳାଙ୍କ ଏହି ଲଢେଇ ଏବେ ଗାଁରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ରାସ୍ତାକୁ ମାଡ଼ିଗଲାଣି ବୁଦାବଣ, ସାଜିଛି ଦୁର୍ଘଟଣାର କାରଣ

ବୁଗୁଡ଼ା,୧୪।୧୦ :(ମନ୍ଥନ) ସମ୍ପ୍ରତି ବୁଗୁଡା ଅଞ୍ଚଳରେ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା କେତେକ ସ୍ଥାନରେ ରାସ୍ତାକଡ଼ର ଗଛବୁଦା ଦୁର୍ଘଟଣାର କାରଣ ପାଲଟିଛି । ରାଜ୍ୟ ରାଜପଥ ହେଉ କି ଗ୍ରାମ୍ୟ ଉନ୍ନୟନ ରାସ୍ତା ସବୁଠି ବୁଦାବଣ ମାଡ଼ିଯାଇ ସମସ୍ୟା ସୃଷ୍ଟି କରୁଛି। ଉଭୟପାର୍ଶ୍ୱରୁ ଯାନବାହାନ ଚଳାଚଳ କରୁଥିବା ବେଳେ କେତେକ ଅଙ୍କାବଙ୍କା ରାସ୍ତାର ପାର୍ଶ୍ୱରେ ଥିବା ଲଟାବୁଦା ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟୁଥ ିବା ଜଣାପଡ଼ିଛି। ବୁଗୁଡା ଅଞ୍ଚଳରେ ରାସ୍ତାକଡସ୍ଥ ଲଟାବୁଦା ଏବେ ଚାଳକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସୂଚନା ଅନୁଯାୟୀ ଗ୍ରାମାଞ୍ଚଳର ଅଙ୍କାବଙ୍କା ରାସ୍ତା କଡ଼ରେ ଥ ିବା ବୁଦାବଣ ଗାଡ଼ିଚାଳକଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଖାଲି ସେତିକି ନୁହଁ ରାସ୍ତାର ଉଭୟ ପାର୍ଶ୍ୱରେ ଗଛଲତା ମାଡ଼ିଥିବାରୁ ବାଇକ୍ ଚାଳକଙ୍କ ମଧ୍ୟରେ ଧକ୍କାହୋଇ ଗୁରୁତର ହେଉଛନ୍ତି । ଏହା ସହିତ ମୁଖ୍ୟ ସଡକର କେତେକ ସ୍ଥାନରେ ଉଭୟ ପାର୍ଶ୍ୱ ଓ ବୁଲାଣି ଗୁଡିକରେ



ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି । ରାସ୍ତାକଡ ସଫା ହେଉନଥ ିବାରୁ ଗାଡ଼ିଚାଳକ ଜାଣିପାରୁନଥିବାରୁ ଛୋଟବଡ଼ ଦୁର୍ଘଟଣା ଘଟିଚାଲିଛି। ଏନେଇ କିଛି ଗାଡ଼ିମାଲିକ ଏବଂ ସମାଜସେବୀ ରାସ୍ତାର ଉଭୟପାର୍ଶ୍ୱ ସଫାପାଇଁ ସ୍ୱର ଉଠାଇଥିଲେ ମଧ୍ୟ ରାସ୍ତାକଡ଼ ସଫା କରିବାର ନାଁ ଉଠୁନି। ପ୍ରଶାସନକୁ କିଛି ଲୋକ ଆପତ୍ତି କରିଥିଲେ ମଧ୍ୟ ସମାନ ଢଙ୍ଗରେ ଦିନ ଗଡ଼ାଇ ଚାଲିଥିବା ଲୋକେ କହିଛନ୍ତି । ସରକାରୀ ନିୟମ କହୁଛି ରାସ୍ତା ତିଆରି କରୁଥିବା ଠିକାଦାର କାର୍ଯ୍ୟର ଅବଧି ଅନୁଯାୟୀ ପ୍ରତିବର୍ଷ ରାସ୍ତାର ଉଭୟ ପାର୍ଶ୍ୱ ସଫା କରିବା କଥା। ଏଥି ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଉଛି, କିନ୍ତୁ ତାହା ଏଠାରେ କରାଯାଉନାହିଁ। ଠିକାଦାର ଜାଣିଶୁଣି କିଛି କରୁନଥି ବାବେଳେ ବିଭାଗ ଅଭିନୟ କରିଚାଲିଛି । ଏଥି ପ୍ରତି ଜିଲ୍ଲାପାଳ ଓ ଆଞ୍ଚଳିକ ପରିବହନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

# ସିଦ୍ଧାନ୍ତ ନଗର ଓ ଝାରେଡି ରାଧାଗୋବିନ୍ଦ ପୁର ପଞ୍ଚାୟ କୁ ଗଡିଲା ଲକ୍ଷ୍ମୀ ବସ

ଗଞ୍ଜାମ,୧୪।୧୦ :(ମନ୍ଥନ) ଗଞ୍ଜାମ ବ୍ଲକ ର ବିଭିନ୍ନ ଅଞ୍ଚଳକୁ ଲକ୍ଷ୍ମୀ ବସ ଗମନା ଗମନ ହେଉନଥିବା ଯୋଗୁଁ ସ୍ଥାନୀୟ ଅଂଚଳବାସୀ ନାହିନଥିବା ଅସୁବିଧାର ସମ୍ମୁଖୀତ ହୋଇଆସୁଥିଲେ । ଏନେଇ ବହୁ ଅଭିଯୋଗ ପରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଓ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଙ୍କ ପରାମର୍ଶ କ୍ରମେ ରାମଗଡ଼ ପଞ୍ଚାୟତର ପାଲୁର ସାହେବ କେନାଲ ପାର୍ଶ୍ୱରେ ରହିଥିବା ସିଦ୍ଧାନ୍ତ ନଗର କୁ ଲକ୍ଷ୍ମୀ ବସ ଗଡିଛି । ସେହିପରି ଝାରେଡି ରାଧା ଗୋବିନ୍ଦପୁର ଓ ସାନ ରାମଚନ୍ଦ୍ର ପୁର ପଞ୍ଚାୟତ ରେ ମଧ୍ୟ ଲକ୍ଷ୍ମୀ ବସ ଯିବାଆସିବା କରିଛି । ବିଡ଼ିଓ ଅଚ୍ୟୁତାନନ୍ଦ ଜାନି, ଓ ଏସ ଆର ଟି ସି ଡିଷ୍ଟ୍ରିଟ



ମ୍ୟାନେଜର ଅରବିନ୍ଦ ମହାନ୍ତି, ଆସିଷ୍ଟାଣ୍ଟ ମ୍ୟାନେଜର ଅମ୍ରିତ ଦାଶ, ଗଞ୍ଜାମ ବ୍ଲକ ସୁପରଭାଇଜର ରଞ୍ଜିତ କୁମାର ନାହାକ ସୋମବାର ରୁଟ ପରିଦର୍ଶନ କରିବା ସହ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ସହ ଆଲୋଚନା କରିବା ପରେ ଲକ୍ଷ୍ମୀ ବସ ଉକ୍ତ ରୁଟ ରେ ଗଡିଛି । ଗଞ୍ଜାମ ବ୍ଲକ ରୁ ଲକ୍ଷ୍ମୀ ବସ ବାହାରି ସୂର୍ଯ୍ୟ ନାରାୟଣ ପୁର ପାର୍ଶ୍ୱ ଦେଇ ପାଳିବନ୍ଧ ପଞ୍ଚାୟତ, ରାମଗଡ଼ ପଞ୍ଚାୟତ, କଣ୍ଟା ପଡା ଛକ ଦେଇ ଜେ ଆର ଜି ପୁର ଓ ସାନ ରାମଚାନ୍ଦ୍ର ପୁର ଦେଇ ରମ୍ଭା ସହରରେ ପହଞ୍ଚିବା ପରେ ପୁଣି ସେହିରାସ୍ତା ଦେଇ ଗଞ୍ଜାମ ସହର କୁ ଫେରିବା ବ୍ୟବସ୍ଥା କରାଯାଇଛି ।ଯାହାକୁନେଇ ଉକ୍ତ ଅଂଚଳରୁ ପନିପରିବା,ମାଛ ବ୍ୟବସାୟୀ ଓ ସାଧାରଣ ଜନତା ଯିବାଆସିବା କ୍ଷେତ୍ରରେ ସୁବିଧା ପାଇପାରିବେ । ଏନେଇ ସ୍ଥାନୀୟ ଅଂଚଳବାସୀ ଖୁସି ଜାହିର କରିଛନ୍ତି ।

ଗୁରୁବାର ୧୫ ଅକ୍ଟୋବର, ୨୦୨୬, ଭୁବନେଶ୍ୱର

Thursday October 15, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଛାତ୍ର ସଂସଦ ନିର୍ବାଚନ

ଶାସକ ଦଳ ପାଇଁ ଜନସମର୍ଥନର ଆକଳନ, ବିରୋଧୀଙ୍କ ପାଇଁ ପ୍ରତ୍ୟାବର୍ତ୍ତନର ସୁଯୋଗ; କିନ୍ତୁ ଗଣତନ୍ତ୍ରର ପ୍ରକୃତ ବିଜୟ ହେଉଛି ଭୟମୁକ୍ତ ମତଦାନ, ଶାନ୍ତିପୂର୍ଣ୍ଣ କ୍ୟାମ୍ପସ୍ ଓ ଦାୟିତ୍ୱବାନ ନେତୃତ୍ୱ। ଆଜିର ଛାତ୍ର ସଂସଦ ନିର୍ବାଚନ କେବଳ କେତେକ ପଦପଦବୀ ଦଖଲ କରିବାର ପ୍ରତିଯୋଗିତା ନୁହେଁ, ଏହା ଯୁବପିଢ଼ିର ଆକାଂକ୍ଷା, ଗଣତାନ୍ତ୍ରିକ ଚେତନା ଓ ଆଗାମୀ ଭାରତର ନେତୃତ୍ୱକୁ ପରଖିବାର ଏକ ଗୁରୁତ୍ୱପୂର୍ଣ୍ଣ ଅବସର। ଦୀର୍ଘ ଆଠ ବର୍ଷର ବ୍ୟବଧାନ ପରେ ମହାବିଦ୍ୟାଳୟ ପରିସରରେ ନିର୍ବାଚନୀ ଉତ୍ସାହ ଫେରିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୂଆ ଅନୁଭବ, ରାଜନୈତିକ ଦଳଗୁଡ଼ିକ ପାଇଁ ଏକ ନୂଆ ଆହ୍ୱାନ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଏକ ବଡ଼ ଦାୟିତ୍ୱ। ଏହି ନିର୍ବାଚନରେ କିଏ ଜିତିବ, କିଏ ହାରିବ, କାହାର ପ୍ରଭାବ ବଢ଼ିବ ଏବଂ କାହାର ରାଜନୈତିକ ଦାବି ଦୁର୍ବଳ ହେବ, ତାହା ନିଶ୍ଚିତ ଭାବରେ ଚର୍ଚ୍ଚାର ବିଷୟ। କିନ୍ତୁ ଏହି ସବୁ ଚର୍ଚ୍ଚାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି—ଆମେ ଆମର ମହାବିଦ୍ୟାଳୟଗୁଡ଼ିକୁ ଗଣତନ୍ତ୍ରର ଅଭ୍ୟାସ କେନ୍ଦ୍ର ଭାବରେ ଗଢ଼ିପାରିଛୁ କି? ଯେଉଁଠାରେ ମତଭେଦ ରହିବ, କିନ୍ତୁ ମନଭେଦ ନୁହେଁ; ପ୍ରତିଦ୍ୱନ୍ଦ୍ୱିତା ରହିବ, କିନ୍ତୁ ପ୍ରତିଶୋଧ ନୁହେଁ; ନିର୍ବାଚନ ରହିବ, କିନ୍ତୁ ହିଂସା ନୁହେଁ। ଆଠ ବର୍ଷର ବ୍ୟବଧାନ କେବଳ ଏକ କ୍ୟାଲେଣ୍ଡରର ଦୀର୍ଘ ସମୟ ନୁହେଁ। ଏହା ହେଉଛି ଏକ ପିଢ଼ିର ଛାତ୍ର ରାଜନୀତି ସହିତ ପ୍ରତ୍ୟକ୍ଷ ଅନୁଭବରୁ ବଞ୍ଚିତ ହୋଇଯିବାର ସମୟ। ଯେଉଁ ଛାତ୍ର ଆଜି ମତଦାନ କରୁଛି, ସେ ହୁଏତ ନିଜ ମହାବିଦ୍ୟାଳୟରେ ଶେଷ ଥର ଛାତ୍ର ସଂସଦ ନିର୍ବାଚନ ହେବାର ଦୃଶ୍ୟ ଦେଖିନାହିଁ। ସେ ହୁଏତ ନିଜ ମତର ଶକ୍ତିକୁ ଏକ ସଂଗଠିତ ଛାତ୍ର ପ୍ରକ୍ରିୟାରେ ପ୍ରୟୋଗ କରିବାର ସୁଯୋଗ ପାଇନାହିଁ। ଏହି ଶୂନ୍ୟସ୍ଥାନକୁ ପୂରଣ କରିବା ଆଜିର ନିର୍ବାଚନର ସବୁଠାରୁ ବଡ଼ ଐତିହାସିକ ମହତ୍ତ୍ୱ। ଗଣତନ୍ତ୍ର କେବଳ ସଂସଦ, ବିଧାନସଭା କିମ୍ବା ପଞ୍ଚାୟତରେ ସୀମିତ ନୁହେଁ। ଏହାର ପ୍ରଥମ ପାଠ ଶ୍ରେଣୀକକ୍ଷରେ, ପ୍ରଥମ ଅଭ୍ୟାସ ମହାବିଦ୍ୟାଳୟରେ ଏବଂ ପ୍ରଥମ ନେତୃତ୍ୱର ପରୀକ୍ଷା ଛାତ୍ର ସଂସଦରେ ହୋଇଥାଏ। ତେଣୁ ଦୀର୍ଘ ବ୍ୟବଧାନ ପରେ ଫେରିଥିବା ଏହି ନିର୍ବାଚନକୁ କେବଳ ରାଜନୈତିକ ଦଳଗୁଡ଼ିକର ଶକ୍ତି ପରୀକ୍ଷା ଭାବରେ ଦେଖିବା ଏକ ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀ ହେବ। ଏହି ନିର୍ବାଚନର ରାଜନୈତିକ ପରିଣାମକୁ ନେଇ ଶାସକ ଦଳ ଓ ବିରୋଧୀ ଦଳ ଉଭୟ ଆଶାବାଦୀ। ଶାସକ ଦଳ ଚାହିଁବ ଯେ ଛାତ୍ରଛାତ୍ରୀଙ୍କ ସମର୍ଥନ ମାଧ୍ୟମରେ ନିଜ ନେତୃତ୍ୱର ଗ୍ରହଣୀୟତା ପ୍ରମାଣିତ ହେଉ। ବିରୋଧୀ ଦଳଗୁଡ଼ିକ ଚାହିଁବେ ଯେ ଛାତ୍ରମାନଙ୍କ ଅସନ୍ତୋଷକୁ ସଂଗଠିତ କରି ସରକାରଙ୍କୁ ଏକ ରାଜନୈତିକ ସନ୍ଦେଶ ଦିଆଯାଉ। ଏହି ଆକାଂକ୍ଷା ଗଣତନ୍ତ୍ରର ସ୍ୱାଭାବିକ ଅଂଶ। କିନ୍ତୁ ଛାତ୍ରଛାତ୍ରୀଙ୍କ ମତକୁ କୌଣସି ଦଳର ନିଜସ୍ୱ ସମ୍ପତ୍ତି ବୋଲି ଭାବିବା ଭୁଲ। ଛାତ୍ରମାନେ ନିଜର ବିଚାର, ଅଭିଜ୍ଞତା ଓ ଆବଶ୍ୟକତା ଅନୁସାରେ ନିଷ୍ପତ୍ତି ନେବେ। ଯେଉଁ ଦଳ ଛାତ୍ରମାନଙ୍କ ସମସ୍ୟା ବୁଝିବ, ଶିକ୍ଷାର ମାନ ବୃଦ୍ଧି ପାଇଁ କାମ କରିବ, ନିଯୁକ୍ତିର ଆଶା ଜାଗ୍ରତ କରିବ ଏବଂ ନିଜ ଆଚରଣରେ ଶାଳୀନତା ପ୍ରଦର୍ଶନ କରିବ, ସେହି ଦଳ ଛାତ୍ରମାନଙ୍କ ବିଶ୍ୱାସ ଜିତିବାର ଅଧିକ ସମ୍ଭାବନା ରହିବ। କେବଳ ନେତାଙ୍କ ଲୋକପ୍ରିୟତା, ଦଳୀୟ ପରିଚୟ କିମ୍ବା ବଡ଼ ବଡ଼ ପ୍ରତିଶ୍ରୁତି ଛାତ୍ରମାନଙ୍କ ବିବେକକୁ ସବୁବେଳେ ପ୍ରଭାବିତ କରିପାରିବ ନାହିଁ। ଆଜିର ଛାତ୍ରଛାତ୍ରୀ ସୂଚନାପ୍ରଯୁକ୍ତି, ନୂତନ ଚିନ୍ତାଧାରା ଓ ଦେଶବିଦେଶର ଘଟଣା ସହିତ ଯୋଡ଼ି ହୋଇ ରହିଛନ୍ତି। ସେମାନଙ୍କୁ ଅବହେଳା କରିବା କିମ୍ବା କେବଳ ଭୋଟଦାତା ଭାବରେ ଦେଖିବା କୌଣସି ରାଜନୈତିକ ସଂଗଠନ ପାଇଁ ଦୀର୍ଘକାଳୀନ ଭାବରେ ଲାଭଦାୟକ ହେବ ନାହିଁ। ତେଣୁ ଏହି ନିର୍ବାଚନ ଶାସକ ଦଳ ପାଇଁ ଯେତିକି ପରୀକ୍ଷା, ବିରୋଧୀଙ୍କ ପାଇଁ ମଧ୍ୟ ସେତିକି ଆତ୍ମସମୀକ୍ଷାର ସୁଯୋଗ। ଶାସନରେ ଥିବା ଦଳ ନିଜର କାର୍ଯ୍ୟକୁ ନେଇ ଜନସମର୍ଥନର ସଙ୍କ ?ତ ଖୋଜିବ, ବିରୋଧୀ ଦଳ ନିଜର ସଂଗଠନ, ନେତୃତ୍ୱ ଓ ଛାତ୍ରମାନଙ୍କ ସହିତ ସମ୍ପର୍କକୁ ପରଖିବ। କିନ୍ତୁ ଏକ ମହାବିଦ୍ୟାଳୟର ଫଳାଫଳକୁ ସମଗ୍ର ରାଜ୍ୟର ଜନମତର ନିର୍ଣ୍ଣାୟକ ପ୍ରମାଣ ବୋଲି ଘୋଷଣା କରିବା ଉଚିତ ହେବ ନାହିଁ। ଛାତ୍ର ନିର୍ବାଚନର ନିଜସ୍ୱ ପ୍ରସଙ୍ଗ, ସ୍ଥାନୀୟ ସମୀକରଣ ଓ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ଗ୍ରହଣୀୟତା ରହିଥାଏ। ରାଜନୈତିକ ଦଳଗୁଡ଼ିକ ଏହି ଫଳାଫଳରୁ ଶିକ୍ଷା ଗ୍ରହଣ କରିବା ଉଚିତ, ନିଜ ନିଜର ଅତିରଞ୍ଜିତ ବିଜୟ ଘୋଷଣା କରିବା ନୁହେଁ। ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଆଠ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ କାହିଁକି ହୋଇପାରିଲା ନାହିଁ? ଏହାର ଉତ୍ତର ଖୋଜିବାକୁ ହେଲେ ଆମକୁ ପୂର୍ବ ଘଟଣାବଳୀକୁ ନିରପେକ୍ଷ ଭାବରେ ଦେଖିବାକୁ ପଡ଼ିବ। ଓଡ଼ିଶାରେ ୨୦୧୭ ପରେ ନିୟମିତ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିଲା। ୨୦୧୮ରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବିଭିନ୍ନ ମହାବିଦ୍ୟାଳୟରେ ହିଂସା ଘଟଣା ପରେ ନିର୍ବାଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ କରୋନା ମହାମାରୀ ଓ ଅନ୍ୟାନ୍ୟ କାରଣରୁ ଏହି ବ୍ୟବଧାନ ଆହୁରି ଦୀର୍ଘ ହୋଇଥିଲା। କିନ୍ତୁ ଏଠାରେ ଏକ ମୌଳିକ ପ୍ରଶ୍ନ ଉଠେ—ହିଂସାର ଆଶଙ୍କା ଥିଲେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବନ୍ଦ କରିଦେବା ହିଁ କ'ଣ ଏକମାତ୍ର ସମାଧାନ? ଯଦି ହିଂସାକୁ ଭୟ କରି ନିର୍ବାଚନ ବନ୍ଦ କରାଯାଏ, ତେବେ ହିଂସା ସୃଷ୍ଟି କରୁଥିବା ଶକ୍ତିଗୁଡ଼ିକ ପରୋକ୍ଷରେ ଗଣତନ୍ତ୍ରକୁ ପରାସ୍ତ କରିବାର ସୁଯୋଗ ପାଇନଥାନ୍ତି କି? ନିଶ୍ଚିତ ଭାବରେ ଛାତ୍ରଛାତ୍ରୀଙ୍କ ଜୀବନ, ଶିକ୍ଷା ଓ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା। କୌଣସି ନିର୍ବାଚନ ପାଇଁ ଛାତ୍ରଙ୍କ ଜୀବନକୁ ବିପଦରେ ପକାଯାଇପାରିବ ନାହିଁ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ସମସ୍ୟାର ସ୍ଥାୟୀ ସମାଧାନ ଖୋଜିବା ପରିବର୍ତ୍ତେ ପ୍ରତିଥର ନିର୍ବାଚନକୁ ସ୍ଥଗିତ ରଖାଯିବ। ଆବଶ୍ୟକ ହେଉଛି ଦୃଢ଼ ସୁରକ୍ଷା ବ୍ୟବସ୍ଥା, ନିରପେକ୍ଷ ପ୍ରଶାସନ, ସ୍ୱଚ୍ଛ ପ୍ରାର୍ଥୀ ଚୟନ, ଅଭିଯୋଗର ତ୍ୱରିତ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ। ଏହା ସହିତ ଛାତ୍ର ସଂଗଠନଗୁଡ଼ିକୁ ମଧ୍ୟ ନିଜ ଦାୟିତ୍ୱ ବୁଝିବାକୁ ହେବ। ନିର୍ବାଚନରେ ହାରିବା ଅପମାନ ନୁହେଁ, ହାରକୁ ଗ୍ରହଣ କରିପାରିବା ହେଉଛି ଗଣତାନ୍ତ୍ରିକ ପରିପକ୍ୱତାର ପରିଚୟ। ଜିତିବା ପାଇଁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭୟଭୀତ କରିବା, ନାମାଙ୍କନରେ ବାଧା ସୃଷ୍ଟି କରିବା, ମିଥ୍ୟା ପ୍ରଚାର କରିବା କିମ୍ବା ଶାରୀରିକ ଆକ୍ରମଣ କରିବା ଯେକୌଣସି ପରିସ୍ଥିତିରେ ନିନ୍ଦନୀୟ।

# ସରଳତା, ସୌଜନ୍ୟ ଓ ସେବାର ସ୍ମୃତି : ଓଡ଼ିଶାରେ ହରି ବାବୁ କମ୍ଭମ୍ପାଟିଙ୍କ କାର୍ଯ୍ୟକାଳର ଅବସାନ

ସୌଭାଗ୍ୟ ରଞ୍ଜନ ମହାନ୍ତି

ଓଡ଼ିଶାର ରାଜଭବନରୁ ଲୋକଭବନ ପର୍ଯ୍ୟନ୍ତ ଯାତ୍ରା କେବଳ ଏକ ନାମ ପରିବର୍ତ୍ତନର କାହାଣୀ ନୁହେଁ; ଏହା ଶାସନ ବ୍ୟବସ୍ଥାକୁ ଅଧିକ ଜନମୁଖୀ, ଖୋଲା ଓ ଦାୟିତ୍ୱସମ୍ପନ୍ନ କରିବାର ଏକ ବ୍ୟାପକ ଆଲୋଚନାର ଅଂଶ। ଏହି ପରିପ୍ରେକ୍ଷୀରେ ଡକ୍ଟର ହରି ବାବୁ କମ୍ଭମ୍ପାଟିଙ୍କ ଓଡ଼ିଶାର ରାଜ୍ୟପାଳ ଭାବେ କାର୍ଯ୍ୟକାଳକୁ ଦେଖିଲେ ତାଙ୍କ ସାର୍ବଜନୀନ ଆଚରଣରେ ଦେଖାଯାଇଥିବା ସରଳତା, ଶିକ୍ଷା ପ୍ରତି ଆଗ୍ରହ, ଜନକଲ୍ୟାଣ ସମ୍ପର୍କିତ ଚିନ୍ତା, ଆଦିବାସୀ ସମାଜର ବିକାଶ, ଓଡ଼ିଆ ଭାଷାର ଉନ୍ନତି ଏବଂ ରାଜ୍ୟର ସାଂସ୍କୃତିକ ପରିଚୟ ପ୍ରତି ତାଙ୍କ ଗୁରୁତ୍ୱ ଆଲୋଚନାର ବିଷୟ ହୋଇଥାଏ। ୨୦୨୫ ଜାନୁଆରୀ ୩ ତାରିଖରେ ସେ ଓଡ଼ିଶାର ୨୭ତମ ରାଜ୍ୟପାଳ ଭାବେ ଶପଥ ନେଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୬ ଅକ୍ଟୋବର ୧୨ ତାରିଖରେ ଝାଡ଼ଖଣ୍ଡର ବରିଷ୍ଠ ରାଜନେତା ବ୍ରଜମୋହନ ରାମଙ୍କୁ ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତ କରିବାର ଘୋଷଣା କରିଛନ୍ତି। ରାଷ୍ଟ୍ରପତିଙ୍କ ଘୋଷଣା ଅନୁଯାୟୀ, ଏହି ନିଯୁକ୍ତି ନୂତନ ରାଜ୍ୟପାଳ ନିଜ ପଦର ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ କାର୍ଯ୍ୟକାରୀ ହେବ। ତେଣୁ ଏହି ପରିବର୍ତ୍ତନକୁ ଆଲୋଚନା କରିବାବେଳେ ଘୋଷଣା ଓ ଦାୟିତ୍ୱ ହସ୍ତାନ୍ତର ମଧ୍ୟରେ ଥିବା ସାମ୍ବିଧାନିକ ପାର୍ଥକ୍ୟକୁ ମନେ ରଖିବା ଆବଶ୍ୟକ।

ହରି ବାବୁ କମ୍ଭମ୍ପାଟିଙ୍କ କାର୍ଯ୍ୟକାଳର ମୂଲ୍ୟାୟନ କେବଳ ଔପଚାରିକ ସଭା, ଅଭିଭାଷଣ, ସାକ୍ଷାତକାର କିମ୍ବା ରାଜକୀୟ କାର୍ଯ୍ୟକ୍ରମର ତାଲିକା ପ୍ରସ୍ତୁତ କରିବାରେ ସୀମିତ ରହିବା ଉଚିତ ନୁହେଁ; ରାଜ୍ୟପାଳଙ୍କ ସାମ୍ବିଧାନିକ ଭୂମିକା କ'ଣ, ସେ କେଉଁ କ୍ଷେତ୍ରଗୁଡ଼ିକୁ ଗୁରୁତ୍ୱ ଦେଲେ, ତାଙ୍କ ଉଦ୍ୟମରୁ କେଉଁ ଆଲୋଚନା ଆଗକୁ ବଢ଼ିଲା ଏବଂ ଜନସାଧାରଣ ତାହାରୁ କେଉଁ ଶିକ୍ଷା ନେଇପାରିବେ, ସେସବୁକୁ ଏକାଠି ବିଚାର କରିବା ଦରକାର। ରାଜ୍ୟପାଳ ନିର୍ବାଚିତ ସରକାରଙ୍କ ପରି ଦୈନନ୍ଦିନ ପ୍ରଶାସନ ଚଳାନ୍ତି ନାହିଁ, ନା ସେ ନିଜସ୍ୱ ଭାବେ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ କରନ୍ତି; ତାଙ୍କ ମୁଖ୍ୟ ଦାୟିତ୍ୱ ହେଉଛି ସମ୍ବିଧାନର ସୁରକ୍ଷା, ନିର୍ଦ୍ଧାରିତ ସାମ୍ବିଧାନିକ ପ୍ରକ୍ରିୟା ପାଳନ, ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ଭାବେ ନିଜ ଦାୟିତ୍ୱ ନିର୍ବାହ ଏବଂ ରାଜ୍ୟର ସାମାଜିକ, ଶିକ୍ଷାଗତ ଓ ବିକାଶମୂଳକ ପ୍ରସଙ୍ଗରେ ଉଚିତ ମଞ୍ଚରେ ମତ ପ୍ରକାଶ କରିବା। ଏହି ସୀମା ମଧ୍ୟରେ ରହି ଜଣେ ରାଜ୍ୟପାଳ ନିଜର କାର୍ଯ୍ୟଶୈଳୀ, ଆଚରଣ, ସଂଳାପ ଓ ପ୍ରାଥମିକତା ଦ୍ୱାରା ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିପାରନ୍ତି। ହରି ବାବୁଙ୍କ ସାର୍ବଜନୀନ ଭୂମିକାକୁ ବୁଝିବା ପାଇଁ ଏହି ମୌଳିକ ସତ୍ୟଟି ଗୁରୁତ୍ୱପୂର୍ଣ୍ଣ। ତାଙ୍କ ସରଳତା ବିଷୟରେ ଆଲୋଚନା କରିବାବେଳେ ତାଙ୍କ ମନର ଭାବନା ସମ୍ପର୍କରେ ଅନୁମାନ କରିବା ପରିବର୍ତ୍ତେ? ତାଙ୍କ ସାର୍ବଜନୀନ ଆଚରଣ, ଲୋକଙ୍କ ସହ ମିଳାମିଶା, ବିଭିନ୍ନ ଶ୍ରେଣୀର ପ୍ରତିନିଧିଙ୍କ ସହ ଆଲୋଚନା ଓ ନିଜ ଦାୟିତ୍ୱ ସମ୍ପର୍କିତ କାର୍ଯ୍ୟକୁ ଆଧାର କରିବା ଅଧିକ ଉଚିତ। ସରଳତାର ଅର୍ଥ କେବଳ ସାଧାରଣ ପୋଷାକ ପିନ୍ଧିବା କିମ୍ବା ହସିମୁହଁରେ ଲୋକଙ୍କୁ ଭେଟିବା ନୁହେଁ; ଏହାର ଗଭୀର ଅର୍ଥ ହେଉଛି ପଦର ଗରିମାକୁ ବ୍ୟକ୍ତିଗତ ଅହଂକାରରେ ପରିଣତ ନକରିବା, ମତଭେଦ ଥିଲେ ମଧ୍ୟ ଅନ୍ୟର କଥା ଶୁଣିବା, ଲୋକଙ୍କ ଆଶା ଓ ସମସ୍ୟାକୁ ସମ୍ମାନ ଦେବା ଏବଂ ନିଜର ସାର୍ବଜନୀନ କାର୍ଯ୍ୟକୁ ଆଡ଼ମ୍ବର ଅପେକ୍ଷା ଦାୟିତ୍ୱ ସହ ଯୋଡ଼ିବା। ଏହି ମାନଦଣ୍ଡରେ ତାଙ୍କ କାର୍ଯ୍ୟକାଳକୁ ଦେଖିଲେ ତାଙ୍କ ଶିକ୍ଷାକେନ୍ଦ୍ରିକ ଆଲୋଚନା, ଆଦିବାସୀ ବିକାଶ ପ୍ରତି ଆଗ୍ରହ, ଓଡ଼ିଆ ଭାଷାକୁ ଜ୍ଞାନର ଭାଷା ଭାବେ ଆଗକୁ ନେବାର ଆହ୍ୱାନ ଏବଂ ରାଜ୍ୟର ପ୍ରକୃତି ଓ ପର୍ଯ୍ୟଟନ ସମ୍ପଦ ପ୍ରତି ଧ୍ୟାନ ଦେବା ଭଳି ବିଷୟଗୁଡ଼ିକ ଆଲୋଚନାଯୋଗ୍ୟ ହୋଇଥାଏ। ସେହିପରି ତାଙ୍କ କାର୍ଯ୍ୟକାଳର ସଫଳତା ବିଷୟରେ ନିଷ୍କର୍ଷ କାଢ଼ିବାକୁ ହେଲେ ଏକ ଆବଶ୍ୟକ ସତର୍କତା ରହିବା ଉଚିତ—କୌଣସି ଯୋଜନାର ଫଳ ରାଜ୍ୟପାଳଙ୍କ ଏକକ ପ୍ରୟାସରୁ ଆସିଛି ବୋଲି ପ୍ରମାଣ ବିନା ଦାବି କରିବା ଠିକ୍ ନୁହେଁ। ସେ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି, ଯେଉଁ ପରାମର୍ଶ ଦେଇଛନ୍ତି ଏବଂ ଯେଉଁ ସଂସ୍ଥାଗୁଡ଼ିକୁ ଦାୟିତ୍ୱପୂର୍ଣ୍ଣ ଭାବେ କାମ କରିବାକୁ ଆହ୍ୱାନ କରିଛନ୍ତି, ସେଗୁଡ଼ିକୁ ତଥ୍ୟ ସହ ଉଲ୍ଲେଖ କରିବା ହିଁ ଏକ ନିର୍ଭୁଲ ସମ୍ପାଦକୀୟର ଲକ୍ଷଣ।

ତାଙ୍କ କାର୍ଯ୍ୟକାଳର ଏକ ପ୍ରମୁଖ ଦିଗ ହେଉଛି ଉଚ୍ଚଶିକ୍ଷା ପ୍ରତି ତାଙ୍କ ଧ୍ୟାନ। ରାଜ୍ୟପାଳ ଭାବେ ସେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ଦାୟିତ୍ୱ ମଧ୍ୟ ନିର୍ବାହ କରୁଥିଲେ। ଏହି ଦାୟିତ୍ୱ କେବଳ ଦୀକ୍ଷାନ୍ତ ସମାରୋହରେ ଯୋଗଦେବା କିମ୍ବା ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେବାରେ ସୀମିତ ନୁହେଁ; ବିଶ୍ୱବିଦ୍ୟାଳୟଗୁଡ଼ିକର ଶିକ୍ଷାଗତ ଗୁଣବତ୍ତା, ଶିକ୍ଷକ ନିଯୁକ୍ତି, ଗବେଷଣା, ପ୍ରଶାସନିକ ଶୃଙ୍ଖଳା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଏହାର ସମ୍ପର୍କ ରହିଛି। ଅକ୍ଟୋବର ୨୦୨୬ର ପ୍ରଥମ ସପ୍ତାହରେ ସେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ଶିକ୍ଷକ ପଦ ପୂରଣ ପ୍ରକ୍ରିୟା ଆରମ୍ଭ କରି ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟା ଚଳାଇବା ଏବଂ ମାସ ଶେଷ ସୁଦ୍ଧା ତାହା ସମାପ୍ତ କରିବା ଦିଗରେ ସମୟସୀମା ନିର୍ଦ୍ଧାରଣ କରିବାକୁ କୁଳପତିମାନଙ୍କୁ କହିଥିଲେ। ତାଙ୍କ ମତରେ ନିଯୁକ୍ତିରେ ଯୋଗ୍ୟତା ଓ ମେଧାକୁ ପ୍ରାଥମିକତା ଦେବା ଦରକାର ଏବଂ ଯୋଗ୍ୟ ପ୍ରାର୍ଥୀଙ୍କୁ ଅନାବଶ୍ୟକ ଭାବେ ପ୍ରାରମ୍ଭିକ ପର୍ଯ୍ୟାୟରେ ବାଦ୍? ଦେବା ପରିବର୍ତ୍ତେ? ସାକ୍ଷାତ୍?କାରରେ ନିଜ ଯୋଗ୍ୟତା ପ୍ରଦର୍ଶନର ସୁଯୋଗ ଦେବା ଉଚିତ। ସେହି ବୈଠକରେ ବିଶ୍ୱବିଦ୍ୟାଳୟଗୁଡ଼ିକର ପରିବେଶ ଅନୁକୂଳ ପ୍ରମାଣପତ୍ର, ସୌରଶକ୍ତିର ବ୍ୟବହାର, ମାନ୍ୟତା ହାସଲ ଏବଂ କୁଳପତିଙ୍କ କାର୍ଯ୍ୟକାଳରେ ସମାନତା ଭଳି ପ୍ରସଙ୍ଗ ମଧ୍ୟ ଉଠିଥିଲା।

ଏହି ଉଦ୍ୟମର ଗୁରୁତ୍ୱକୁ ବୁଝିବାକୁ ହେଲେ ଓଡ଼ିଶାର ଯୁବପିଢ଼ିଙ୍କ ଆଶାକୁ ମନେ ରଖିବା ଦରକାର। ଗ୍ରାମାଞ୍ଚଳର ଜଣେ ଛାତ୍ର ନିଜ ପରିବାରର ସୀମିତ ଆୟରେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବାବେଳେ ତାଙ୍କ ପାଇଁ ଯୋଗ୍ୟ ଶିକ୍ଷକ, ନିୟମିତ ପାଠପଢ଼ା, ପୁସ୍ତକାଳୟ, ପରୀକ୍ଷାର ସମୟୋଚିତ ଆୟୋଜନ ଏବଂ ନିଯୁକ୍ତିମୁଖୀ ଶିକ୍ଷା ଅତ୍ୟନ୍ତ ଆବଶ୍ୟକ। ଶିକ୍ଷକ ପଦ ଖାଲି ରହିଲେ ପାଠ୍ୟକ୍ରମ ସମାପ୍ତିରେ ବିଳମ୍ବ ହୋଇପାରେ, ଗବେଷଣାର ଗୁଣବତ୍ତା ପ୍ରଭାବିତ ହୋଇପାରେ ଏବଂ ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତାମୂଳକ ପ୍ରସ୍ତୁତି ଦୁର୍ବଳ ହୋଇପାରେ। ତେଣୁ ଖାଲି ପଦ ପୂରଣ ପାଇଁ ସମୟସୀମା ନିର୍ଦ୍ଧାରଣ କରିବା ଏକ ପ୍ରଶାସନିକ ନିର୍ଦ୍ଦେଶ ମାତ୍ର ନୁହେଁ, ଏହା ଯୁବସମାଜର ଭବିଷ୍ୟତ ସହ ଜଡ଼ିତ ଏକ ଆବଶ୍ୟକ ପଦକ୍ଷେପ। କିନ୍ତୁ ଏହାର ପ୍ରକୃତ ଫଳ ନିଯୁକ୍ତି ସମାପ୍ତ ହେବା, ଯୋଗ୍ୟ ଶିକ୍ଷକ ଯୋଗଦେବା ଏବଂ ଶିକ୍ଷାଦାନର ଗୁଣବତ୍ତାରେ ଉନ୍ନତି ଦେଖାଯିବା ପରେ ହିଁ ମାପିହେବ। ଏହି ତଥ୍ୟଭିତ୍ତିକ ଦୃଷ୍ଟିକୋଣ ହରି ବାବୁଙ୍କ କାର୍ଯ୍ୟକାଳ ଉପରେ ଆଲୋଚନାକୁ ଅଧିକ ସନ୍ତୁଳିତ କରେ। ଶିକ୍ଷା କେବଳ ଚାକିରି ପାଇବାର ମାଧ୍ୟମ ନୁହେଁ; ଏହା ନାଗରିକଙ୍କ ଚିନ୍ତନଶକ୍ତି, ବୈଜ୍ଞାନିକ ମନୋଭାବ,



ନୈତିକତା ଓ ସାମାଜିକ ଦାୟିତ୍ୱକୁ ମଧ୍ୟ ଗଢ଼ିଥାଏ। ଏହି କାରଣରୁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶୃଙ୍ଖଳା ଓ ଗୁଣବତ୍ତା ଉପରେ ତାଙ୍କ ଗୁରୁତ୍ୱକୁ ଏକ ଆବଶ୍ୟକ ସାର୍ବଜନୀନ ଆଲୋଚନା ଭାବେ ଦେଖାଯାଇପାରେ। ତଥାପି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ନିୟମର ପାଳନ, ସାମାଜିକ ନ୍ୟାୟ, ସଂରକ୍ଷଣ ବ୍ୟବସ୍ଥାର ସମ୍ମାନ ଏବଂ ପ୍ରାର୍ଥୀଙ୍କ ଅଭିଯୋଗର ନ୍ୟାୟସଙ୍ଗତ ସମାଧାନ ମଧ୍ୟ ସମାନ ଭାବେ ଆବଶ୍ୟକ। ମେଧା ଓ ସୁଯୋଗର ସମାନତା ପରସ୍ପର ବିରୋଧୀ ନୁହନ୍ତି; ଉଚିତ ନିୟମ ଓ ନିରପେକ୍ଷ ପ୍ରକ୍ରିୟା ମାଧ୍ୟମରେ ଉଭୟକୁ ସୁରକ୍ଷିତ କରିହେବ। ତାଙ୍କ କାର୍ଯ୍ୟକାଳର ଅନ୍ୟ ଏକ ଉଲ୍ଲେଖନୀୟ ପ୍ରସଙ୍ଗ ହେଉଛି ଓଡ଼ିଆ ଭାଷାକୁ ଜ୍ଞାନ, ଗବେଷଣା ଓ ନୂତନ ଚିନ୍ତାର ଭାଷା ଭାବେ ଆଗକୁ ନେବାର ଆହ୍ୱାନ। ମାତୃଭାଷା ପ୍ରତି ସମ୍ମାନ କେବଳ ଉତ୍ସବ, ଭାଷଣ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସୀମିତ ରହିଲେ ତାହାର ସମ୍ଭାବନା ପୂରଣ ହୁଏନାହିଁ। ଓଡ଼ିଆ ଭାଷାରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଆଇନ, ଚିକିତ୍ସା, କୃଷି, ଅର୍ଥନୀତି ଓ ଉଦ୍ୟୋଗ ସମ୍ପର୍କିତ ଉଚ୍ଚମାନର ପାଠ୍ୟସାମଗ୍ରୀ ଉପଲବ୍ଧ ହେଲେ ଛାତ୍ରଛାତ୍ରୀଙ୍କ ବୁଝିବା କ୍ଷମତା ବଢ଼ିବ ଏବଂ ମାତୃଭାଷାରେ ଶିକ୍ଷା ଗ୍ରହଣ କରିଥିବା ଯୁବକଯୁବତୀଙ୍କ ପାଇଁ ଜ୍ଞାନର ଦ୍ୱାର ଅଧିକ ଖୋଲିବ। ହରି ବାବୁ ଓଡ଼ିଆକୁ ଜ୍ଞାନ, ନବସୃଜନ ଓ ସୁଯୋଗର ଭାଷା କରିବା ପାଇଁ ସାମୂହିକ ଉଦ୍ୟମର ଆବଶ୍ୟକତା ଉପରେ ମତ ଦେଇଥିଲେ। ସରକାରୀ ଯୋଜନା, ଆଇନ ଓ ଗୁରୁତ୍ୱପୂର୍ଣ୍ଣ ଦଲିଲକୁ ସରଳ ଓଡ଼ିଆରେ ଉପଲବ୍ଧ କରାଇବାର ଆବଶ୍ୟକତା ମଧ୍ୟ ଏହି ଚିନ୍ତାଧାରା ସହ ସମ୍ପର୍କିତ।

ଏହି ଦୃଷ୍ଟିକୋଣରେ ଗଭୀର ଅର୍ଥ ରହିଛି। ଜଣେ ଚାଷୀ ଯଦି ନିଜ ଭାଷାରେ ସରକାରୀ ଯୋଜନାର ଯୋଗ୍ୟତା, ଆବେଦନ ପ୍ରକ୍ରିୟା ଓ ଲାଭ ସମ୍ପର୍କରେ ସଠିକ୍ ସୂଚନା ପାଆନ୍ତି, ତେବେ ମଧ୍ୟସ୍ଥଙ୍କ ଉପରେ ତାଙ୍କ ନିର୍ଭରତା କମିପାରେ। ଜଣେ ଛାତ୍ର ନିଜ ମାତୃଭାଷାରେ ବିଜ୍ଞାନର ଜଟିଳ ଧାରଣା ବୁଝିପାରିଲେ ତାଙ୍କର ଜ୍ଞାନ ଅଧିକ ସୁଦୃଢ଼ ହୋଇପାରେ। ଜଣେ ଶ୍ରମିକ ଯଦି ନିଜ ଅଧିକାର ସମ୍ପର୍କିତ ନିୟମକୁ ସହଜ ଭାଷାରେ ପଢ଼ିପାରନ୍ତି, ତେବେ ନିଜ ସ୍ୱାର୍ଥର ସୁରକ୍ଷା ପାଇଁ ସେ ଅଧିକ ସଚେତନ ହୋଇପାରିବେ। ଏହି ଅର୍ଥରେ ଭାଷାର ବିକାଶ ହେଉଛି ଜ୍ଞାନର ଲୋକତାନ୍ତ୍ରିକରଣ। ତେବେ ଏହି ଲକ୍ଷ୍ୟ ପୂରଣ ପାଇଁ କେବଳ ଆହ୍ୱାନ ଯଥେଷ୍ଟ ନୁହେଁ; ଉଚ୍ଚମାନର ଅନୁବାଦ, ନୂତନ ପାଠ୍ୟପୁସ୍ତକ, ଶବ୍ଦକୋଷ, ଡିଜିଟାଲ୍? ଶିକ୍ଷାସାମଗ୍ରୀ, ଶିକ୍ଷକ ପ୍ରଶିକ୍ଷଣ ଓ ଗବେଷଣାକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ପଡ଼ିବ। ଓଡ଼ିଆ ଭାଷାରେ ଜ୍ଞାନର ବିସ୍ତାର କରିବା ସହ ଅନ୍ୟ ଭାଷାର ଜ୍ଞାନକୁ ମଧ୍ୟ ଗ୍ରହଣ କରିବାର ଦକ୍ଷତା ଗଢ଼ିବା ଆବଶ୍ୟକ। ମାତୃଭାଷା ଓ ବିଶ୍ୱଜ୍ଞାନ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି; ଉଭୟ ମିଶି ଛାତ୍ରଛାତ୍ରୀଙ୍କୁ ଅଧିକ ସକ୍ଷମ କରିପାରନ୍ତି। ଏହି ପ୍ରସଙ୍ଗରେ ରାଜ୍ୟପାଳଙ୍କ ଆହ୍ୱାନକୁ ଏକ ଆରମ୍ଭ ଭାବେ ନେଇ ଶିକ୍ଷାନୁଷ୍ଠାନ, ସାହିତ୍ୟିକ, ବୈଜ୍ଞାନିକ, ଅନୁବାଦକ, ଗଣମାଧ୍ୟମ ଓ ସରକାରୀ ବିଭାଗ ମିଳିତ ଭାବେ କାମ କରିବା ଦରକାର। ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ପ୍ରକୃତି ପ୍ରତି ତାଙ୍କ ଆଗ୍ରହ ମଧ୍ୟ ତାଙ୍କ ସାର୍ବଜନୀନ କାର୍ଯ୍ୟକଳାପରେ ଦେଖାଯାଇଛି। ଅକ୍ଟୋବର ୧୦ ତାରିଖରେ ସେ ପତ୍ନୀ ଜୟଶ୍ରୀ କମ୍ଭମ୍ପାଟିଙ୍କ ସହ ଦେବ୍ରିଗଡ଼ ଅଭୟାରଣ୍ୟ ପରିଦର୍ଶନ କରିଥିଲେ। ସେଠାରେ ପ୍ରକୃତିର ସୌନ୍ଦର୍ଯ୍ୟ, ବନ୍ୟଜୀବ, ପର୍ଯ୍ୟଟକଙ୍କ ପାଇଁ ସୁବିଧା, ଜୈବବିବିଧତା ସଂରକ୍ଷଣ ଏବଂ ପର୍ଯ୍ୟଟନର ସମ୍ଭାବନା ପ୍ରତି ସେ ଧ୍ୟାନ ଦେଇଥିବା ବିଷୟ ସାମ୍ନାକୁ ଆସିଥିଲା।

ଏପରି ପରିଦର୍ଶନର ମହତ୍ତ୍ୱ କେବଳ ରାଜ୍ୟର ଏକ ପର୍ଯ୍ୟଟନସ୍ଥଳୀକୁ ଦେଖିବାରେ ସୀମିତ ନୁହେଁ। ଓଡ଼ିଶାର ବନ, ନଦୀ, ପାହାଡ଼, ହ୍ରଦ, ସମୁଦ୍ରତଟ ଓ ବନ୍ୟଜୀବ ସମ୍ପଦ ପରିବେଶ ସୁରକ୍ଷା ସହିତ ସ୍ଥାନୀୟ ଲୋକଙ୍କ ଜୀବିକାର ମଧ୍ୟ ଆଧାର। ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ ଗ୍ରାମୀଣ ଅଞ୍ଚଳରେ ରୋଜଗାର ସୃଷ୍ଟି କରିପାରେ, ସ୍ଥାନୀୟ ହସ୍ତଶିଳ୍ପ ଓ ଖାଦ୍ୟସଂସ୍କୃତିକୁ ପରିଚିତ କରାଇପାରେ ଏବଂ ଯୁବପିଢ଼ିଙ୍କୁ ନିଜ ଅଞ୍ଚଳରେ ଜୀବିକାର ସୁଯୋଗ ଦେଇପାରେ। କିନ୍ତୁ ପର୍ଯ୍ୟଟନର ବିକାଶ ପରିବେଶ ଉପରେ ଚାପ ବଢ଼ାଇବା ଉଚିତ ନୁହେଁ। ବନ୍ୟଜୀବଙ୍କ ବାସସ୍ଥାନ, ଜଳସମ୍ପଦ, ଜଙ୍ଗଲ ଓ ସ୍ଥାନୀୟ ଜନଜାତିଙ୍କ ଜୀବନପଦ୍ଧତିକୁ ସୁରକ୍ଷିତ ରଖିବା ସହିତ ଯଦି ପର୍ଯ୍ୟଟନ ଯୋଜନା ହୁଏ, ତେବେ ଏହା ଦୀର୍ଘକାଳୀନ ଲାଭ ଦେଇପାରିବ। ଦେବ୍ରିଗଡ଼ ଭଳି ଅଞ୍ଚଳରେ ସ୍ଥାନୀୟ ଯୁବକଯୁବତୀଙ୍କୁ ପ୍ରକୃତି ମାର୍ଗଦର୍ଶକ, ପରିବେଶ ସହାୟକ, ହସ୍ତଶିଳ୍ପ ବିକ୍ରେତା ଓ ଅତିଥି ସେବା କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଗଲେ ସଂରକ୍ଷଣ ଓ ଜୀବିକା ମଧ୍ୟରେ ସମନ୍ୱୟ ସୃଷ୍ଟି ହୋଇପାରେ। ତଥାପି ଏହି ସମ୍ଭାବନାଗୁଡ଼ିକ ବାସ୍ତବ ଫଳରେ ପରିଣତ ହେବା ପାଇଁ ବନ ବିଭାଗ, ପର୍ଯ୍ୟଟନ ବିଭାଗ, ସ୍ଥାନୀୟ ପ୍ରଶାସନ ଓ ଗ୍ରାମସମାଜର ଦୀର୍ଘକାଳୀନ ସମନ୍ୱିତ କାର୍ଯ୍ୟ ଆବଶ୍ୟକ। ରାଜ୍ୟପାଳଙ୍କ ପରିଦର୍ଶନ ଏପରି ଆଲୋଚନାକୁ ଗୁରୁତ୍ୱ ଦେଇପାରେ, କିନ୍ତୁ ପ୍ରକୃତ ଫଳ ମାପିବାକୁ ହେଲେ ସଂରକ୍ଷଣର ଅବସ୍ଥା, ସ୍ଥାନୀୟ ଆୟ, ପର୍ଯ୍ୟଟକଙ୍କ ସୁରକ୍ଷା ଓ ପ୍ରାକୃତିକ ସମ୍ପଦର ଅବସ୍ଥା ଭଳି ସୂଚକଗୁଡ଼ିକୁ ଦେଖିବା ଦରକାର। ଏହା ହେଉଛି ଦାୟିତ୍ୱପୂର୍ଣ୍ଣ ମୂଲ୍ୟାୟନର ମୂଳ ଆଧାର। ହରି ବାବୁଙ୍କ କାର୍ଯ୍ୟକାଳରେ ଆଦିବାସୀ ସମାଜର ସମ୍ମାନଜନକ ଓ ସମାବେଶୀ ବିକାଶ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ବିଷୟ ଥିଲା। ଓଡ଼ିଶାରେ ବିଭିନ୍ନ ଜନଜାତି ସମ୍ପ୍ରଦାୟର ନିଜସ୍ୱ ଭାଷା, ପରମ୍ପରା, ଜ୍ଞାନ, କଳା ଓ ପ୍ରକୃତି ସହ ସମ୍ପର୍କ ରହିଛି। ଏହି ସମ୍ପଦକୁ କେବଳ ସାଂସ୍କୃତିକ ପ୍ରଦର୍ଶନର ବିଷୟ ଭାବେ ଦେଖିବା ଉଚିତ ନୁହେଁ; ଏହା ସେମାନଙ୍କ ସାମାଜିକ ପରିଚୟ, ଆତ୍ମସମ୍ମାନ ଓ ଜୀବନର ଅଂଶ। ବିଶେଷ ଭାବେ ଅତ୍ୟନ୍ତ ଅସୁରକ୍ଷିତ ଜନଜାତି ଗୋଷ୍ଠୀଙ୍କ ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ପୋଷଣ, ପାନୀୟ ଜଳ, ସଂଯୋଗ ବ୍ୟବସ୍ଥା, ସ୍ଥାୟୀ ଜୀବିକା ଓ ମୌଳିକ ସେବାର ପହଞ୍ଚ ଅତ୍ୟନ୍ତ ଆବଶ୍ୟକ। ଏହି ସହିତ ସେମାନଙ୍କ ପାରମ୍ପରିକ ଜ୍ଞାନ, ଭାଷା ଓ ସାଂସ୍କୃତିକ ପରିଚୟକୁ ସୁରକ୍ଷିତ ରଖିବା ମଧ୍ୟ ସମାନ ଗୁରୁତ୍ୱର। ଜୁଲାଇ ୨୦୨୬ରେ ଭୁବନେଶ୍ୱରରେ ଆୟୋଜିତ ଅତ୍ୟନ୍ତ ଅସୁରକ୍ଷିତ ଜନଜାତି ଗୋଷ୍ଠୀଙ୍କ ବିକାଶ ସମ୍ପର୍କିତ ଏକ ଆଲୋଚନାଚକ୍ରରେ ରାଜ୍ୟପାଳ ଏହି ସମ୍ପ୍ରଦାୟମାନଙ୍କ ସମ୍ମାନଜନକ ବିକାଶକୁ ଗୁରୁତ୍ୱ ଦେଇଥିଲେ। ଓଡ଼ିଶାରେ ଏପରି ୧୩ଟି ଜନଜାତି ଗୋଷ୍ଠୀ ଥିବା କଥା ଉଲ୍ଲେଖ କରି ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ମୌଳିକ ସୁବିଧା ସହ ସାଂସ୍କୃତିକ ପରିଚୟକୁ ସୁରକ୍ଷା ଦେବା ଉପରେ ଆଲୋକପାତ କରାଯାଇଥିଲା।

ଏହି ଦୃଷ୍ଟିକୋଣ ଗୁରୁତ୍ୱପୂର୍ଣ୍ଣ, କାରଣ ବିକାଶର ଅର୍ଥ ସମସ୍ତଙ୍କୁ ଏକ ଢାଞ୍ଚାରେ ଢାଳିବା ନୁହେଁ। ବିକାଶର ଅର୍ଥ ହେଉଛି ପ୍ରତ୍ୟେକ ସମ୍ପ୍ରଦାୟ ନିଜର ପରିଚୟ ଓ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖି ଶିକ୍ଷା, ସ୍ୱାସ୍ଥ୍ୟ, ଆୟ ଓ ସୁଯୋଗରେ ଅଗ୍ରଗତି କରିବା। ଜନଜାତି ଅଞ୍ଚଳରେ ଯୋଜନା ତିଆରି କରିବାବେଳେ ସ୍ଥାନୀୟ ଲୋକଙ୍କ ମତାମତ ନିଆଯିବା ଆବଶ୍ୟକ। ସେମାନଙ୍କ ଆବଶ୍ୟକତା ନଜାଣି କେବଳ କାର୍ଯ୍ୟାଳୟରୁ ଯୋଜନା ପ୍ରସ୍ତୁତ କଲେ ଅନେକ ସମୟରେ ତାହାର ଲାଭ ଲକ୍ଷ୍ୟଭୁକ୍ତ ପରିବାର ପର୍ଯ୍ୟନ୍ତ ପହଞ୍ଚ? ନାହିଁ। ଗ୍ରାମସଭା, ସ୍ଥାନୀୟ ସଂଗଠନ, ମହିଳା ଗୋଷ୍ଠୀ, ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ ଓ ଜନଜାତି ନେତୃତ୍ୱର ସହଭାଗିତା ଥିଲେ ଯୋଜନାଗୁଡ଼ିକ ଅଧିକ ଉପଯୋଗୀ ହୋଇପାରିବ। ଏହା ସହିତ ଜଙ୍ଗଲ ଅଧିକାର, ଜମି ସୁରକ୍ଷା, ପୋଷଣ ଓ ମାତୃ-ଶିଶୁ ସ୍ୱାସ୍ଥ୍ୟ, ଶିକ୍ଷାରେ ଭାଷାଗତ ସହାୟତା ଏବଂ ସ୍ଥାନୀୟ ଜୀବିକାର ସୁଯୋଗକୁ ଏକାଠି ବିଚାର କରିବା ଦରକାର। ରାଜ୍ୟପାଳଙ୍କ ଭୂମିକା ଏଠାରେ ଆଲୋଚନାକୁ ଗୁରୁତ୍ୱ ଦେବା, ସଂସ୍ଥାଗୁଡ଼ିକୁ ଦାୟିତ୍ୱ ସ୍ମରଣ କରାଇବା ଓ ଅବହେଳିତ ବର୍ଗଙ୍କ ସମସ୍ୟା ପ୍ରତି ସାର୍ବଜନୀନ ଧ୍ୟାନ ଆକର୍ଷଣ କରିବାରେ ରହିଥାଏ। ଏହି ପ୍ରସଙ୍ଗରେ ତାଙ୍କ ଆଗ୍ରହକୁ ମୂଲ୍ୟାୟନ କରିବା ସହ ଆଗାମୀ ଦିନରେ ଯୋଜନାଗୁଡ଼ିକ କେତେ ଲୋକଙ୍କ ପାଖରେ ପହଞ୍ଚିଲା, ସେମାନଙ୍କ ଜୀବନରେ କେତେ ପରିବର୍ତ୍ତନ ଆସିଲା ଏବଂ ସାଂସ୍କୃତିକ ଅଧିକାର କେତେ ସୁରକ୍ଷିତ ହେଲା, ତାହା ମଧ୍ୟ ଦେଖିବା ଆବଶ୍ୟକ। (କ୍ରମଶଃ)

# ଅନାବଶ୍ୟକ ଭୋକ : 'ପଲିଫେଜିଆ'

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ବେଳେ ବେଳେ କେତେକ ଲୋକଙ୍କୁ ଶରୀରର ଆବଶ୍ୟକତା ଅନୁଯାୟୀ ଅଧିକ ଭୋକ ଲାଗିଥାଏ। କେହି କେହି ଏଥିପାଇଁ ଖୁସି ହୁଅନ୍ତି ଯେ ଶରୀର ନିର୍ଦ୍ଧାରିତ ଭାବରେ ସମ୍ଭବତଃ ପୁଷ୍ଟିକାରକ ଖାଦ୍ୟ ଆବଶ୍ୟକ କରୁଛି। ତେବେ ବିଶେଷକରି ଡାଇବେଟିସକୁ ସାମ୍ନା କରୁଥିବା ଲୋକମାନଙ୍କ ଠାରେ ଅଧିକ ସମୟରେ କ୍ଷୁଧା ଅନୁଭବ ହୁଏ। ଯାହାକୁ ଡାକ୍ତରୀ ଭାଷାରେ ପଲିଫେଜିଆ ବା ହାଇପରଫେଜିଆ କୁହାଯାଏ। ଏହାକୁ ଡାଇବେଟିସର ସାଧାରଣ ଲକ୍ଷଣ କହନ୍ତି, ମଧୁମେହ ହୋଇଥିଲେ ଲୋକେ ଖାଇବା ପରେ ମଧ୍ୟ ଅତ୍ୟଧିକ ଭୋକ ଅନୁଭବ କରିପାରନ୍ତି। ଏହା ଗ୍ଲୁକୋଜ ଓ ଇନସୁଲିନ ନିୟନ୍ତ୍ରଣରେ ପରିବର୍ତ୍ତନ ସହ ଜଡ଼ିତ ହୋଇପାରେ। ତେବେ ଖାଇବା ପରେ ପୁଣି ଭୋକ ଲାଗିବା କେତେକ ସମୟରେ ଅସ୍ୱାଭାବିକ ବି ହୋଇଥାଏ। ବାରମ୍ବାର ଅତ୍ୟଧିକ ଭୋକ ସହ ଶୋଷ ଲାଗିବା, ବାରମ୍ବାର ପରିସ୍ରା, ଥକାପଣ, କିମ୍ବା ଅନିଚ୍ଛାକୃତ ଓଜନ ହ୍ରାସ ପରି ଲକ୍ଷଣ ଦେଖାଗଲେ ଅଣଦେଖା କରିବା ଉଚିତ ନୁହେଁ। ତେଣୁ ଡାଇବେଟିସ ହିଁ ସବୁବେଳେ ବାରମ୍ବାର ଭୋକର କାରଣ ନୁହେଁ। ନିଦ, ଶାରୀରିକ କାର୍ଯ୍ୟକଳାପ, ମାନସିକ ଚାପ, କେତେକ ଔଷଧ ଓ ଅନ୍ୟ ଅନେକ କାରଣ ଦ୍ୱାରା ମଧ୍ୟ ଭୋକ ପ୍ରଭାବିତ ହୋଇପାରେ।

ହାଇପରଫେଜିଆ ବା ପଲିଫେଜିଆ ଅର୍ଥ ସ୍ୱାଭାବିକ ଠାରୁ ଅଧିକ ଖାଇବା କିମ୍ବା ଅତି ଭୋକିଲା ଅନୁଭବ କରିବା। ସାଧାରଣତଃ ଶରୀର ଶକ୍ତି ପାଇଁ ଖାଦ୍ୟରୁ ଗ୍ଲୁକୋଜ ବ୍ୟବହାର କରିଥାଏ। ଯେତେବେଳେ ଆମେ ଖାଉ କାର୍ବୋହାଇଡ୍ରେଟ ଗ୍ଲୁକୋଜ ଦ୍ୱାରା ଭାଙ୍ଗି ରକ୍ତ ପ୍ରବାହରେ ମିଶିଥାଏ। ଇନସୁଲିନ ରକ୍ତ ପ୍ରବାହରୁ ଗ୍ଲୁକୋଜ କୋଷ ଗୁଡ଼ିକୁ ସ୍ଥାନାନ୍ତର କରିବାରେ ସାହାଯ୍ୟ କରେ, ଯେଉଁଠାରେ ଏହା ଇନ୍ଧନ ଭାବେ ବ୍ୟବହୃତ ହୁଏ କିମ୍ବା ସଂରକ୍ଷିତ ରହେ। ଡାଇବେଟିସ କାରଣରୁ ଅନେକ ଇନସୁଲିନ ଉତ୍ପାଦିତ ହୁଏ, ତେବେ ଠିକ ଭାବରେ କାମ କରେ ନାହିଁ। ଫଳରେ ଏହା ରକ୍ତରେ ଗ୍ଲୁକୋଜ ସ୍ତର ବୃଦ୍ଧିର କାରଣ ପାଲଟେ। ଏଣୁ ବ୍ୟକ୍ତି ବାରମ୍ବାର ଭୋକ ଅନୁଭବ କରିପାରନ୍ତି।



ଆମେ କୌଣସି ଖାଦ୍ୟ ଖାଇଲେ ତାହା ରକ୍ତ ପ୍ରବାହରେ ଗ୍ଲୁକୋଜ ଛାଡ଼ିଥାଏ। ସାଧାରଣ ପରିସ୍ଥିତିରେ ଇନସୁଲିନ କୋଷଗୁଡ଼ିକୁ ଗ୍ଲୁକୋଜ ଶୋଷଣ କରିବାରେ ସାହାଯ୍ୟ କରେ। ତେବେ ଡାଇବେଟିସରେ ଇନସୁଲିନର ଅଭାବ କିମ୍ବା ଇନସୁଲିନ ପ୍ରତିରୋଧ ଯୋଗୁଁ ଗ୍ଲୁକୋଜ ବ୍ୟବହାର ଏବଂ ନିୟନ୍ତ୍ରଣ ବାଧାପ୍ରାପ୍ତ ହୁଏ। ରକ୍ତରେ ଗ୍ଲୁକୋଜ ସ୍ତର ବୃଦ୍ଧି ପାଇଲେ ଶରୀରର ଟିସୁ ଗୁଡ଼ିକ ଅନ୍ୟ ଉପାୟରେ ଶକ୍ତି ବ୍ୟବହାର ପାଇଁ ପର୍ଯ୍ୟାପ୍ତ ଗ୍ଲୁକୋଜ ଉପଲବ୍ଧ ଥିବାର ସଙ୍କେତ ପାଇଥାନ୍ତି। ଏହି ମେଟାବୋଲିକ ବିଭ୍ରାଟ ଅତ୍ୟଧିକ ଭୋକ ସୃଷ୍ଟି କରେ।

ତେବେ ବାରମ୍ବାର ଭୋକ ଲାଗିବା ସବୁବେଳେ ମଧୁମେହର ଲକ୍ଷଣ ହୋଇ ନପାରେ। ଏହାର ଅନେକ କାରଣ ରହିଛି। ତେଣୁ କେବଳ ଏହି ଗୋଟିଏ ଲକ୍ଷଣ ଉପରେ ଆଧାର କରି ମଧୁମେହ ବୋଲି ଧରି ନେବା ଠିକ ନୁହେଁ। ଖାଦ୍ୟରେ ପ୍ରୋଟିନ କିମ୍ବା ଫାଇବରର ଅଭାବ ଖୁବ କମ୍ କ୍ୟାଲୋରି ଗ୍ରହଣ, ଅଧିକ ଶାରୀରିକ କାର୍ଯ୍ୟକଳାପ, ପର୍ଯ୍ୟାପ୍ତ ନିଦର ଅଭାବ, ମାନସିକ ଚାପ, ଖାଦ୍ୟ ମଧ୍ୟରେ ଅତ୍ୟଧିକ ବ୍ୟବଧାନ, କେତେକ ଔଷଧ, ହରମୋନ କିମ୍ବା ମେଟାବୋଲିକ ଅବସ୍ଥା ଓ କମ ରକ୍ତ ଶର୍କରା ମଧ୍ୟ ବାରମ୍ବାର ଭୋକର ସମ୍ଭାବ୍ୟ କାରଣ ହୋଇପାରେ। ଓଡ଼ିଆରେ ଏକ ଲୋକ କଥା ଅଛି 'ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଚାଲିଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ'। ଅନେକ ସମୟରେ ଶରୀର ଚାହୁଁଥିବା ମାତ୍ରାଠାରୁ ଅଧିକ ଖାଦ୍ୟ ଖାଇବା ଦ୍ୱାରା ମେଦବହୁଳତା ସମସ୍ୟା ଦେଖାଦେଇଥାଏ ଏହା ବ୍ୟତୀତ ଗଣ୍ଠି ସମସ୍ୟା, ହଜମ ସମସ୍ୟା ଦେଖାଦେଇଥାଏ। କେତେକ କ୍ଷେତ୍ରରେ ଖାଦ୍ୟ ଭଲ ଭାବରେ ହଜମ ହୋଇପାରି ନଥାଏ। ସବୁବେଳେ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ, ନିରାମିଷ ଖାଦ୍ୟ ସବୁଠାରୁ ଭଲ। ନିଜ ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ। କୌଣସି ପ୍ରକାର ନିଶାଦ୍ରବ୍ୟ ଠାରୁ ଯେପରି ଦୂରେଇ ରୁହନ୍ତି ସେ ଦିଗକୁ ଦେଖନ୍ତୁ। ଗୋଟିଏ କଥା ସବୁବେଳେ ମନେ ରଖନ୍ତୁ ଯେ 'ଆମ ପାଇଁ ଖାଦ୍ୟ ନା ଖାଦ୍ୟ ପାଇଁ ଆମେ?' ତେବେ ଅତ୍ୟଧିକ ଭୋକ ଲାଗୁଥିଲେ ଏ କ୍ଷେତ୍ରରେ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି
ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭









# ଭାରତର ରଣନୀତି ଦେଖି ଛାନିଆ ଚୀନ୍

**ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି):**ଭାରତ ଓ ଚୀନ୍ ମଧ୍ୟରେ ଏଲଏସିରେ ଉତ୍ତେଜନା ହ୍ରାସ କରିବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ପାଇଁ ଉଦ୍ୟମ ଚାଲିଛି। ଏହାରି ଭିତରେ ପୁଣି ଥରେ ନିଜର ପୁରୁଣା ଚାଲ୍ ଖେଳିଛି ଚୀନ୍ । ଲଦାଖର ୨୮ଟି ପ୍ରମୁଖ ଭୌଗୋଳିକ ସ୍ଥାନର ନାମ ଆଧିକାରିକ ଭାବେ ନିର୍ଦ୍ଧାରଣ କରିଛି ଭାରତ ସରକାର । ଏଥିରେ ପାହାଡ଼, ଶୃଙ୍ଗ, ନଦୀ ଓ ହିମବାହ ଭଳି ବିଭିନ୍ନ ସ୍ଥାନ ରହିଛି। ଭାରତର ଏହି ପଦକ୍ଷେପକୁ ନେଇ ଚିହିଁକି ଉଠିଛି ଚୀନ୍ । ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଲଦାଖକୁ ନେଇ ପୁଣି ଥରେ ନିଜର ଦାବି ଉଠାଇବା ସହ ଭାରତର ଏହି ପଦକ୍ଷେପକୁ 'ବେଆଇନ' ବୋଲି କହିଛି । ତେବେ ଚୀନ୍‌ର ଏଭଳି ଦାବିକୁ ଭାରତ ତୁରନ୍ତ ଖାରଜ କରିଦେଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ ଭାବେ କହିଛି ଯେ, ଲଦାଖ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ରହିବ । ଚୀନ୍ ଏହାକୁ ଅସ୍ୱୀକାର କଲେ ମଧ୍ୟ ସତ୍ୟ ବଦଳିବ ନାହିଁ । ତେବେ ପ୍ରଶ୍ନ ଉଠୁଛି, ଦୁଇ ଦେଶ ମଧ୍ୟରେ କୂଟନୈତିକ ଆଲୋଚନା ଚାଲିଥିବା ବେଳେ ହଠାତ୍ ଲଦାଖର ସ୍ଥାନଗୁଡ଼ିକର ନାମକୁ ନେଇ କାହିଁକି ବିବାଦ ଦେଖାଦେଲା ? ଅରୁଣାଚଳ ପ୍ରଦେଶରେ ଦୀର୍ଘଦିନ ଧରି ନାମ ପରିବର୍ତ୍ତନ ଜରିଆରେ ନିଜର ଦାବି ଜାହିର କରୁଥିବା ଚୀନ୍‌କୁ ଭାରତ କ'ଣ ଉଚିତ ଜବାବ ଦେଇଛି ?ସୂଚନା ଅନୁସାରେ, ଅକ୍ଟୋବର ୨ ତାରିଖରେ ଭାରତର ଗୃହ ମନ୍ତ୍ରଣାଳୟ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ସହ ମିଶି ୨୮ଟି ଭୌଗୋଳିକ ସ୍ଥାନକୁ ଚିହ୍ନଟ କରିଥିଲା । ଏହି ସ୍ଥାନଗୁଡ଼ିକ ମଧ୍ୟରେ ୧୦ଟି ପାହାଡ଼ ଶୃଙ୍ଗ, ୨ଟି ପାର୍ବତ୍ୟ ଗିରିପଥ, ୭ଟି ଭୂଖଣ୍ଡ, ୩ଟି ପର୍ବତ, ୨ଟି ଜଳଉତ୍ସ, ୨ଟି ହିମବାହ, ଗୋଟିଏ ଉପତ୍ୟକା ଓ ଗୋଟିଏ ନଦୀ ରହିଛି । ଏହି ସ୍ଥାନଗୁଡ଼ିକର ନାମ ନିର୍ଦ୍ଧାରଣ କରି ଭାରତ ନିଜର ଆଧିକାରିକ ମାନଚିତ୍ରରେ ସେଗୁଡ଼ିକୁ ସ୍ଥାନ ଦେବା ପ୍ରକ୍ରିୟା ଆଗକୁ ବଢ଼ାଇଛି ।ବିଶେଷଜ୍ଞଙ୍କ ମତରେ, ଚୀନ୍ ଗତ କିଛି ବର୍ଷ ଧରି ଭାରତର ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନର ନାମ ନିଜ ଭାଷାରେ ପ୍ରକାଶ କରି ଆସୁଛି । ଚୀନ୍ ଅରୁଣାଚଳ ପ୍ରଦେଶକୁ ତଥାକଥିତ 'ଦକ୍ଷିଣ ତିବ୍ବତ' ବୋଲି ଦାବି କରୁଛି। ଏପରିକି କେତେକ କ୍ଷେତ୍ରରେ ଭାରତୀୟ ନାଗରିକଙ୍କୁ ଷ୍ଟାପଲ୍ ଭିସା ଦେବା ଭଳି ବିବାଦୀୟ ପଦକ୍ଷେପ ମଧ୍ୟ ନେଇଛି । ଏବେ ଲଦାଖର ୨୮ଟି ସ୍ଥାନର ନାମ ନିର୍ଦ୍ଧାରଣ କରି ଭାରତ ଚୀନ୍ ?ର ଏହି ରଣନୀତିକୁ ଜବାବ ଦେଇଥିବା କୁହାଯାଉଛି ।ଭାରତର ପୂର୍ବତନ ରାଷ୍ଟ୍ରଦୂତ ଅମରେନ୍ଦ୍ର ଖଟୁଆ କହିଛନ୍ତି ଯେ, ଏବେ ଭାରତ ନିଜର ଆଭିମୁଖ୍ୟକୁ ସ୍ପଷ୍ଟ ଭାବେ ରଖିବାର ସମୟ ଆସିଛି। ଭାରତ ଆର୍ଥିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଆଗକୁ ବଢୁଛି । ତେଣୁ ଚୀନ୍ ସହ ସମ୍ପର୍କ କେବଳ ବିବାଦ ମଧ୍ୟରେ ସୀମିତ ନ ରହି, ସହଯୋଗ ଭିତ୍ତିରେ ଆଗକୁ ବଢ଼ିବା ଆବଶ୍ୟକ । ତାଙ୍କ ମତରେ, ଚୀନ୍‌କୁ ଏଭଳି କାର୍ଯ୍ୟକଳାପ ବନ୍ଦ କରିବା ପାଇଁ ଭାରତ ସ୍ପଷ୍ଟ ସନ୍ଦେଶ ଦେବା ଉଚିତ । ଏଥିସହ ଉଚ୍ଚସ୍ତରୀୟ ଆଲୋଚନାରେ ମଧ୍ୟ ଏହି ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକୁ ଉଠାଇବା ଆବଶ୍ୟକ । ବିଶେଷ କରି ବୈଦେଶିକ ମନ୍ତ୍ରୀ ସ୍ତରର ବୈଠକ କିମ୍ବା ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ସ୍ତରୀୟ ଆଲୋଚନାରେ ଚୀନ୍‌କୁ ଏହି ବିଷୟରେ ସିଧାସଳଖ ଜଣାଇବା ଉଚିତ ବୋଲି ସେ କହିଛନ୍ତି ।

# 'ଆମେ ଏବେ ବିଶ୍ୱର ଶକ୍ତିକେନ୍ଦ୍ର'

**ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି):**ବିଶ୍ୱ ଭୂରାଜନୀତିରେ ଭାରତର ସ୍ଥିତିକୁ ନେଇ ବଡ଼ ବୟାନ ଦେଇଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର । ବିଶ୍ୱରେ ଭାରତର ପ୍ରଭାବ ଓ ପ୍ରତିଷ୍ଠା କିପରି ବଢୁଛି, ତାହା ସ୍ପଷ୍ଟ କରିଛନ୍ତି ସେ। ଭାରତକୁ କେବଳ ଏକ ମଧ୍ୟମ ଶକ୍ତି ବା 'ମିଡିଲ୍ ପାୱାର' ଭାବେ ବିବେଚନା କରିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି । ଭାରତ ଏବେ ଶକ୍ତିର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି ବୋଲି ଜୟଶଙ୍କର ମତ ରଖିଛନ୍ତି ।ବ୍ଲୁମବର୍ଗ ନ୍ୟୁ ଇକୋନୋମି ଫୋରମ୍‌ରେ ଏକ ଆଲୋଚନା ସମୟରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା ଯେ, ଭାରତ କାହିଁକି ନିଜକୁ ମଧ୍ୟମ ଶକ୍ତି ଭାବେ ପରିଚିତ କରାଇବାକୁ ଚାହୁଁନାହିଁ । ଏହାର ଉତ୍ତରରେ ସେ କହିଥିଲେ ଯେ, ଭାରତର ସାମର୍ଥ୍ୟକୁ ଦେଖିଲେ ଏହି ଶବ୍ଦ ଦେଶର ପ୍ରକୃତ ସ୍ଥିତିକୁ ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣନା କରିପାରୁନାହିଁ ।ନିଜ ମତକୁ ରଖିବା ସମୟରେ ଜୟଶଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣର ମଧ୍ୟ ଉଲ୍ଲେଖ କରିଥିଲେ । ସେ କହିଥିଲେ , ଯେଉଁ ଦେଶ ପାଖରେ ନିଜକୁ ଶକ୍ତିଶାଳୀ କରିବାର ସାମର୍ଥ୍ୟ ରହିଛି, ସେହି ଦେଶକୁ କେବଳ ମଧ୍ୟମ



ଶକ୍ତି ଭାବେ କାହିଁକି ଦେଖାଯିବ । ଭାରତର ଜନସଂଖ୍ୟା ବିଶ୍ୱରେ ସର୍ବାଧିକ । ଦେଶର ଅର୍ଥନୀତିର ଆକାର ପ୍ରାୟ ୪ ଟ୍ରିଲିୟନ୍ ଡଲାର ଏବଂ ବିକାଶ ପାଇଁ ଅନେକ ସୁଯୋଗ ରହିଛି । ଏଭଳି ସ୍ଥିତିରେ ଭାରତକୁ ମଧ୍ୟମ ଶକ୍ତି ବୋଲି କହିବା ଦେଶର ସାମର୍ଥ୍ୟକୁ ସୀମିତ କରି ଦେଖିବା ସହ ସମାନ ।ବିଶ୍ୱ ରାଜନୀତିରେ ବଦଳୁଥିବା ସମୀକରଣକୁ ନେଇ ମଧ୍ୟ ବୈଦେଶିକ ମନ୍ତ୍ରୀ ନିଜର ମତ ରଖିଥିଲେ । ତାଙ୍କ କହିବା ଅନୁସାରେ, ମଧ୍ୟମ ଶକ୍ତି ଭାବେ ପରିଚିତ ଦେଶଗୁଡ଼ିକ ଏବେ ପ୍ରତ୍ୟେକ ପ୍ରସଙ୍ଗରେ ନିଜ ବୁଦ୍ଧି ଓ ବିବେକର ବ୍ୟବହାର କରିବେ । ସେମାନେ ନିଜ ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେବେ, ନିଜର ବୈଦେଶିକ ନୀତି ନିଜେ ନିର୍ଦ୍ଧାରଣ କରିବେ ଏବଂ ପରେ ପରସ୍ପର ସହ ସମନ୍ୱୟ ସ୍ଥାପନ କରିବେ । ଅର୍ଥାତ୍, ବିଶ୍ୱର ବଡ଼ ଶକ୍ତିଗୁଡ଼ିକର ପ୍ରଭାବରେ ନିଜର ନିଷ୍ପତ୍ତି ନ ନେଇ ଦେଶଗୁଡ଼ିକ ନିଜ ସ୍ୱାର୍ଥ ଅନୁସାରେ ଆଗକୁ ବଢ଼ିବେ ।ବିଶ୍ୱ ଭୂରାଜନୀତିରେ ସୃଷ୍ଟି ହେଉଥିବା ନୂଆ ସମସ୍ୟା ଓ ଗୁରୁତ୍ୱପୂର୍ଣ୍ଣ ଯୋଗାଣ ମାର୍ଗରେ ବାଧା ସୃଷ୍ଟି ହେବା ଭଳି ପ୍ରସଙ୍ଗକୁ ମଧ୍ୟ ଜୟଶଙ୍କର ଉଠାଇଥିଲେ । ବିଶ୍ୱ ବ୍ୟବସ୍ଥା ଦ୍ରୁତ ଗତିରେ ବଦଳୁଛି ଏବଂ ଏହାର ପ୍ରଭାବ ବିଭିନ୍ନ ଦେଶର ପାରସ୍ପରିକ ସମ୍ପର୍କ ଉପରେ ପଡ଼ିବ ବୋଲି ସେ ସୂଚାଇଥିଲେ । ଏହି ପରିବର୍ତ୍ତନକୁ ନେଇ ବିଶ୍ୱର ସମସ୍ତ ଦେଶ ସକାରାତ୍ମକ ଦୃଷ୍ଟିକୋଣ ରଖିବା ଆବଶ୍ୟକ ବୋଲି ଜୟଶଙ୍କର କହିଥିଲେ ।ତାଙ୍କ ମତରୁ ଏହା ସ୍ପଷ୍ଟ ଯେ, ଭାରତ ଏବେ ବିଶ୍ୱ ରାଜନୀତିରେ କେବଳ ଅନ୍ୟ ଶକ୍ତିଶାଳୀ ଦେଶଗୁଡ଼ିକର ନିଷ୍ପତ୍ତିକୁ ଅନୁସରଣ କରିବାକୁ ଚାହୁଁନାହିଁ ।ବରଂ ନିଜର ଜାତୀୟ ସ୍ୱାର୍ଥ, ଆର୍ଥିକ ସାମର୍ଥ୍ୟ ଓ ରଣନୈତିକ ସ୍ୱାଧୀନତାକୁ ଆଧାର କରି ବିଶ୍ୱରେ ନିଜର ଭୂମିକାକୁ ଆହୁରି ମଜବୁତ କରିବାକୁ ଚାହୁଁଛି ।

# ଜନ୍ତର-ମନ୍ତର ବିବାଦରେ ସିଜେପିକୁ ରାହୁଲଙ୍କ ସମର୍ଥନ

**ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି):** ଜନ୍ତର ମନ୍ତରକୁ ବିକ୍ଷୋଭ ସ୍ଥଳ ମାନ୍ୟତାରୁ ହଟାଯିବାକୁ ନେଇ ବିବାଦ ତେଜିଛି । ଏହି ପ୍ରସଙ୍ଗରେ କୋକ୍ରୋଚ୍ ଜନତା ପାର୍ଟି (ସିଜେପି)କୁ ସମର୍ଥନ ଜଣାଇଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ସିଜେପିର ସହ-ସଂଯୋଜକ ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ୫ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଯିବା ପରେ ରାହୁଲ ସେମାନଙ୍କ ସମର୍ଥନରେ ମତ ରଖିଛନ୍ତି ।ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ରାହୁଲ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦ ସମୟରେ ଯନ୍ତର ମନ୍ତରରେ ତ୍ରିରଙ୍ଗା ଉଡ଼ାଇବା କୌଣସି ଅପରାଧ ନୁହେଁ। ଏଥିପାଇଁ ଯୁବକମାନଙ୍କୁ ଜେଲ୍ ପଠାଇବା କାପୁରୁଷତାର ପରିଚୟ ବୋଲି ସେ କହିଛନ୍ତି ।ରାହୁଲ ଆହୁରି କହିଛନ୍ତି ଯେ, ଦେଶର ବିଭିନ୍ନ ସ୍ଥାନରେ ଚାଲିଥିବା ପ୍ରତିବାଦର ଉଦ୍ଦେଶ୍ୟ ଏକ। ଛାତ୍ର, ଯୁବକ, ସାମ୍ବାଦିକ ଓ ଇଣ୍ଡିଆ ମେଣ୍ଟର ପତାକା ଭିନ୍ନ ହୋଇପାରେ, କିନ୍ତୁ ସମସ୍ତଙ୍କ ଲକ୍ଷ୍ୟ ସମାନ। ନାଗରିକମାନେ ସେମାନଙ୍କ ସାମ୍ବିଧାନିକ ଅଧିକାର ଦାବି କରୁଛନ୍ତି। ଯନ୍ତର ମନ୍ତର ଭାରତର ଜନସାଧାରଣଙ୍କର ଏବଂ ଏହାକୁ ପୁଣି ଥରେ ହାସଲ କରାଯିବ ବୋଲି ସେ ମତ ଦେଇଛନ୍ତି ।ସୂଚନା ଅନୁସାରେ, ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତିବାଦ କରିବାକୁ ମଙ୍ଗଳବାର ସିଜେପି ନେତା ସୌରଭ ଦାସ, ଆଶୁତୋଷ ରାଙ୍କାଙ୍କ ସମେତ ଅନ୍ୟ ୧୨ ଜଣ କାର୍ଯ୍ୟକର୍ତ୍ତା ଯନ୍ତର ମନ୍ତରର ସୁରକ୍ଷା ବଳୟ ଭାଙ୍ଗି ତ୍ରିରଙ୍ଗା ଉଡ଼ାଇଥିଲେ। ଏହାପରେ ପୁଲିସ ସେମାନଙ୍କୁ ଅଟକ ରଖିଥିଲା ।ଅନ୍ୟପଟେ, ଦିଲ୍ଲୀ ପୁଲିସ ଯନ୍ତର ମନ୍ତରକୁ ବିକ୍ଷୋଭ ସ୍ଥଳ ମାନ୍ୟତାରୁ ହଟାଇବା ନେଇ ବିଜ୍ଞପ୍ତି ଜାରି କରିବାର ଗୋଟିଏ ଦିନ ପରେ ଏହି ଘଟଣା ଘଟିଛି। ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ବଢ଼ିଛି।

# ପ୍ରତିରକ୍ଷା ଓ ସାମୁଦ୍ରିକ ସୁରକ୍ଷା ମଜବୁତ କରିବାକୁ ରାଜନାଥଙ୍କ ଆହ୍ୱାନ

**ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି):**ଭାରତ ଓ ଏସିଆନ୍ ଦେଶଗୁଡ଼ିକ ମଧ୍ୟରେ ସାମୁଦ୍ରିକ ସୁରକ୍ଷା, କାଉଣ୍ଟର-ଡ୍ରୋନ୍ ସିଷ୍ଟମ୍, ସାଇବର ପ୍ରତିରକ୍ଷା ଓ ବିପର୍ଯ୍ୟୟ ମୁକାବିଲା ଭଳି କ୍ଷେତ୍ରରେ ମିଳିତ ଗବେଷଣା ଏବଂ ଦୃଢ଼ ପ୍ରତିରକ୍ଷା ସହଯୋଗ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବୁଧବାର ଆହ୍ୱାନ ଦେଇଛନ୍ତି। ଆଞ୍ଚଳିକ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ମିଳିତ କାର୍ଯ୍ୟ ଏବଂ ବ୍ୟବହାରିକ ସମାଧାନ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତିଜାତୀୟ ରାଜଧାନୀରେ ଆୟୋଜିତ ଏସିଆନ୍-ଭାରତ ପ୍ରତିରକ୍ଷା ଥିଙ୍କ୍ ଟ୍ୟାଙ୍କ ଫୋରମକୁ ସମ୍ବୋଧିତ କରି ରାଜନାଥ ସିଂହ କହିଛନ୍ତି ଯେ ଏହି ମଞ୍ଚ କେବଳ ମତାମତ ଆଦାନପ୍ରଦାନ ମଧ୍ୟରେ ସୀମିତ ନରହି ସରକାର ଏବଂ ଅନୁଷ୍ଠାନଗୁଡ଼ିକ ମିଳିତ ଭାବେ କାର୍ଯ୍ୟକାରୀ କରିପାରିବା ଭଳି ବ୍ୟବହାରିକ ପଦକ୍ଷେପଗୁଡ଼ିକୁ ଚିହ୍ନଟ କରିବାରେ ସହାୟକ ହେବା ଉଚିତ୍। ଭାରତ ଏବଂ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ଥିବା ପୁରାତନ ସାଂସ୍କୃତିକ ଓ ବାଣିଜ୍ୟିକ ସମ୍ପର୍କକୁ ମନେ ପକାଇ ସେ କହିଛନ୍ତି ଯେ ସାମୁଦ୍ରିକ ପଥ ଏହି ଦେଶଗୁଡ଼ିକୁ ଶତାବ୍ଦୀ ଶତାବ୍ଦୀ ଧରି ଯୋଡ଼ି ରଖିଛି। ଭାରତର 'ଆକ୍ଟ ଇଷ୍ଟ ପଲିସି', 'ସାଗର' ଏବଂ 'ମହାସାଗର' ଭିଜନ୍ ମୁକ୍ତ ତଥା ବହୁମୁଖୀ ସହଯୋଗକୁ ପ୍ରୋତ୍ସାହିତ କରୁଛି ବୋଲି ସେ ମତ



ଦେଇଛନ୍ତି। ବର୍ତ୍ତମାନର ବଦଳୁଥିବା କ୍ଷେତ୍ରୀୟ ସୁରକ୍ଷା ବାତାବରଣରେ ଆତଙ୍କବାଦ, ସାଇବର କ୍ରାଇମ ଏବଂ ଜଳବାୟୁ ଜନିତ ବିପର୍ଯ୍ୟୟ ଭଳି ସମସ୍ୟାଗୁଡ଼ିକ କୌଣସି ସୀମା ଭିତରେ ସୀମିତ ନାହିଁ ଏବଂ ଏହାର ମୁକାବିଲା ପାଇଁ ସମସ୍ତେ ମିଶି କାମ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ୨୦୨୬ ମସିହାକୁ 'ଏସିଆନ୍-ଭାରତ ସାମୁଦ୍ରିକ ସହଯୋଗ ବର୍ଷ' ଭାବେ ଘୋଷଣା କରାଯାଇଥିବା ପ୍ରସଙ୍ଗ ଉଠାଇ ସେ ନୌସେନା ଏବଂ କୋଷ୍ଟ ଗାର୍ଡ ମଧ୍ୟରେ ସୂଚନା ଆଦାନପ୍ରଦାନ ଏବଂ ଜରୁରୀକାଳୀନ ପରିସ୍ଥିତିରେ ମିଳିତ ପ୍ରତିକ୍ରିୟା ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି। ଏହାସହ କୃତୀମ ବୁଦ୍ଧିମତା (ଏଆଇ), ଡ୍ରୋନ୍, ସାଇବର କ୍ଷମତା ଏବଂ ମହାକାଶ ଭିତ୍ତିକ ପ୍ରଣାଳୀର ବ୍ୟବହାରକୁ ଗୁରୁତ୍ୱ ଦେଇ ଆତ୍ମନିର୍ଭର ଭାରତ ଜରିଆରେ ସହଯୋଗୀ ଦେଶମାନଙ୍କୁ ମିଳିତ ଭାବେ ପ୍ରତିରକ୍ଷା ସରଞ୍ଜାମ ଡିଜାଇନ୍, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ କରିବାକୁ ଭାରତ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

# ପ୍ରେମ ନୁହେଁ, ପ୍ରଥମେ ବିବାହ କର

**ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି):**ଆଲ୍ ଇଣ୍ଡିଆ ମଜଲିସ୍-ଇ-ଇତ୍ତେହାଦୁଲ୍ ମୁସଲିମିନ୍ (ଏଆଇଏମଆଇଏମ୍) ସୁପ୍ରିମୋ ତଥା ହାଇଦ୍ରାବାଦ ସାଂସଦ ଅସଦୁଦ୍ଦିନ୍ ଓୱେସିଙ୍କ ବୈବାହିକ ପରାମର୍ଶ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଯୁବକମାନଙ୍କୁ କୌଣସି ମହିଳାଙ୍କୁ 'ଆଇ ଲଭ୍ ୟୁ' କହିବା ପୂର୍ବରୁ ପ୍ରଥମେ ସେମାନଙ୍କୁ ବିବାହ କରିବା ପାଇଁ ଓୱେସି ପରାମର୍ଶ ଦେଇଛନ୍ତି। ନିଜର ସ୍ପଷ୍ଟବାଦୀ ଏବଂ ଚର୍ଚ୍ଚିତ ମନ୍ତବ୍ୟ ପାଇଁ ଜଣାଶୁଣା ଓୱେସି ଏକ ସଭାକୁ ସମ୍ବୋଧିତ କରି ପ୍ରେମ ନିବେଦନ ପୂର୍ବରୁ ବିବାହକୁ ପ୍ରାଥମିକତା ଦେବାକୁ ଯୁକ୍ତି ଦର୍ଶାଇଛନ୍ତି, ଯାହାର ଏକ ଭିଡିଓ ଦଳ ପକ୍ଷରୁ ଶେୟାର କରାଯାଇଛି।ସଭାରେ ଓୱେସି କହିଛନ୍ତି, ଆମେ ପ୍ରତ୍ୟେକ ଭାଷଣରେ ଲୋକଙ୍କୁ ସେମାନଙ୍କ ସ୍ତ୍ରୀଙ୍କୁ 'ଆଇ ଲଭ୍ ୟୁ'



କହିବାକୁ ପରାମର୍ଶ ଦେଇଥାଉ। ହେଲେ ଯୁବକମାନେ ଯଦି ଆପଣ କାହାକୁ ଭଲପାଉଛନ୍ତି, ତେବେ ପ୍ରଥମେ ସେମାନଙ୍କୁ ବିବାହ କରନ୍ତୁ ଏବଂ ତା''ପରେ 'ଆଇ ଲଭ୍ ୟୁ'କୁହନ୍ତୁ। ବିବାହ କରିବା ଦ୍ୱାରା ଆପଣଙ୍କ ଧର୍ମର ଅଧା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥାଏ। ଜଣେ ରାଜନେତାଙ୍କ ଘରକୁ ଯିବା ସମୟର ଏକ ସ୍ମୃତି ସେୟାର କରି ଓୱେସି କହିଛନ୍ତି ଯେ, ସେହି ରାଜନେତାଙ୍କ ପୁଅକୁ ବିବାହ କରିବା ପାଇଁ ସେ ପରାମର୍ଶ ଦେଇଥିଲେ, କିନ୍ତୁ ଯୁବକ ଜଣକ ପ୍ରଥମେ ନିଜ ଜୀବନରେ ସେଟଲ୍ ହେବାକୁ ଚାହୁଁଛନ୍ତି ବୋଲି କହିଥିଲେ। ଏହାକୁ ନେଇ କଟାକ୍ଷ କରି ଓୱେସି କହିଥିଲେ, ମୋର ଦାଢ଼ି ପାଚି ଧଳା ହୋଇଗଲାଣି, କିନ୍ତୁ ମୁଁ ଆଜି ପର୍ଯ୍ୟନ୍ତ ସେଟଲ୍ ହୋଇପାରିନାହିଁ। ପ୍ରଥମେ କେହି ସେଟଲ୍ ହୁଅନ୍ତି ନାହିଁ, ଆଗ ବିବାହ କର, ସବୁକିଛି ନିଜେ ନିଜେ ସ୍ଥିର ହୋଇଯିବ।

# ଦିଲ୍ଲୀ ଆସିବେନି ଆମେରିକା ବିଦେଶମନ୍ତ୍ରୀ

**ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି):** ଆମେରିକା ଓ ଭାରତ ମଧ୍ୟରେ କୂଟନୈତିକ ସମ୍ପର୍କକୁ ପୁଣି ଥରେ ନୂଆ ଗତି ମିଳିବାକୁ ଯାଉଛି। କାରଣ ଆମେରିକା ସେକ୍ରେଟାରୀ ଅଫ ଷ୍ଟେଟ୍ ମାର୍କ ରବିୟୋ ୧୭ରୁ ୨୨ ଅକ୍ଟୋବର ମଧ୍ୟରେ ଭାରତ ଓ ଉଜବେକିସ୍ତାନ ଅଧିକାରୀକ ଗସ୍ତ କରିବେ। ଚଳିତବର୍ଷ ଏହା ତାଙ୍କର ଦ୍ୱିତୀୟ ଭାରତ ଗସ୍ତ କାର୍ଯ୍ୟକ୍ରମ। ତେବେ ଧ୍ୟାନଦେବାର କଥା ହେଉଛି ରବିୟୋ ଭାରତ ଆସିବେ କିନ୍ତୁ ଜାତୀୟ ରାଜଧାନୀ ଦିଲ୍ଲୀ ଯିବେନି। ଆମେରିକା ବୈଦେଶିକ ବିଭାଗ ପକ୍ଷରୁ ଜାରି ମିଡିଆ ନୋଟ୍ ଅନୁସାରେ ରବିୟୋ ତାଙ୍କର ଏହି ଯାତ୍ରା କାଳରେ ମୁମ୍ବାଇ ଓ ଜାମନଗର ଗସ୍ତ କରିବେ ।ଯାତ୍ରା କାଳରେ ରବିୟୋ ଶୀର୍ଷ ଭାରତୀୟ ଅଧିକାରୀମାନଙ୍କୁ ଭେଟି ୱାସିଂଟନ ଓ ନୂଆଦିଲ୍ଲୀ ମଧ୍ୟରେ ରଣନୈତିକ ଭାଗିଦାରୀକୁ ଆହୁରି ମଜଭୁତ କରିବାକୁ ଚର୍ଚ୍ଚା କରିବେ। ଏହା ଛଡା କ୍ଷେତ୍ରିୟ ଓ ବୈଶ୍ୱିକ ବିକାଶ ପ୍ରସଙ୍ଗରେ ମଧ୍ୟ ବିଚାର ଆଦାନପ୍ରଦାନ କରାଯିବ। ରବିୟୋଙ୍କ ଭାରତ ଗସ୍ତ କାଳରେ ଉଭୟ ଦେଶଙ୍କ ମଧ୍ୟରେ ଉର୍ଜା ସହଯୋଗକୁ ବିସ୍ତାର ଦେବା ଲାଗି ଜୋର ଦେବେ। କେବଳ ଏତିକି ନୁହେଁ ଆମେରିକା- ଭାରତ ମଧ୍ୟରେ ବ୍ୟବସାୟୀକ ନିବେଶ ଓ ଆର୍ଥିକ ସହଯୋଗକୁ ଉତ୍ସାହିତ କରିବା ପାଇଁ ରବିୟୋ ଦେଶର ପ୍ରମୁଖ ବ୍ୟବସାୟୀଙ୍କୁ ମଧ୍ୟ ଭେଟିବେ ।ତେବେ ରବିୟୋ ଭାରତ ଆସିବା ପୂର୍ବରୁ ଉଜବେକିସ୍ତାନ ସମରକନ୍ଦ ଯିବେ। ସେଠାରେ ସେ ସି ଫାଇଭ ପ୍ଲସ୍ ୱାନ୍ ମିନେଷ୍ଟିରିୟଲରେ ଭାଗ ନେବେ। ଏହି ଅବସରରେ ଆମେରିକା ଓ ୫ ମଧ୍ୟ ଏସିୟ ଦେଶ ଉଜବେକିସ୍ତାନ, କାଜାକିସ୍ତାନ,ତାଜିକିସ୍ତାନ, ତୁର୍କମେନିସ୍ତାନ ଓ କିର୍ଗିଜ ଗଣରାଜ୍ୟ ମଧ୍ୟରେ ରଣନୈତିକ ସହଯୋଗକୁ ରେଖାଙ୍କିତ କରିବେ। ଏହି ଗସ୍ତ କାର୍ଯ୍ୟକ୍ରମରେ ରବିୟୋଙ୍କ ସହିତ ୨୦୦ରୁ ଅଧିକ ଆମେରିକୀୟ ବ୍ୟବସାୟୀତ ନେତା ଓ ପ୍ରତିନିଧି ଦଳ ମଧ୍ୟ ରହିବେ ।

# ଆଜମ ଖାନଙ୍କ ବଢ଼ିଲା ଅଡୁଆ

**ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି):**ସମାଜବାଦୀ ପାର୍ଟି (ସପା) ନେତା ଆଜମ ଖାନଙ୍କ ଅଡୁଆ ଆହୁରି ବଢ଼ିଛି। ସରକାରୀ ଅର୍ଥର ବ୍ୟବହାର ଏବଂ ଦୁର୍ନୀତି ଅଭିଯୋଗରେ ଅଜୀମନଗର ଥାନାରେ ଇଡି ପକ୍ଷରୁ ଏତଲା ଦାଏର କରାଯାଇଛି। ମୌଲାନା ମହମ୍ମଦ ଅଲ୍ଲୀ ଜୌହର ବିଶ୍ୱବିଦ୍ୟାଳୟ ନିର୍ମାଣରେ ଖର୍ଚ୍ଚ ହୋଇଥିବା ୪୧୬ କୋଟି ଟଙ୍କାର ହିସାବ ମିଳୁନଥିବା ଅଭିଯୋଗ ହୋଇଛି। ଏଫ୍‌ଆଇଆର୍‌ରେ ପାଞ୍ଚ ଜଣଙ୍କ ନାମ ଉଲ୍ଲେଖ ରହିଛି ।ମୌଲାନା ମହମ୍ମଦ ଅଲ୍ଲୀ ଜୌହର ବିଶ୍ୱବିଦ୍ୟାଳୟ ନିର୍ମାଣରେ ଖର୍ଚ୍ଚ ହୋଇଥିବା ୪୧୬.୧୪ କୋଟି ଟଙ୍କାର ହିସାବ ମିଳୁନଥିବା ମାମଲାରେ ଇଡି ସପା ନେତା ଆଜମ ଖାନଙ୍କ ବିରୋଧରେ ଅଜୀମନଗର ଥାନାରେ ଏତଲା ଦାଏର କରିଛି ।ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଲକ୍ଷ୍ନୌ ଜୋନାଲ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ପୀୟୂଷ ଏସ୍. ଥୋରେଟଙ୍କ ପକ୍ଷରୁ ଏହି ରିପୋର୍ଟ ଦାଖଲ କରାଯାଇଛି। ଏଥିରେ ଅପରାଧିକ ଷଡ଼ଯନ୍ତ୍ର, ଠକେଇ ଏବଂ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରା ଲାଗୁ କରାଯାଇଛି। ଏଫ୍‌ଆଇଆର୍‌ରେ ମୋଟ ପାଞ୍ଚ ଜଣ ଅଭିଯୁକ୍ତଙ୍କ ନାମ ଉଲ୍ଲେଖ ରହିଛି ।ଇଡିର ରିପୋର୍ଟ ଅନୁଯାୟୀ, ବିଶ୍ୱବିଦ୍ୟାଳୟ ପରିସରରେ ନିର୍ମିତ କୋଠାଗୁଡ଼ିକର ମୋଟ ନିର୍ମାଣ ଖର୍ଚ୍ଚ ୪୯୪.୪୬ କୋଟି ଟଙ୍କା ଥିବା ଦର୍ଶାଯାଇଛି। କିନ୍ତୁ ୨୦୧୩-୧୪ରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦାଖଲ ହୋଇଥିବା ଆୟକର ରିଟର୍ଣ୍ଣରେ ମାତ୍ର ୭୮.୩୨ କୋଟି ଟଙ୍କାର ପୁଞ୍ଜିଗତ ଖର୍ଚ୍ଚ ଦର୍ଶାଯାଇଛି ।ଏହିପରି ନିର୍ମାଣ ଖର୍ଚ୍ଚ ଓ ଘୋଷିତ ଖର୍ଚ୍ଚ ମଧ୍ୟରେ ୪୧୬.୧୪ କୋଟି ଟଙ୍କାର ବ୍ୟବଧାନ ସାମ୍ନାକୁ ଆସିଛି। ଇଡି ଏହାକୁ ଅଘୋଷିତ ନିର୍ମାଣ ଖର୍ଚ୍ଚ ବୋଲି ଦର୍ଶାଇ ଏହି ଅର୍ଥର ଉତ୍ସ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି ।ଇଡିର ରିପୋର୍ଟରେ ଅଭିଯୋଗ କରାଯାଇଛି ଯେ ସରକାରୀ ଠିକା ପାଇଥିବା କିଛି ଠିକାଦାର ବିଶ୍ୱବିଦ୍ୟାଳୟ ପରିସରକୁ ନିର୍ମାଣ ସାମଗ୍ରୀ ଯୋଗାଇଥିଲେ। ଏହି ସମ୍ପର୍କରେ ଗୋଟିଏ କମ୍ପାନୀର ପରିଚାଳନା ନିର୍ଦ୍ଦେଶକଙ୍କ ବୟାନକୁ ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।ଏହି ବୟାନ ଅନୁଯାୟୀ, ୨୦୧୩-୧୪ରୁ ୨୦୧୬-୧୭ ମଧ୍ୟରେ ଉକ୍ତ କମ୍ପାନୀ ପ୍ରାୟ ୧୮୬ କୋଟି ଟଙ୍କାର ସରକାରୀ ଠିକା ପାଇଥିଲା। ଇଡିର ଦାବି ଅନୁସାରେ, ଏହି ଠିକା ଅର୍ଥର ପ୍ରାୟ ୩୦ ପ୍ରତିଶତ ବିଶ୍ୱବିଦ୍ୟାଳୟ ନିର୍ମାଣରେ ବ୍ୟବହାର କରାଯାଇଥିବା କଥା ସାମ୍ନାକୁ ଆସିଛି ।ଏହି ଆଧାରରେ କେବଳ ଉକ୍ତ କମ୍ପାନୀ ମାଧ୍ୟମରେ ଅତି କମ୍‌ରେ ୫୫.୮ କୋଟି ଟଙ୍କାର ସରକାରୀ ଅର୍ଥ ବିଶ୍ୱବିଦ୍ୟାଳୟ ନିର୍ମାଣରେ ବ୍ୟବହାର ହୋଇଥିବା ଅଭିଯୋଗ ରହିଛି।

# ଅମିତ ଶାହଙ୍କ ମନ୍ତବ୍ୟ ନେଇ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଅଭିଯୋଗ

**ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି):** କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଏବଂ ଜନ୍ତର ମନ୍ତରରେ ପ୍ରତିବାଦକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଏସଆଇଆରରେ ଭୋଟର ତାଲିକାରୁ ବାଦ ପଡ଼ିଥିବା ୧୩ କୋଟି ୩୦ ଲକ୍ଷ ନିଯୁତ ଭାରତୀୟଙ୍କୁ ଅନୁପ୍ରବେଶକାରୀ କହିବା ଭାରତୀୟତାର ଅପମାନ। ଜନ୍ତର ମନ୍ତରକୁ ନିର୍ଦ୍ଦିଷ୍ଟ ପ୍ରତିବାଦ ସ୍ଥଳ ତାଲିକାରୁ ହଟାଇବା ପ୍ରତିବାଦ କରିବାର ଅଧିକାର ଉପରେ ଆକ୍ରମଣ ବୋଲି ସେ କହିଛନ୍ତି। ଏଭଳି କରି ସରକାର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ସୁରକ୍ଷା ଦେଉଥିବା ସେ ଅଭିଯୋଗ ଆଣିଛନ୍ତି। ସୋସିଆଲ ମିଡିଆରେ ସେ ଲେଖିଛନ୍ତି, ପ୍ରଥମେ ଭୋଟ ଚୋରି ଏବଂ ଏବେ ପ୍ରତିବାଦ କରିବାର ଅଧିକାର ଚୋରି ବିଜେପିର ଏକଛତ୍ରବାଦକୁ ଦର୍ଶାଉଛି। ସେ ଅଭିଯୋଗ କରିଛନ୍ତି ଯେ ସରକାରଙ୍କୁ ପ୍ରଶ୍ନ କରୁଥିବା ଲୋକଙ୍କୁ ଜେଲ୍ ପଠାଯାଉଛି, ଏବଂ ଯୁବବର୍ଗମାନଙ୍କ ଉପରେ



ଲାଠିଚାର୍ଜ କରାଯାଇ ଅଟକ ରଖାଯାଉଛି। ମହିଳା ପ୍ରଦର୍ଶନକାରୀଙ୍କ ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନ ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି ।କଂଗ୍ରେସ ମହାସଚିବ ଜୟରାମ ରମେଶ ମଧ୍ୟ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏସଆଇଆର ସମ୍ପର୍କରେ ତିନୋଟି ପ୍ରଶ୍ନ ପଚାରିଛନ୍ତି,ଏସଆଇଆରରେ କେତେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି, କେତେ ଲୋକଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି ଏବଂ କେତେ ଜଣଙ୍କୁ ଦେଶରୁ ନିର୍ବାସିତ କରାଯାଇଛି। ଭାରତୀୟଙ୍କୁ ଏସଆଇଆର ମାଧ୍ୟମରେ ଭୋଟ ଦେବାର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଉଛି। ସେ ପ୍ରଶ୍ନ କରିଛନ୍ତି ଯେ, ସରକାର ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଲୋକଙ୍କୁ ଅନୁପ୍ରବେଶକାରୀ ବୋଲି ବିବେଚନା କରନ୍ତି କି? ସେ ଗୃହମନ୍ତ୍ରୀଙ୍କୁ ମଧ୍ୟ ପ୍ରଶ୍ନ କରିଛନ୍ତି ଯେ, ଯଦି ଦେଶରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି ତେବେ ସରକାରଙ୍କ ଦାୟିତ୍ୱ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।

# ୫୦୦ ଆପତ୍ତିଜନକ ପୋଷ୍ଟ ହଟେଇବାକୁ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଚିଠି

**ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି):**ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କୁ ହଟେଇବା ଦାବିରେ ବିରୋଧୀ ଇଣ୍ଡି ମେଣ୍ଟ ପକ୍ଷରୁ ସୋମବାର ହୋଇଥିବା ପ୍ରତିବାଦ ଶୋଭାଯାତ୍ରାକୁ ନେଇ ଦିଲ୍ଲୀ ପୁଲିସ ଚାରିଟି ଏତଲା ରୁଜୁ କରିଛି। ପୁଲିସ ସୂତ୍ର ଅନୁଯାୟୀ ମାମଲାଗୁଡ଼ିକ ଅଞ୍ଚଳରେ ଲଗାଯାଇଥିବା ନିଷେଧ କଟକଣା ଉଲ୍ଲଂଘନ ଓ ବ୍ୟାରିକେଡ୍ ଭାଙ୍ଗିବା ଓ ରାସ୍ତା ବିକୃତ କରିବା ସହିତ ଜଡିତ। ଏ ସମ୍ପର୍କରେ ତିଳକ ମାର୍ଗ ପୁଲିସ ଷ୍ଟେସନରେ ଦୁଇଟି ଏତଲା ପଞ୍ଜିକୃତ ହୋଇଥିବା ବେଳେ ମନ୍ଦିର ମାର୍ଗ ଓ ବାରାଖମ୍ବା ରୋଡ୍ ଷ୍ଟେସନରେ ଗୋଟିଏ ଲେଖାଏଁ ଏତଲା ପଞ୍ଜିକୃତ ହୋଇଛି ।କଥିତ ବିଭ୍ରାନ୍ତିକର ପ୍ରଚାର ପାଇଁ ଦିଲ୍ଲୀ ପୁଲିସ ଦ୍ୱାରା ପୃଥକ୍ ଭାବେ ଏହି ଚାରୋଟି ଏତଲା ପଞ୍ଜିକୃତ କରାଯାଇଛି। ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି ଯେ, ପାକିସ୍ତାନ-ଭିତ୍ତିକ ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡ଼ିକ ଭାରତ ବିରୋଧୀ ତଥ୍ୟ ପ୍ରସାର କରିବା ଓ ସାମ୍ପ୍ରଦାୟିକ ସଦ୍ଭାବନାକୁ କ୍ଷତି ପହଞ୍ଚାଇବା ପାଇଁ ପ୍ରତିବାଦରୁ ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି। ଦିଲ୍ଲୀ ପୁଲିସ ୫୦୦ ରୁ ଅଧିକ ଆପତ୍ତିଜନକ ଓ ଭ୍ରାମକ ବିଷୟବସ୍ତୁ ହଟାଇବାକୁ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଚିଠି ଲେଖିଛନ୍ତି। ୧୦୦ରୁ ଅଧିକ ସନ୍ଦିଗ୍ଧ ସୋସିଆଲ ମିଡିଆ ହ୍ୟାଣ୍ଡେଲ, ଯାହା ମଧ୍ୟରୁ ଅନେକ ପାକିସ୍ତାନରୁ ପରିଚାଳିତ ହେଉଥିବା ବିଶ୍ୱାସ କରାଯାଉଛି ପୁଲିସ ରାଡାରରେ ଅଛି।

## ପ୍ରବାସୀ ଭାରତୀୟଙ୍କୁ ଶ୍ରୀଧର ଭେମ୍ବୁଙ୍କ ବଡ଼ ଆହ୍ୱାନ

# ଆମେରିକା ଛାଡ଼ି ଭାରତ ଫେର

**ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି):**ଆମେରିକାରେ ଚାକିରି କରୁଥିବା ଭାରତୀୟଙ୍କ ପାଇଁ ଗ୍ରୀନ୍ କାର୍ଡ ପ୍ରକ୍ରିୟା ଦୀର୍ଘଦିନ ଧରି ଏକ ବଡ଼ ଚିନ୍ତାର ବିଷୟ ହୋଇଆସିଛି । ଏହି ସମୟରେ ଜୋହୋ ପ୍ରତିଷ୍ଠାତା ଶ୍ରୀଧର ଭେମ୍ବୁ ବିଦେଶରେ କାମ କରୁଥିବା ଭାରତୀୟମାନଙ୍କୁ ନେଇ ଏକ ବୟାନ ଦେଇଛନ୍ତି । ସେ ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ନିଜ ଦେଶକୁ ଫେରି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରକୁ ଆହୁରି ମଜବୁତ କରିବାକୁ ଆହ୍ୱାନ ଦେଇଛନ୍ତି। ଏହା ସହିତ ସଫ୍ଟୱେର୍ ଚାକିରିର ଭବିଷ୍ୟତ ଏବଂ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବକୁ ନେଇ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ମତ ଦେଇଛନ୍ତି । ଆମେରିକାରେ ଚାକିରି, ଉଚ୍ଚ ଦରମା ଓ ସ୍ଥାୟୀ ଭାବେ ରହିବାର ସ୍ୱପ୍ନ ଦେଖୁଥିବା ଭାରତୀୟ ପେଶାଦାରଙ୍କ ପାଇଁ ଏବେ ଏହା ଏକ ବଡ଼ ପ୍ରଶ୍ନ ଯେ ଆଉ କେତେ ଦିନ ଗ୍ରୀନ୍ କାର୍ଡ ପାଇଁ ସେମାନେ ଅପେକ୍ଷା କରିବେ । ଅକ୍ଟୋବର ୧୩ ତାରିଖରେ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରି ଶ୍ରୀଧର ଭେମ୍ବୁ ବିଦେଶରେ ରହୁଥିବା ଭାରତୀୟଙ୍କୁ ନିଜ ଦେଶକୁ ଫେରିବା କଥା ଚିନ୍ତା କରିବାକୁ କହିଛନ୍ତି। ଆମେରିକାରେ ରହିବା ପାଇଁ ଥିବା ଅନିଶ୍ଚିତତା ମଧ୍ୟରେ ଅପେକ୍ଷା କରିବା ବଦଳରେ ନିଜ ଦେଶକୁ ଫେରି ଆସିବା ଭଲ ବୋଲି ସେ କହିଛନ୍ତି ।ସେ ଆହୁରି ମଧ୍ୟ ଲେଖିଛନ୍ତି, ଯେ "ଯେତେବେଳେ ବାହାର ଦେଶ ଆପଣଙ୍କୁ ଘରକୁ ଯିବାକୁ କୁହେ, ଆପଣ ଘରକୁ ଆସନ୍ତୁ। ବିକଳ୍ପ କ'ଣ ? ଆମକୁ ରହିବାକୁ ଅନୁମତି ଦେବାକୁ ସେମାନଙ୍କୁ ଅନୁରୋଧ କରିବା । ବେଆଇନ ଭାବରେ ରହିବା ।" ତାଙ୍କ ଏହି ମନ୍ତବ୍ୟ ଆମେରିକାରେ ଗ୍ରୀନ୍ କାର୍ଡ ପାଇଁ ଅପେକ୍ଷା କରୁଥିବା ଭାରତୀୟ କର୍ମଜୀବୀଙ୍କ ଭବିଷ୍ୟତକୁ ନେଇ ଏକ ନୂଆ ଆଲୋଚନା ସୃଷ୍ଟି କରିଛି ।ତେବେ ଏହି ଚର୍ଚ୍ଚା ମଧ୍ୟରେ ଏବେ ଆଉ ଏକ କଥାକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି । ଭାରତରେ ଶିକ୍ଷା ବ୍ୟବସ୍ଥା, ବିଦେଶରେ ପାଠପଢ଼ା ଏବଂ ଯୁବପିଢ଼ିର ଭବିଷ୍ୟତକୁ ନେଇ ଯେତେବେଳେ ଆଲୋଚନା ହୁଏ, ସେବେ ଦେଶର କିଛି ପ୍ରମୁଖ ରାଜନେତାଙ୍କ ପିଲାମାନଙ୍କ ବିଦେଶୀ ଶିକ୍ଷାକୁ ନେଇ ମଧ୍ୟ କଥା ଉଠିଥାଏ । ହାର୍ଭାର୍ଡ, ଅକ୍ସଫୋର୍ଡ, ୟେଲ୍ ଭଳି ବିଶ୍ୱପ୍ରସିଦ୍ଧ ଶିକ୍ଷାନୁଷ୍ଠାନରେ ଅଧିକାଂଶ ଅଭିନେତା ଓ ରାଜନେତାଙ୍କ ପିଲାମାନେ ଯାଇ ପାଠ ପଢ଼ିଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ଯେ କାହିଁକି ରାଜନେତାମାନେ ନିଜ ପିଲାଙ୍କୁ ନିଜ ଦେଶ ଅପେକ୍ଷା ବିଦେଶରେ ଶିକ୍ଷା ପ୍ରଦାନ କରୁଛନ୍ତି । ଭାରତର ଅନେକ ନାମିଦାମୀ ନେତା ଓ ଅଭିନେତାମାନେ ନିଜେ କିମ୍ବା ନିଜ ପିଲାଙ୍କୁ ବିଦେଶ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଉଛନ୍ତି ।



## ନୂଆ ଶାସନ ପଞ୍ଚାୟତରେ ୮ ଗୋଟି ପ୍ରକଳ୍ପର ଲୋକାର୍ପଣ କଲେ ସାଂସଦ ଓ ବିଧାୟକ



**ପିପିଲି,୧୪।୧୦ (ନି.ପ୍ର):** ପିପିଲି ବ୍ଲକ ଅନ୍ତର୍ଗତ ନୂଆଶାସନ ପଞ୍ଚାୟତ ରେ ବୁଧବାର ୮ଗୋଟି ବିଭିନ୍ନ ପ୍ରକଳ୍ପ ପୁରୀ ଲୋକ ସଭା ସାଂସଦ ଡା ସମ୍ବିତ ପାତ୍ର ଓ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଙ୍କ ଦ୍ୱାରା ଲୋକାର୍ପଣ ହୋଇଛି। ରାସ୍ତାଘାଟ ଓ ଗମନାଗମନ ର ବିକାଶ ପାଇଁ ୩୧୬ ନମ୍ବର ଜାତୀୟ ରାଜପଥ ଠାରୁ ନୂଆଶାସନ ପର୍ଯ୍ୟନ୍ତ ପ୍ରଶସ୍ତିକରଣ ପ୍ରକଳ୍ପ ର ଶିଳାନ୍ୟାସ, ଶ୍ରୀକଣ୍ଠପୁର ରୁ ବନ୍ଧମୂଳ ସେତୁ ଏବଂ ଦଳିତ ସାହି ଗୋଷ୍ଠୀ ଗୃହ ,ଇଚ୍ଛାପୁର ଦଳିତ ସାହି ସେତୁ , କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ର ଅତିରିକ୍ତ ଶ୍ରେଣୀଗୃହ ଓ ଗୋଷ୍ଠୀ ଗୃହ ଆଦି ଲୋକାଭିମୁଖୀ ପ୍ରକଳ୍ପ ର ଲୋକାର୍ପଣ ହୋଇଥିଲା। ଏହି ଲୋକାର୍ପଣ ଉତ୍ସବରେ ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ବିଡିଓ ସରୋଜ କୁମାର ରାଉତ , ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ , ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓ ,ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ,ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ୬ଜଣ ହିତାଧିକାରୀ ଙ୍କୁ ଅନ୍ତରଦ୍ୱୟ ଗୃହ ଯୋଜନା ର ବୋନସ ସହାୟତା ଅର୍ଥ ରାଶି ପ୍ରଦାନ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ କଟକ ମେୟର ସୁବାସ ସିଂହଙ୍କ ଚିଠି
## ଏସ୍‌ଟିଏ କାର୍ଯ୍ୟାଳୟ କଟକରୁ ଭୁବନେଶ୍ୱର ସ୍ଥାନାନ୍ତର ପ୍ରସ୍ତାବର ପୁନର୍ବିଚାର କରାଯାଉ

**କଟକ, ୧୪।୧୦ (ନି.ପ୍ର):** କଟକରେ ଅବସ୍ଥିତ ରାଜ୍ୟ ପରିବହନ ପ୍ରାଧିକରଣ (State Transport Authority–STA) କାର୍ଯ୍ୟାଳୟକୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରିବା ନେଇ ପ୍ରସ୍ତାବର ପୁନର୍ବିଚାର କରିବା ସହ କାର୍ଯ୍ୟାଳୟକୁ ପୂର୍ବବତ୍ କଟକରେ ରଖିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି କଟକ ମହାନଗର ନିଗମର ମେୟର ଶ୍ରୀ ସୁବାସ ଚନ୍ଦ୍ର ସିଂହ। ଏ ସମ୍ପର୍କରେ ସେ ଅକ୍ଟୋବର ୧୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଆନୁଷ୍ଠାନିକ ପତ୍ର ଲେଖିଛନ୍ତି।

ପତ୍ରରେ ମେୟର ଉଲ୍ଲେଖ କରିଛନ୍ତି ଯେ, କଟକ ଓଡ଼ିଶାର ପୂର୍ବତନ ରାଜଧାନୀ ଏବଂ ରାଜ୍ୟର ଏକ ପ୍ରାଚୀନ ଐତିହାସିକ ସହର। ପ୍ରଶାସନ, ବାଣିଜ୍ୟ, ଶିକ୍ଷା ଓ ନ୍ୟାୟିକ ବ୍ୟବସ୍ଥା କ୍ଷେତ୍ରରେ କଟକର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶା ହାଇକୋର୍ଟ ଏବଂ ଅନ୍ୟାନ୍ୟ ନ୍ୟାୟିକ ଅନୁଷ୍ଠାନ ଥିବାରୁ କଟକ ରାଜ୍ୟର ଏକ ପ୍ରମୁଖ ନ୍ୟାୟିକ କେନ୍ଦ୍ର ଭାବେ ପରିଚିତ। ତେଣୁ ସହରରେ ଥିବା ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟଗୁଡ଼ିକର ସ୍ଥାନାନ୍ତର ନିଷ୍ପତ୍ତି ନେବା ପୂର୍ବରୁ ଏହାର ଐତିହାସିକ ଓ ପ୍ରଶାସନିକ ଗୁରୁତ୍ୱକୁ ବିଚାର କରିବା ଆବଶ୍ୟକ।



ମେୟର କହିଛନ୍ତି ଯେ, ଏସ୍?ଟିଏ କାର୍ଯ୍ୟାଳୟ ଗାଡ଼ି ମାଲିକ, ପରିବହନ ବ୍ୟବସାୟୀ, ବାଣିଜ୍ୟିକ ଯାନର ପରମିଟ୍?ଧାରୀ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କୁ ବିଭିନ୍ନ ପରିବହନ ସମ୍ବନ୍ଧୀୟ ସେବା ଯୋଗାଇଥାଏ। କଟକରେ ଏହି କାର୍ଯ୍ୟାଳୟ ରହିବା ଫଳରେ କଟକ ସମେତ ପଡ଼?ଶୀ ଜିଲ୍ଲାର ଲୋକମାନେ ମଧ୍ୟ ସହଜରେ ନିଜର ସରକାରୀ କାର୍ଯ୍ୟ ସମ୍ପାଦନ କରିପାରୁଛନ୍ତି।

କାର୍ଯ୍ୟାଳୟ ସ୍ଥାନାନ୍ତର ହେଲେ ସାଧାରଣ ଲୋକଙ୍କୁ ଅଧିକ ଯାତାୟାତ ସମୟ ଓ ଅର୍ଥ ବ୍ୟୟ କରିବାକୁ ପଡ଼ିପାରେ। ବାରମ୍ବାର କାର୍ଯ୍ୟାଳୟକୁ ଯିବାକୁ ପଡୁଥିବା ଲୋକ, ପରିବହନ ବ୍ୟବସାୟୀ ଓ ଅନ୍ୟ ହିତାଧିକାରୀମାନେ ଏଥିଯୋଗୁଁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏହା ସରକାରୀ ସେବାର ସହଜ ଉପଲବ୍ଧତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଦ୍ୱିଧା ଓ ଆଶଙ୍କା ସୃଷ୍ଟି କରିପାରେ ବୋଲି ମେୟର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ସୁବିଧା, ପ୍ରଶାସନିକ ଆବଶ୍ୟକତା ଓ କଟକର ଐତିହାସିକ ତଥା ନ୍ୟାୟିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ସ୍ଥାନାନ୍ତର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏଥିସହିତ, ସମ୍ପୃକ୍ତ ବିଭାଗ ସହ ଆଲୋଚନା କରି ଏସ୍‌ଟିଏ କାର୍ଯ୍ୟାଳୟକୁ କଟକରେ ପୂର୍ବବତ୍ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ଅନୁରୋଧ କରିଛନ୍ତି।

କଟକବାସୀ ଓ ପଡ଼ଶୀ ଜିଲ୍ଲାର ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଏହି ଅନୁରୋଧ ଉପରେ ସକାରାତ୍ମକ ବିଚାର କରିବେ ବୋଲି ମେୟର ଆଶା ପ୍ରକାଶ କରିଛନ୍ତି।

## ସିଦ୍ଧାନ୍ତ ନଗର ଓ ଝାରେଡି ରାଧାଗୋବିନ୍ଦପୁର ପଞ୍ଚାୟତକୁ ଗଡିଲା ଲକ୍ଷ୍ମୀ ବସ



**ଗଞ୍ଜାମ, ୧୪।୧୦ (ନି.ପ୍ର):** ଗଞ୍ଜାମ ବ୍ଲକ ର ବିଭିନ୍ନ ଅଞ୍ଚଳକୁ ଲକ୍ଷ୍ମୀ ବସ ଗମନା ଗମନ ହେଉନଥିବା ଯୋଗୁଁ ସ୍ଥାନୀୟ ଅଂଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଆସୁଥିଲେ। ଏନେଇ ବହୁ ଅଭିଯୋଗ ପରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଓ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଙ୍କ ପରାମର୍ଶ କ୍ରମେ ରାମଗଡ଼ ପଞ୍ଚାୟତର ପାଲୁର ସାହେବ କେନାଲ ପାର୍ଶ୍ୱରେ ରହିଥିବା ସିଦ୍ଧାନ୍ତ ନଗର କୁ ଲକ୍ଷ୍ମୀ ବସ ଗଡିଛି। ସେହିପରି ଝାରେଡି ରାଧା ଗୋବିନ୍ଦପୁର ଓ ସାନ ରାମଚନ୍ଦ୍ର ପୁର ପଞ୍ଚାୟତ ରେ ମଧ୍ୟ ଲକ୍ଷ୍ମୀ ବସ ଯିବାଆସିବା କରିଛି। ବିଡ଼ିଓ ଅଚ୍ୟୁତାନନ୍ଦ ଜାନି, ଓ ଏସ ଆର ଟି ସି ଡିଷ୍ଟ୍ରିକ୍ଟ ମ୍ୟାନେଜର ଅରବିନ୍ଦ ମହାନ୍ତି, ଆସିଷ୍ଟାଣ୍ଟ ମ୍ୟାନେଜର ଅମ୍ରିତ ଦାଶ, ଗଞ୍ଜାମ ବ୍ଲକ ସୁପରଭାଇଜର ରଞ୍ଜିତ କୁମାର ନାହାକ ସୋମବାର ରୁଟ ପରିଦର୍ଶନ କରିବା ସହ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ସହ ଆଲୋଚନା କରିବା ପରେ ଲକ୍ଷ୍ମୀ ବସ ଉକ୍ତ ରୁଟ ରେ ଗଡିଛି। ଗଞ୍ଜାମ ବ୍ଲକ ରୁ ଲକ୍ଷ୍ମୀ ବସ ବାହାରି ସୂର୍ଯ୍ୟ ନାରାୟଣ ପୁର ପାର୍ଶ୍ୱ ଦେଇ ପାଲିବନ୍ଧ ପଞ୍ଚାୟତ, ରାମଗଡ଼ ପଞ୍ଚାୟତ, କଣ୍ଟା ପଡା ଛକ ଦେଇ ଜେ ଆର ଜି ପୁର ଓ ସାନ ରାମଚାନ୍ଦ୍ର ପୁର ଦେଇ ରମ୍ଭା ସହରରେ ପହଞ୍ଚିବା ପରେ ପୁଣି ସେହିରାସ୍ତା ଦେଇ ଗଞ୍ଜାମ ସହର କୁ ଫେରିବା ବ୍ୟବସ୍ଥା କରାଯାଇଛି। ଯାହାକୁନେଇ ଉକ୍ତ ଅଂଚଳରୁ ପନିପରିବା,ମାଛ ବ୍ୟବସାୟୀ ଓ ସାଧାରଣ ଜନତା ଯିବାଆସିବା କ୍ଷେତ୍ରରେ ସୁବିଧା ପାଇପାରିବେ। ଏନେଇ ସ୍ଥାନୀୟ ଅଂଚଳବାସୀ ଖୁସି ଜାହିର କରିଛନ୍ତି।

## ନବରଙ୍ଗପୁର ପଞ୍ଚାୟତ ସମିତି ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

**ନବରଙ୍ଗପୁର, ୧୪।୧୦ (ନି.ପ୍ର):** ପ୍ରଥମ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆଜି ନବରଙ୍ଗପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସାଂସଦଙ୍କ ପ୍ରତିନିଧି ଶ୍ରୀ ଜ୍ୟୋତିରଞ୍ଜନ କଂଶ ଉଦ୍?ଘାଟନ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ, ଚକ୍ଷୁ, ମାନସିକ ରୋଗ ଏବଂ କର୍ଣ୍ଣ, ନାସା ଓ ଗଳା ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ଦିବ୍ୟାଙ୍ଗ ହିତାଧିକାରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ଆବଶ୍ୟକୀୟ ଚିକିତ୍ସାଗତ ମୂଲ୍ୟାୟନ କରିଥିଲେ। ଏହି ଶିବିରରେ ମୋଟ ୩୭୭ ଜଣ ଦିବ୍ୟାଙ୍ଗ ଯୋଗଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୬ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଚିହ୍ନଟ କରାଯାଇଥିଲା। ହିତାଧିକାରୀମାନଙ୍କୁ ବିଭିନ୍ନ ସରକାରୀ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଶିବିର ପରିସରରେ ସାମାଜିକ ସୁରକ୍ଷା ଭତ୍ତା, ଋଣ ଓ ବସ୍ ପାସ୍ ସମ୍ପର୍କିତ ସେବା ପାଇଁ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଥିଲା। ଏହାଦ୍ୱାରା ଦିବ୍ୟାଙ୍ଗ ହିତାଧିକାରୀମାନେ ସମ୍ପୃକ୍ତ ଯୋଜନା ଓ ସେବା ସମ୍ପର୍କରେ ଆବଶ୍ୟକ ସୂଚନା ପାଇବା



ସହ ନିଜର ଆବେଦନ ସମ୍ବନ୍ଧୀୟ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ଏହି ଶିବିରରେ ନବରଙ୍ଗପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଶରତ ଭତ୍ରା, ଉପାଧ୍ୟକ୍ଷା ଶ୍ରୀମତୀ ନନ୍ଦିନୀ ସମର୍ଥ , ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ସୁନିଲ ଖୋରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସତ୍ୟ ନାରାୟଣ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋପାଳ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଦମୟନ୍ତୀ ନାୟକ, ସିଡିପିଓ ଶ୍ରୀମତୀ ମିନତୀ ନାୟକ, ସଦର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଏ. ଧନଞ୍ଜୟ ରାଓ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପାର୍ଥଜିତ ମଣ୍ଡଳ, ଉପବିଭାଗୀୟ ଅଧିକାରୀ ଶ୍ରୀ ଜିତେନ୍ଦ୍ର ଚୌଧୁରୀ, ବରିଷ୍ଠ ରାଜସ୍ୱ କିରାଣୀ ଶ୍ରୀମତୀ ରଞ୍ଜିତା ମାଝୀ, କନିଷ୍ଠ କିରାଣୀ ଶ୍ରୀ ବୃନ୍ଦାବନ ବେବର୍ତ୍ତା, କାର୍ଯ୍ୟକ୍ରମ ସହାୟକ ଶ୍ରୀ ଡି. ପବନ କୁମାରଙ୍କ ସମେତ ପଞ୍ଚାୟତ ସମିତିର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଶିବିରର ସଫଳ ଆୟୋଜନରେ ସହଯୋଗ କରିଥିଲେ। ଶିବିରର ସମସ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋପାଳ ପଣ୍ଡା ପରିଚାଳନା କରିଥିଲେ।

## ଯୌତୁକ ପ୍ରଥା ଓ ଘରୋଇ ହିଂସା ନିବାରଣ ନିମନ୍ତେ ଜିଲ୍ଲାସ୍ତରୀୟ କର୍ମଶାଳା

**କଟକ,୧୪।୧୦ (ନି.ପ୍ର) :** ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଘରୋଇ ହିଂସା ଓ ଯୌତୁକ ପ୍ରଥା ଭଳି ସାମାଜିକ ବ୍ୟାଧିର ନିବାରଣ ଉଦ୍ଦେଶ୍ୟରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ମହିଳାଙ୍କ ଅଧିକାରର ସୁରକ୍ଷା ଏବଂ ଘରୋଇ ହିଂସା ଓ ଯୌତୁକଜନିତ ନିର୍ଯାତନାର ମୂଳୋତ୍ପାଟନ ପାଇଁ ଜନସଚେତନତା ଓ ସାମୂହିକ



ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳାମାନେ କେବଳ ଆଇନଗତ ସହାୟତା ଉପରେ ନିର୍ଭର ନକରି ନିଜର ଅଧିକାର, ଆଇନଗତ ବ୍ୟବସ୍ଥା ଏବଂ ଉପଲବ୍ଧ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନ ହେବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ଏଥିସହ ଜିଲ୍ଲାରେ ଘରୋଇ ହିଂସା ଓ ଯୌତୁକଜନିତ ନିର୍ଯାତନାର ପ୍ରତିରୋଧ, ପୀଡ଼ିତାଙ୍କୁ ତ୍ୱରିତ ସହାୟତା ପ୍ରଦାନ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା ନିମନ୍ତେ ଏକ ସୁସ୍ପଷ୍ଟ ମାନକ କାର୍ଯ୍ୟପଦ୍ଧତି (SOP) ପ୍ରସ୍ତୁତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ବିନୋଦିନୀ ବେହେରା, ପୁଲିସ ଅଧିକାରୀ ଶ୍ରୀମତୀ ପ୍ରତିମା ବେହେରା ଏବଂ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଶ୍ରୀ ମାନସ କୁମାର ବିଶ୍ୱାଳଙ୍କ ସମେତ ବିଷୟ ବିଶେଷଜ୍ଞ ଶ୍ରୀମତୀ ଶର୍ମିଷ୍ଠା ନାଥ, ଶ୍ରୀମତୀ ଅନୁରାଧା ମହାନ୍ତି ଓ ଶ୍ରୀମତୀ ସରିତା ଦାସ ଯୋଗଦେଇ ଘରୋଇ ହିଂସା ନିବାରଣ ଆଇନ, ଯୌତୁକ ନିଷେଧ ଆଇନ, ମହିଳାଙ୍କ ଆଇନଗତ ଅଧିକାର ଏବଂ ଘରୋଇ ହିଂସା ଓ ଯୌତୁକ ପ୍ରଥା ଭଳି ସାମାଜିକ ସମସ୍ୟାଗୁଡ଼ିକର ପ୍ରତିରୋଧ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (CDPO), ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ପୋଷଣ ଅଭିଯାନର ବ୍ଲକ୍ ସଂଯୋଜକ, ଅଙ୍ଗନବାଡ଼ି କର୍ମୀ, ଆଇସିଡିଏସ୍? ସୁପରଭାଇଜର, କିଶୋରୀ ଏବଂ ମିଶନ ଶକ୍ତିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

## ପାଣି ପମ୍ପ ଡ୍ରାଇଭରଙ୍କୁ ଆକ୍ରମଣ ନେଇ ପାଣିପମ୍ପ ସଙ୍ଘର ବିଡ଼ିଓଙ୍କୁ ଫେରାଦ

**କୁକୁଡାଖଣ୍ଡି,୧୪/୧୦ (ନି.ପ୍ର) :** କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ବୋରିଗାଁ ଏବଂ ଲୋଚାପଡା ପଂଚାୟତ ରେ କାର୍ଯ୍ୟରତ ପାଣିପମ୍ପ ଡ୍ରାଇଭରଙ୍କୁ ଆକ୍ରମଣ ନେଇ ସଙ୍ଘ ପକ୍ଷରୁ ଆଜି କୁକୁଡାଖଣ୍ଡି ବ୍ଲକ ବିଡ଼ିଓ ଙ୍କୁ ସଙ୍ଘ ପକ୍ଷରୁ ସାମୁହିକ ଦାବି ଜଣାଇଛନ୍ତି ପାଣି ପମ୍ପ ଡ୍ରାଇଭର ସଙ୍ଘ କ୍ଷ ସେମାନେ ବାରମ୍ବାର ପଂଚାୟତ ରେ ପାଣି ଛଡା ଯିବା କୁ କେନ୍ଦ୍ର କୁ ନେଇ ଲୋକଙ୍କ ଆକ୍ରୋଶ ରେ ଶିକାର ହେଉଥିବା ନେଇ ବିଡ଼ିଓ ପଲ୍ଲବୀ ସ୍ୱାଇଁ ଙ୍କୁ ଅଭିଯୋଗ କରିଛନ୍ତି କ୍ଷ ସେମାନଙ୍କ ଅଭିଯୋଗ ମୁତାବକ ସ୍ୱଳ୍ପ ବେତନ ସାଢେ ୩ ହଜାର ପାଉଥିବା ବେଳେ ତାହା ମଧ୍ୟ ନିୟମିତ ବେତନ ମିଳୁନି ୭ ମାସ ବିଳମ୍ବ



ରେ ବି ମିଳୁନି କିନ୍ତୁ ଗ୍ରାମ ରେ ଥିବା ପାଣି ପମ୍ପ ର ଯାନ୍ତ୍ରିକ ତ୍ରୁଟି କିମ୍ବା ବିଦ୍ୟୁତ ସର୍ବାରହ ବନ୍ଦ ଯୋଗୁଁ ପାଣି ଆସିବା ବିଳମ୍ବ କିମ୍ବା ସମୟ ପୂର୍ବରୁ ପାଣି ଛାଡିଲେ ତାଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ କରାଯାଇଛି। ଲୋଚାପଡା ଗୋବିନ୍ଦ ବିହାର ଚକ୍ଷୁ ଚିକିତ୍ସାଳୟ ଠାରେ ଜଣେ ଦୁର୍ବୃତ୍ତ ପମ୍ପ ଘର ରୁ ଲାଇନ ଚୋରି କରୁଥିବା ବେଳେ ତାହା କୁ ରୋକ ଲଗାଇବା କୁ ନେଇ ପମ୍ପ ଡ୍ରାଇଭର ହରିଶଙ୍କର ସାହୁ ଙ୍କୁ ନିସ୍ତୁକ ମାଡ଼ ହୋଇଥିବା ବେଳେ ପୁଣି ବୋରିଗାଁ ରେ ମଧ୍ୟ ଗତ ରବିବାର ଦିନ ପାଣି ନିର୍ଦ୍ଧାରିତ ସମୟ ପୂର୍ବରୁ ପାଣି ଛାଡିଥିବା ରୁ ପମ୍ପ ଚାଳକ ସୁରେନ୍ଦ୍ର ନାଥ ମହାରଣା ଙ୍କୁ ଆକ୍ରମଣ କରିଥିଲେ ଏନେଇ ବିଭିନ୍ନ ଅଧିକାରୀ ଏବଂ ସରପଞ୍ଚ ଙ୍କୁ ଅବଗତ କଲେ ବି କେହି ବି କର୍ଣ୍ଣପାତ କରିନଥିଲେ ବି ଏନେଇ ଥାନା ରେ ଶ୍ରୀ ମହାରଣା ଅଭିଯୋଗ କରିଥିଲେ ମଧ୍ୟରେ ତାହାରି ସମାଧାନ ହୋଇନଥିଲା ଏନେଇ ପଂଚାୟତ ସ୍ତରୀୟ ଜଳ ଯୋଗାଣକାରି ସଙ୍ଘ ସଭାପତି ଏସ ସାଇ ରାଓ, ସମ୍ପାଦକ ଶିଶିର କୁମାର ଗୌଡ଼ ଉପ ସଭାପତି ବି ସୁଧାଂଶୁ କୁମାର ପାତ୍ର ଙ୍କ ସହିତ ୨୨ ଟି ପଂଚାୟତ ର ପାଣି ପମ୍ପ ଚାଳକ ସ୍ୱାବିଳମ୍ବି କାରିଗର ମିଳିତ ଭାବେ ଏହା କୁ ବିରୋଧ କରି ଆଜି ବିଡ଼ିଓ ଙ୍କୁ ଅବଗତ କରିବା ପରେ ତାହାର ତ୍ୱରିତ ସମାଧାନ କରିବା କୁ ବିଡ଼ିଓ ପଲ୍ଲବୀ ସ୍ୱାଇଁ ପ୍ରତିଶୃତି ଦେଇଥିଲେ।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ, ଅନ୍ୟ ଜଣେ ଗୁରୁତର

**ଯୋଡ଼ା, ୧୪/୧୦ (ନି.ପ୍ର) :** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ରଣାଶାଳ ଘାଟିରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଅଜଣା ଗାଡ଼ିର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଓ ଆହତ ଉଭୟ ବଡ଼ବିଲ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୋଟିଏ ବାଇକ୍‌ରେ ଦୁଇ ଜଣ ବଡ଼ବିଲ ଅଭିମୁଖେ ଗାଡି ନମ୍ବର



ଓଡି-୦୯-କେ-୭୫୯୦ ରେ ଯାଉଥିବା ବେଳେ ପ୍ରାୟ ୪ ଘଟିକା ସମୟରେ ରଣାଶାଳ ଘାଟି ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଧକ୍କାର ପ୍ରଭାବରେ ଉଭୟ ରାସ୍ତାରେ ପଡ଼ିଯାଇଥିଲେ। ଏଥିରେ ବଡ଼ବିଲର ସାଧୁ ସିଂ ହଟିଂ ଅଞ୍ଚଳର ମୋହନ ଦାସ ଙ୍କ ମୃତ୍ୟୁ ଘଟିଥିବାବେଳେ ରାଜେନ୍ ସ୍ୱାମୀ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଆହତଙ୍କୁ ଚିକିତ୍ସା ପାଇଁ ବଡ଼ବିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଯୋଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୋହନ ଦାସ ଙ୍କ ମୃତ ଶରୀର କୁ ଠାବ କରି ଟାଟା ମେଡିକାଲ ଶବ ବ୍ୟବଚ୍ଛେଦ ଗୃହ କୁ ପଠେଇ ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି ।ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ପରିଚୟ ଏଯାଏଁ ମିଳିପାରିନାହିଁ। ଗାଡ଼ିଟିକୁ ଚିହ୍ନଟ କରିବା ସହ ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଆନ୍ତର୍ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ପାଳିତ




**ବାଲିଅନ୍ତା,୧୪/୧୦ (ନି.ପ୍ର):** ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇ ଭାରତ' (ଗଣ ଇଷବକ୍ସବଷ୍ଥ), ଖୋର୍ଦ୍ଧା ପକ୍ଷରୁ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପ ଶାସନ ଗ୍ରାମ ପଞ୍ଚାୟତର ପ୍ରତିଭା କୋଚିଂ ପରିସରରେ ଆନ୍ତର୍ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ଯୁବ ସମାଜସେବୀ ବ୍ରହ୍ମାନନ୍ଦ ସ୍ୱାଇଁ, ପରିବେଶବିତ୍ ଦିନବନ୍ଧୁ ଭୋଇ ଏବଂ ପ୍ରତିଭା କୋଚିଂର ମୁଖ୍ୟ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶତାଧିକ ଯୁବକ ଓ ଯୁବତୀ ଯୋଗଦେଇ ବିପର୍ଯ୍ୟୟର ବିପଦ ହ୍ରାସ, ପୂର୍ବ ପ୍ରସ୍ତୁତି ଏବଂ ଜନସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାରୀଙ୍କୁ ମାନପତ୍ର ସହ ୫୦୦ ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାରୀଙ୍କୁ ମାନପତ୍ର ସହ ୩୦୦ ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାରୀଙ୍କୁ ମାନପତ୍ର ସହ ୨୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ବିପର୍ଯ୍ୟୟ ସମୟରେ ଧନଜୀବନର ସୁରକ୍ଷା, ପୂର୍ବରୁ ସତର୍କତା ଅବଲମ୍ବନ ଏବଂ ସମାଜରେ ସଚେତନତା ସୃଷ୍ଟି କରିବା ଦିଗରେ ଯୁବପିଢ଼ିଙ୍କ ଭୂମିକାକୁ ଗୁରୁତ୍ୱ ଦେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ନୟାଗଡ଼ ଜିଲ୍ଲା ଯୋଜନା କମିଟି ବୈଠକ : ୧,୮୧,୪୬୭ କୋଟି ଟଙ୍କାର ବଜେଟ୍ ପ୍ରସ୍ତାବ

**ନୟାଗଡ଼, ୧୪/୧୦ (ନି.ପ୍ର):** ନୟାଗଡ଼ ଜିଲ୍ଲା ପରିଷଦର ସୃଜନ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୨ ଘଟିକା ସମୟରେ ଜିଲ୍ଲା ଯୋଜନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଇଂ. ଦୁଷ୍ମନ୍ତ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ ।ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ, ଓଡ଼ିଶା ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବିଧାୟକ ଡ଼ଃ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଉପାଧ୍ୟକ୍ଷା ଶ୍ରୀମତୀ



ବିଷ୍ଣୁପ୍ରିୟା ବେହେରା, ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ, ଆରକ୍ଷୀ ଅଧିକ୍ଷକ ଶ୍ରୀ ଶୁଭେନ୍ଦୁ କୁମାର ପାତ୍ର ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଗ୍ନଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ମୋଟ ୧,୮୧,୪୬୭ କୋଟି ଟଙ୍କାର ବଜେଟ୍‌ଅଞ୍ଚ ପ୍ରସ୍ତୁତ କରାଯାଇଥିବା ନେଇ ଯୋଜନା କମିଟି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ୨୦୨୪-୨୫, ୨୦୨୫-୨୬ ଏବଂ ୨୦୨୬-୨୭ ଆର୍ଥିକ ବର୍ଷର ଜିଲ୍ଲା ଯୋଜନା ଖସଡ଼ା କମିଟି ସମ୍ମୁଖରେ ଉପସ୍ଥାପିତ ହୋଇ ଅନୁମୋଦିତ ହୋଇଛି। ରାସ୍ତାଘାଟ, ପାନୀୟ ଜଳ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, କୃଷି, ମହିଳା ଓ ଶିଶୁ ବିକାଶ ଏବଂ ଗ୍ରାମାଞ୍ଚଳ ଭିତ୍ତିଭୂମି ଉପରେ ଏହି ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟ ଅତିଥି ମନ୍ତ୍ରୀ ଜିଲ୍ଲାରେ ପର୍ଯ୍ୟଟନ ଓ ଜଳସେଚନର ବିକାଶ ସହ ସରକାରୀ ଅନୁଦାନର ସର୍ବୋତ୍ତମ ଉପଯୋଗ କରି ନୟାଗଡ଼କୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ ।ବାଚସ୍ପତି ଅଭିଭାଷଣରେ ଗ୍ରାମାଞ୍ଚଳର ଯୁବକମାନଙ୍କୁ ଆତ୍ମନିଯୁକ୍ତି, ମହିଳାମାନଙ୍କୁ ଉତ୍ପାଦିକା ଗୋଷ୍ଠୀରେ ପରିବର୍ତ୍ତନ ଏବଂ ଗମନାଗମନର ସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ। କଳା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ପାଇଁ ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକର ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଲଗ୍ନଜିତ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ତାଲିମ ଅନୁଷ୍ଠିତ

**ରାୟଗଡ, ୧୪।୧୦ (ଯୁବମୋର୍ଚ୍ଚା):** ରାୟଗଡ ବ୍ଲକ ସଦଭାବନା ଗୃହରେ ଦୁଇଦିନ ଧରି ବୁଥ ସ୍ତରୀୟ ଅଧିକାରୀ, ଗ୍ରାମ ପଞ୍ଚାୟତ ସ୍ତରୀୟ ସୁପରଭାଇଜର ଏବଂ ସର୍ଭେ ଦଳଙ୍କ ତାଲିମ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ତ୍ରି ସ୍ତରୀୟ ପଞ୍ଚାୟତ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନ ୱାର୍ଡ ୱାରି ଭୋଟର ତାଲିକା ପ୍ରସ୍ତୁତି ଆରମ୍ଭ କରିଛନ୍ତି । ରାୟଗଡ ଜିଲ୍ଲାରେ ଏହି ପ୍ରକ୍ରିୟା ଅକ୍ଟୋବର ଛବିଶି ତାରିଖରୁ ଆରମ୍ଭ ହେବ । ସର୍ଭେ ଦଳ ଘରକୁ ଘର ବୁଲି ଏହା ପ୍ରସ୍ତୁତ କରିବେ । ପ୍ରତି ୱାର୍ଡର ଭୋଟର ଗୋଟିଏ ଘର ନମ୍ବରରେ ଯୋଡ଼ିହେବା ସହ ନୂତନ ଓ ବାଦ ପଡ଼ିଥିବା ଭୋଟର ଚିହ୍ନଟ ହେବେ । ଫଳରେ ସମସ୍ତ ଯୋଗ୍ୟ ଭୋଟର ସ୍ଥାନିତ ହେବା ସହ ଅଯୋଗ୍ୟ ଭୋଟର ବାଦ୍ ପଡ଼ିବେ । ଜିଲ୍ଲା ସ୍ତରରେ ଏଥିପାଇଁ ଅକ୍ଟୋବର ସାତ ତାରିଖରେ ତାଲିମ ପ୍ରଦାନ କରାଯାଇଥିଲା । ବିଡ଼ିଓ ସୁଜିତ କୁମାର ମିଶ୍ର, ଏ ବିଡ଼ିଓ କାଳୁ ଚରଣ ନାୟକ, ଜିପିଡିଓ ସ୍ମୃତିରେଖା ନାୟକ, ପିଇଓ ସୁନୀଲ ବ୍ରହ୍ମା ଓ ପ୍ରଧାନ ଶିକ୍ଷକ ନିଳାଞ୍ଚଳ ମିଶ୍ର ସମ୍ବଳ ବ୍ୟକ୍ତି ଭାବରେ ତାଲିମ ପ୍ରଦାନ କରିଥିଲେ । ରାୟଗଡ ବ୍ଲକର ମୋଟ ଏକ ଶହ ଅନତିରିଶି ଗୋଟି ବିଧାନସଭା ବୁଥ ନିମନ୍ତେ ପ୍ରତି ବୁଥ ପାଇଁ ଗୋଟିଏ




ଲେଖାଏଁ ସର୍ଭେ ଦଳ ଗଠନ କରାଯାଇ ତାଲିମ ପ୍ରଦାନ କରାଯାଇଥିଲା । ଦୁଇଦିନ ଧରି ଚାରୋଟି ପର୍ଯ୍ୟାୟରେ ଏହି ତାଲିମ ପ୍ରଦାନ କରାଯାଇଥିଲା । ଏହି ସର୍ଭ? ଦଳ ରାୟଗଡ ବ୍ଲକର ମୋଟ ତିନି ଶହ ସତେଇଶି ଗୋଟି ୱାର୍ଡ ନିମନ୍ତେ ୱାର୍ଡ ସ୍ତରୀୟ ଭୋଟର ତାଲିକା ପ୍ରସ୍ତୁତ କରିବେ ବୋଲି ବିଡ଼ିଓ ସୁଜିତ କୁମାର ମିଶ୍ର ପ୍ରକାଶ କରିଛନ୍ତି ।

# ଟାଟା ଷ୍ଟିଲ୍ କଳିଙ୍ଗନଗରରେ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

କଳିଙ୍ଗନଗର, ୧୪।୧୦(ନି.ପ୍ର.): ରାଜ୍ୟର ଶିଳ୍ପ ବିକାଶ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବୁଧବାର ଯାଜପୁର ଜିଲ୍ଲା ତେଲିବାହାଳି ଠାରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ଉନ୍ନତ ଉତ୍ପାଦନ ୟୁନିଟ୍ ଏବଂ ସୁଚିନ୍ତିତ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ତଥା ଶିଳାନ୍ୟାସ କରିଛନ୍ତି । ସମୁଦାୟ ୯,୦୬୭ କୋଟି ଟଙ୍କାର ପୁଞ୍ଜିନିବେଶରେ ପ୍ରତିଷ୍ଠିତ ଏହି ଐତିହାସିକ ପ୍ରକଳ୍ପଗୁଡ଼ିକ ସ୍ଥାନୀୟଅଞ୍ଚଳର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ପ୍ରାୟ ୧୦,୫୦୦ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ସୁଯୋଗ ସୃଷ୍ଟି କରିବ। ଏହା ଅର୍ଥନୈତିକ ସଶକ୍ତୀକରଣ, ପ୍ରଯୁକ୍ତିବିଦ୍ୟାର ଉତ୍କର୍ଷ ଏବଂ ପରିବେଶ ଅନୁକୂଳ ଉତ୍ପାଦନ ପ୍ରତି ଟାଟା ଷ୍ଟିଲ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି ।

ଏହି ଅବସରରେ ରାଜ୍ୟ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ମାନ୍ୟବର ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ମାନ୍ୟବର ଶ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁରର ମାନ୍ୟବର ସାଂସଦ ଡ଼ଃ ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଶ୍ରୀ ଅମର କୁମାର ନାୟକ, କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ (ଆଇଏଏସ୍), ଶିଳ୍ପ, ଗୃହ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା (ଆଇଏଏସ୍) ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର (ଓଏଏସ୍) ଏବଂ ଟାଟା ଷ୍ଟିଲ ଇଞ୍ଜିନିୟରିଂ ଏଣ୍ଡ ପ୍ରଡକ୍ଟସର ଭାଇସ ପରେକେଡେଣ୍ଟ ଅକ୍ଷୟ ଖୁଲରଙ୍କ ସମେତ ଟାଟା ଷ୍ଟିଲ ଏବଂ ନୀଳାଚଳ ଇସ୍ପାତ ନିଗମର ବହୁ ବରିଷ୍ଠ



ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଲୋକାର୍ପିତ ତଥା ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଟିଏସ୍‌କେରେ ୧ ଏମଟିପିଏ କ୍ଷମତା ବିଶିଷ୍ଟ କଣ୍ଟିନ୍ୟୁଅସ୍ ଗାଲଭାନାଇଜିଂ ଲାଇନ୍ (ସିଜିଏଲ୍ ୭୧ ଓ ସିଜିଏଲ୍ ୭ ୨) ଏବଂ ୦.୮ ଏମଟିପିଏ କ୍ଷମତାର କଣ୍ଟିନ୍ୟୁଅସ୍ ଆନିଲିଂ ଲାଇନର ଉଦ୍‌ଘାଟନ ହେବା ସହ ୭ ଏମଟିପିଏ କ୍ଷମତା ବିଶିଷ୍ଟ ସ୍ଲରି ପାଇପ୍‌ଲାଇନ୍ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଶିଳାନ୍ୟାସ, ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍)ର ସମ୍ପ୍ରସାରଣ ପ୍ରକଳ୍ପ, ଏବଂ ଲିଣ୍ଡେ ଇଣ୍ଡିଆ ଲିମିଟେଡ୍‌ର ୨.୭ ଏମଟିପିଏ କ୍ଷମତା ବିଶିଷ୍ଟ ଏୟାର ସେପାରେସନ୍ ୟୁନିଟର ଲୋକାର୍ପଣ କରିଥିଲେ।

କୋଲ୍ଡ ରୋଲିଂ ମିଲ୍ କମ୍ପ୍ଲେକ୍ସରେ ସ୍ଥାପିତ ୧ ଏମଟିପିଏ ମିଳିତ କ୍ଷମତା ବିଶିଷ୍ଟ ଅତ୍ୟାଧୁନିକ କଣ୍ଟିନ୍ୟୁଅସ୍ ଗାଲଭାନାଇଜିଂ ଲାଇନ୍ (ସିଜିଏଲ୍ ୭୧ ଓ ସିଜିଏଲ୍ ୭ ୨) ରେ ଚୁମ୍ବକୀୟ ଷ୍ଟାବିଲାଇଜର୍ ଯୁକ୍ତ ତୃତୀୟ ପିଢ଼ିର ଏୟାର-ନାଇଫ୍, ଅକ୍ସିଡେସନ୍ ଚାମ୍ବର ଏବଂ ଉନ୍ନତମାନର ସେକେଣ୍ଡାରୀ ଆବରଣ ବ୍ୟବସ୍ଥା ରହିଛି। ଏହା କୋଟେଡ୍ ଆଡ୍‌ଭାନ୍ସଡ୍ ହାଇ ଷ୍ଟ୍ରେନ୍ଥ ଷ୍ଟିଲ୍ ଭଳି ଉଚ୍ଚମାନର ଅଟୋମୋଟିଭ୍ ଇସ୍ପାତ ଉତ୍ପାଦନ କରି ଯାନବାହନ ଓ ବିଦ୍ୟୁତ ଉପକରଣ କ୍ଷେତ୍ରକୁ ଉଚ୍ଚ ମାନର ସାମଗ୍ରୀ ଯୋଗାଇବାରେ ସହାୟକ ହେବ।

ଏହା ସହିତ ସିଆରଏମ୍ କମ୍ପ୍ଲେକ୍ସରେ ନୂତନ ଭାବେ ଉଦ୍‌ଘାଟିତ ୦.୯ ଏମଟିପିଏ କ୍ଷମତା ବିଶିଷ୍ଟ କଣ୍ଟିନ୍ୟୁଅସ୍ ଆନିଲିଂ ଲାଇନ୍ ବିଶ୍ୱସ୍ତରୀୟ ଶ୍ରେଷ୍ଠ ତିନୋଟି ଅଟୋମୋଟିଭ୍ ଲାଇନ୍ ମଧ୍ୟରେ ସ୍ଥାନ ପାଇଛି। ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ଏହି ୟୁନିଟ୍ ଗ୍ରାହକମାନଙ୍କୁ ସଠିକ୍ ଓ ଉଚ୍ଚମାନର ଅଟୋମୋଟିଭ୍ ଇସ୍ପାତ ଯୋଗାଇ ଭାରତୀୟ ବଜାରରେ ଟାଟା ଷ୍ଟିଲ୍‌ର ସ୍ଥିତିକୁ ଆହୁରି ମଜବୁତ କରିବ।

ଡାଉନଷ୍ଟ୍ରିମ୍ ବିକାଶ ବ୍ୟତୀତ ଏନଆଇଏନଏଲର ସମ୍ପ୍ରସାରଣ ପ୍ରକଳ୍ପର ଉନ୍ମୋଚନ କରାଯାଇଛି। ଏଠାରେ ଆଧୁନିକୀକରଣ ଜରିଆରେ ଅଶୋଧିତ ଇସ୍ପାତ ଉତ୍ପାଦନକୁ ୦.୯୮୧ ଏମଟିପିଏ ରୁ ୧.୧୬ ଏମଟିପିଏ କୁ ବୃଦ୍ଧି କରାଯିବା ସହ ବ୍ଲାଷ୍ଟ ଫର୍ଣ୍ଣେସ୍ ଫ୍ୟୁମ୍ ଏକ୍ସଟ୍ରାକ୍ସନ୍ ସିଷ୍ଟମ୍ ଏବଂ ଶୂନ୍ୟ ବର୍ଜ୍ୟ ଜଳ ନିଷ୍କାସନ (ଜିରୋ ଇଫ୍ଲୁଏଣ୍ଟ ଡିସ୍‌ଚାର୍ଜ) ଭଳି ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇଛି।

ସେହିପରି ୭ ଏମଟିପିଏ କ୍ଷମତା ବିଶିଷ୍ଟ ସ୍ଲରି ପାଇପ୍‌ଲାଇନ୍ (ପ୍ରଥମ ପର୍ଯ୍ୟାୟ) ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହି ଭୂତଳ ପାଇପ୍‌ଲାଇନ୍ ମାଧ୍ୟମରେ କଳମଙ୍ଗ ସ୍ଥିତ ଖଣିରୁ କଳିଙ୍ଗନଗର କାରଖାନାକୁ ନିରାପଦ ଏବଂ ଦକ୍ଷତାର ସହିତ ଲୁହାପଥର ଗୁଣ୍ଡ ପରିବହନ କରାଯିବ। ଏହା ରାସ୍ତା ଓ ରେଳପଥ ଉପରୁ ଚାପ ହ୍ରାସ କରିବା ସହିତ ନିରବଚ୍ଛିନ୍ନ କଞ୍ଚାମାଲ ଯୋଗାଣ ଏବଂ ପ୍ରଦୂଷଣ ହ୍ରାସ କରି ପରିବେଶ ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

ଅନ୍ୟପକ୍ଷରେ, କଳିଙ୍ଗନଗର ପାଇଁ ଲିଣ୍ଡେ ଇଣ୍ଡିଆ ଲିମିଟେଡ୍‌ର ୨ଘ୧୮୦୦ ଟିଏପିଡି କ୍ଷମତା ବିଶିଷ୍ଟ ଏୟାର ସେପାରେସନ୍ ୟୁନିଟ୍ ଲୋକାର୍ପିତ ହୋଇଛି, ଯାହା ଅକ୍ଷୟ ଶକ୍ତି ବ୍ୟବହାର ସହିତ ଲିଣ୍ଡେର ୨୦୩୫ ଶୂନ-ନିର୍ଗମନ ଲକ୍ଷ୍ୟ ସହିତ ସମନ୍ୱିତ। କ୍ରାୟୋଜେନିକ୍ ପଦ୍ଧତିରେ ଚାଲୁଥିବା ଏହି ୟୁନିଟ୍ ଦୈନିକ ୩,୬୦୦ ଟନ୍ ଅମ୍ଳଜାନ, ୧,୯୪୦ ଟନ୍ ଯବକ୍ଷାରଜାନ (ନାଇଟ୍ରୋଜେନ୍) ଏବଂ ୧୨୦ ଟନ୍ ଆର୍ଗନ୍ ଗ୍ୟାସ୍ ଉତ୍ପାଦନ କରିବ। ଏହି ଗ୍ୟାସ୍‌ଗୁଡ଼ିକ ବ୍ଲାଷ୍ଟ ଫର୍ଣ୍ଣେସ୍ ଏବଂ ଷ୍ଟିଲ୍ ମେଲ୍ଟିଂ ଶପ୍‌ରେ ଇସ୍ପାତ ଉତ୍ପାଦନ ପ୍ରକ୍ରିୟାକୁ ଦ୍ରୁତ ଓ ବିଶୁଦ୍ଧ କରିବାରେ ବ୍ୟବହୃତ ହେବ। ଏହାବ୍ୟତୀତ ଜରୁରୀକାଳୀନ ପରିସ୍ଥିତିରେ ଏହି ଅମ୍ଳଜାନ ଚିକିତ୍ସା କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯାଇପାରିବ।

ଏହି ସମସ୍ତ ପୁଞ୍ଜିନିବେଶ ଟାଟା ଷ୍ଟିଲ୍‌ର ଦୀର୍ଘସ୍ଥାୟୀ ଅଭିବୃଦ୍ଧି, ପରିବେଶ ସଂରକ୍ଷଣ ତଥା ସାମାଜିକ ବିକାଶ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। କମ୍ କାର୍ବନ୍ ନିର୍ଗମନ ପ୍ରଯୁକ୍ତି, ସମ୍ପଦର ପୁନଃବ୍ୟବହାର ଏବଂ ସାମାଜିକ ଉତ୍ତରଦାୟିତ୍ୱ (ସିଏସଆର) କାର୍ଯ୍ୟକ୍ରମ ମାଧ୍ୟମରେ ଟାଟା ଷ୍ଟିଲ୍ ଓଡ଼ିଶାର ଦୀର୍ଘକାଳୀନ ସାମାଜିକ ଅର୍ଥନୈତିକ ସମୃଦ୍ଧିକୁ ନୂଆ ଦିଗନ୍ତ ଦେଉଛି।



କଳିଙ୍ଗନଗର ଠାରେ ଆୟୋଜିତ ବିଭିନ୍ନ ଶିଳ୍ପ ପ୍ରକଳ୍ପ ଗୁଡିକର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଳ୍ପପତି ମାନଙ୍କ ସହ ଆଲୋଚନା କରୁଛନ୍ତି।

# କିମ୍ସରେ ସଫଳ କର୍ନିଆ ପ୍ରତିରୋପଣ

ଭୁବନେଶ୍ୱର, ୧୩।୧୦: କିମ୍ସରେ ସଫଳତାର ସହ ଏକ କର୍ନିଆ ପ୍ରତିରୋପଣ କରାଯାଇଛି। ପ୍ରଥମ ଥର ଲାଗି କିମ୍‌ସରେ ଏଭଳି ପ୍ରତିରୋପଣ ସଫଳତାର ସହ କରାଯାଇଛି। ଆଖିରେ ସଂକ୍ରମଣ ଯୋଗୁଁ ଗତ ତିନି ବର୍ଷ ଧରି ଡାହାଣ ଆଖିର ପ୍ରାୟ ଦୃଷ୍ଟିଶକ୍ତି ହରାଇଥିବା ଜନୈକ ୩୭ ବର୍ଷୀୟ ରୋଗୀଙ୍କଠାରେ ଏହି ପ୍ରତିରୋପଣ କରାଯାଇଛି। ଅସ୍ତ୍ରୋପଚାର ପରେ ତାଙ୍କ ଦୃଷ୍ଟିଶକ୍ତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। କିମ୍‌ସ ଚକ୍ଷୁ ବିଶେଷଜ୍ଞ ଡା. ଅକ୍ଷିତ ଗୁପ୍ତାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଏହି ଅସ୍ତ୍ରୋପଚାର କରିଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିଥିବା ଏହି ଅସ୍ତ୍ରୋପଚାର ସ୍ଥାନୀୟ ନିଶ୍ଚେତକ ପ୍ରୟୋଗ କରି କରାଯାଇଥିଲା।

ଡା. ଗୁପ୍ତାଙ୍କ ସୂଚନା ଅନୁଯାୟୀ, ପ୍ରାୟ ତିନି ବର୍ଷ ପୂର୍ବେ ଆଖିରେ ସଂକ୍ରମଣ ହେବାରୁ ରୋଗୀଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ପ୍ରାୟ ହରାଇଥିଲେ। ଏହି ପ୍ରଥମ କର୍ନିଆ ପ୍ରତିରୋପଣରେ ସଫଳତା କିମ୍ସରେ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଗତ ସପ୍ତାହରେ କିମ୍‌ସକୁ କର୍ନିଆ ପ୍ରତିରୋପଣ ପାଇଁ ସରକାରୀ ଅନୁମତି ମିଳିଥିଲା। ଏହି ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ବିଶେଷଜ୍ଞ ଓ ଚିକିତ୍ସା ସୁବିଧା ଥିବା ଓଡ଼ିଶାର ହାତଗଣତି ଡାକ୍ତରଖାନା ମଧ୍ୟରେ କିମ୍‌ସ ଅନ୍ୟତମ ବୋଲି ବୋଲି ଡା ଗୁପ୍ତା କହିଛନ୍ତି। ଭାରତରେ ପ୍ରାୟ ୧୦ ଲକ୍ଷ ଲୋକଙ୍କର କର୍ନିଆ ପ୍ରତିରୋପଣ ଆବଶ୍ୟକ ଥିବା ବେଳେ ଆବଶ୍ୟକତା ତୁଳନାରେ ଦାନରେ ମିଳୁଥିବା କର୍ନିଆର ସଂଖ୍ୟା ଯଥେଷ୍ଟ କମ୍। ନଷ୍ଟ ବା ରୋଗାକ୍ରାନ୍ତ କର୍ନିଆ ଯୋଗୁଁ ଦୃଷ୍ଟିଶକ୍ତି ହରାଇଥିବା ବ୍ୟକ୍ତିଙ୍କ ଦୃଷ୍ଟି ଫେରାଇ ଆଣିବାରେ କର୍ନିଆ ଦାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ତେଣୁ ଚକ୍ଷୁଦାନ ସଂପର୍କରେ ଜନସଚେତନତା ବୃଦ୍ଧି ସହ ଅଧିକରୁ ଅଧିକ ଲୋକ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ ବୋଲି ଡାକ୍ତରମାନେ ସୂଚନା ଦେଇଛନ୍ତି। ଏହି ଅସ୍ତ୍ରୋପଚାରରେ ଡା. ଅକ୍ଷିତ



ଗୁପ୍ତା, ଡା. ମାତୁଲି ଦାସ ଓ ଡା. ସୁଭାଙ୍ଗୀ ସାହୁଙ୍କ ସମେତ ଲୋଚନା ତ୍ରିପାଠୀ ଓ ଶ୍ୟାମଳୀ ରାଉତରାୟ ପ୍ରମୁଖ ସାମିଲ ଥିଲେ।ଅସ୍ତ୍ରୋପଚାର ପରେ ରୋଗୀଙ୍କ ଦୃଷ୍ଟିଶକ୍ତିରେ ଉଲ୍ଲେଖନୀୟ ସୁଧାର ଆସିଥିବା ଡା. ସୁଭାଙ୍ଗୀ ସାହୁ ସୂଚନା ଦେଇଛନ୍ତି। ତେବେ ଦୃଷ୍ଟିର ସ୍ୱଚ୍ଛତା ଆହୁରି ବଢ଼ିବା ପାଇଁ ଦୁଇରୁ ତିନି ସପ୍ତାହ ସମୟ ଲାଗିପାରେ। ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳକୁ ପ୍ରଶଂସା କରିବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି।

## ଆଦର୍ଶ ସଂସ୍କୃତ ଶିକ୍ଷକଙ୍କ ପରଲୋକ

ଜଳେଶ୍ୱର ,୧୪/୧୦(ନିପ୍ର)- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍‌ପୋ ପଞ୍ଚାୟତର ଆଦର୍ଶ ସଂସ୍କୃତ ଶିକ୍ଷକ ରୂପେ ପରିଚିତ ସ୍ୱର୍ଗତ ରାମକୃଷ୍ଣ ପ୍ରାମାଣିକଙ୍କ ପୁତ୍ର ଗୋପାଳ ଚନ୍ଦ୍ର ପ୍ରାମାଣିକ(୬୮)ଙ୍କ ଗତ କାଲି ଅପରାହ୍ନରେ ହଠାତ୍ ହୃଦ୍ ରୋଗରେ ଆକ୍ରାନ୍ତ ହୋଇ ନିଜ ପଦିମା ନିକଟ ବାସ ଭବନରେ ପରଲୋକ ହୋଇଯାଇଛି ।ସେ ସୁଗୋ ପଞ୍ଚାୟତର କାଶିଡିହାସ୍ଥିତ ସୀମାନ୍ତ ଶିକ୍ଷା ନିକେତନ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ଧରି କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ।ତାଙ୍କର ଧର୍ମପତ୍ନୀ ଛବି ରାଣୀ ପ୍ରଧାନ ଶିକ୍ଷୟତ୍ରୀ ଭାବରେ ଗତ ବର୍ଷ ଡେମୁରିଆ ଉପ୍ରା ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା,ଜଳେଶ୍ୱର ବଣିକ ସଂଘ ସଭାପତି ସୁଧୀର ମହାନ୍ତି,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ଚନ୍ଦ ଓ ଗୋପାଳ ଚନ୍ଦ୍ର ଦତ୍ତ, ସାମ୍ବାଦିକ ଆରତୀ ଦାସ , ବରିଷ୍ଠ ଆଇନଜୀବୀ ସୁକୁମାର ରଣା ଓ ବିଷ୍ଣୁପଦ ଦାସମହାପାତ୍ର,ସରପଞ୍ଚ ଲୋପାମୁଦ୍ରା ରାଉଳ,ସମିତି ସଭ୍ୟା ସସ୍ମିତା ପରିଡ଼ା,ସମାଜସେବୀ ଯାମିନୀ ଦତ୍ତ, କେଦାର ନାଥ ପରିଡ଼ା,ଅରୁଣ କୁମାର ରାଉଳ,ସୁଶୀଲ କୁମାର ପରିଡ଼ା, ସତ୍ୟ ରଞ୍ଜନ ରଣା,ଜଗଦୀଶ ପ୍ରଧାନ,ଗୋପାଳ କୃଷ୍ଣ ଜେନା,ମମି ପଣ୍ଡା ପ୍ରମୁଖ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।ଶିକ୍ଷକ ଚାକିରୀରୁ ଅବସର ଗ୍ରହଣ କରିବା ପରେ ମଧ୍ୟ ସ୍ୱର୍ଗତ ପ୍ରାମାଣିକ ବିଭିନ୍ନ ପ୍ରକାରର ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିନ୍ଦଲ ଫେରସ ଲିମିଟେଡ୍ ଉଦଘାଟିତ

ଯାଜପୁର, ୧୪।୧୦: ଭାରତର ବିଶ୍ୱ ଉତ୍ପାଦନ ପରିବେଶରେ ବୃଦ୍ଧି ପାଉଥିବା ଶକ୍ତିକୁ ଆହୁରି ଆଗେଇ ନେବା ପ୍ରତି ଅବଦାନ ଦେବାର ଉଦ୍ଦେଶ୍ୟରେ, ଜିନ୍ଦଲ ଫେରସ୍ ଲିମିଟେଡ୍ (ଜେଏଫ୍‌ଏଲ୍) ଓଡ଼ିଶାର ଯାଜପୁରରେ ଥିବା ଏହାର ସମନ୍ୱିତ ବ୍ଲାଷ୍ଟ ଫର୍ଣ୍ଣ ?ସ୍ ସୁବିଧାର କାର୍ଯ୍ୟକ୍ଷମ ଘୋଷଣା କରିଛି । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୁବିଧାର ଉଦଘାଟନ କରିଥିଲେ । ଏଥିରେ ଶ୍ରୀ ପ୍ରଦୀପ ବଳ ସାମନ୍ତ, ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ଯାଜପୁରର ମାନ୍ୟବର ସାଂସଦ ଡକ୍ଟର ରବିନ୍ଦ୍ର ନାରାୟଣ ବେହେରା ଉପସ୍ଥିତ ଥିଲେ । ୫,୦୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗରେ ବିକଶିତ ଏହି ସୁବିଧା ଭାରତର ଶିଳ୍ପ ଏବଂ ଅବସ୍ଥାପନା ବୃଦ୍ଧି ସହ ସମନ୍ୱୟ ରଖି ସମନ୍ୱିତ, ସମ୍ବଳ-ଦକ୍ଷ ଏବଂ ଭବିଷ୍ୟତ-ପ୍ରସ୍ତୁତ ଉତ୍ପାଦନ କ୍ଷମତା ନିର୍ମାଣ ଉପରେ ଜେଏଫ୍‌ଏଲର ଧ୍ୟାନକୁ ପ୍ରତିଫଳିତ କରେ ।



ସମନ୍ୱିତ ବ୍ଲାଷ୍ଟ ଫର୍ଣ୍ଣ ?ସ୍ କମ୍ପ୍ଲେକ୍ସରେ ଏକ ସିଣ୍ଟର୍ ପ୍ଲାଣ୍ଟ, ୨.୨ ଏମଟିପିଏ ଷ୍ଟିଲ୍ ମେଲ୍ଟ ସପ୍ (ଏସ୍‌ଏମ୍‌ଏସ୍) ଏବଂ ସଂପୃକ୍ତ ଅବସ୍ଥାପନା ଅନ୍ତର୍ଭୁକ୍ତ । ସମନ୍ୱିତ ବ୍ୟବସ୍ଥା ସିଣ୍ଟର୍ ପ୍ଲାଣ୍ଟ ମାଧ୍ୟମରେ ଧାତବ ଅପଚୟର ପୁନଃଚକ୍ର ଏବଂ କାର୍ଯ୍ୟପ୍ରକ୍ରିୟା ତଥା ଗ୍ୟାସର ଉପଯୋଗ ସମ୍ଭବ କରେ । ଭବିଷ୍ୟତ-କେନ୍ଦ୍ରିତ ଅଟୋମେସନ୍ ସିଷ୍ଟମ୍ ସହ ନିର୍ମିତ ଏହି ପ୍ଲାଣ୍ଟ ଉଚ୍ଚ ସ୍ତରର କାର୍ଯ୍ୟକାରିତା ଅର୍ଜନ କରିବାକୁ ଡିଜାଇନ୍ ହୋଇଛି, ଯାହା ଅଞ୍ଚଳର ସବୁଠାରୁ ଆଧୁନିକ ଷ୍ଟିଲ୍ ସୁବିଧା ମଧ୍ୟରୁ ଗୋଟିଏ ସୃଷ୍ଟି କରେ । ସମସ୍ତ ପ୍ରମୁଖ ଉପକରଣ ଯୋଗାଣକାରୀ ୟୁରୋପରୁ ଅଟେ, ଯେପରିକି ବ୍ଲାଷ୍ଟ ଫର୍ଣ୍ଣ ?ସ୍ ପାଇଁ ପାଉଲୱର୍ଥ ଏସ୍ (ଏସଏମଏସ ଗ୍ରୁପ, ଜର୍ମାନୀ), ଗ୍ରାନସଟ୍ ପାଇଁ ୟୁଏଚଟି ସ୍ୱେଡେନ, ସିଣ୍ଟର୍ ପ୍ଲାଣ୍ଟ/ଏସଏମଏସ-ବିଓଏଫ୍/କାଷ୍ଟର ପାଇଁ ପ୍ରିମେଟାଲ ଅଷ୍ଟ୍ରିଆ ଏବଂ ଲାଡେଲ୍ ଫର୍ଣ୍ଣ ?ସ/ଏଚଏମଡିଏସ୍ ପାଇଁ ଡାନିଏଲି ଇଟାଲି।

ଶୀଘ୍ର ଏବଂ ଦକ୍ଷ ରାମ୍ପ-ଅପ୍ ପାଇଁ, ଜେଏଫ୍‌ଏଲ୍ ବିଶ୍ୱର ପ୍ରମୁଖ ଷ୍ଟିଲ୍ ଉତ୍ପାଦକମାନଙ୍କ ମଧ୍ୟରୁ ଗୋଟିଏ ଜେଏଫ୍‌ଇ ଷ୍ଟିଲ୍ କର୍ପୋରେସନ, ଜାପାନ ସହ ବୈଷୟିକ ସହଯୋଗ ପାଇଁ ଚୁକ୍ତି କରିଛି । ଏହି କ୍ଷେତ୍ରରେ ସେମାନଙ୍କର ବୈଷୟିକ ଜ୍ଞାନ ଏବଂ ବିଶେଷଜ୍ଞତା ଜେଏଫ୍‌ଏଲ୍ କୁ ଦକ୍ଷ ଭାବରେ ଗୁଣାତ୍ମକ ଷ୍ଟିଲ୍ ଉତ୍ପାଦନ କରିବାରେ ସାହାଯ୍ୟ କରିବ।

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି, "ଭାରତରେ ଶିଳ୍ପ ବିକାଶ ଓ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବାର ଓଡ଼ିଶାର ଅପାର ସମ୍ଭାବନା ରହିଛି। ପ୍ରକଳ୍ପର ପ୍ରାରମ୍ଭିକ ପ୍ରସ୍ତାବଠାରୁ ଆରମ୍ଭ କରି ଏହାର ସଫଳ ରୂପାୟଣ ପର୍ଯ୍ୟନ୍ତ, ନିବେଶକମାନଙ୍କୁ ସବୁ ସମୟରେ ସହଯୋଗ ଯୋଗାଇଦେବାକୁ ଓଡ଼ିଶା ସରକାର ପ୍ରତିବଦ୍ଧ। ବୃହତ୍ ପୁଞ୍ଜିନିବେଶ ଓ ପ୍ରକଳ୍ପ ମାଧ୍ୟମରେ ଯୁବବର୍ଗଙ୍କୁ ସେମାନଙ୍କ ନିଜ ଅଞ୍ଚଳରେ ଉତ୍ତମ ନିଯୁକ୍ତି ସୁଯୋଗ ଯୋଗାଇଦେବା ସହ ସ୍ଥାନୀୟ ଲୋକଙ୍କ ପାଇଁ ଆର୍ଥିକ ସୁଯୋଗ ସୃଷ୍ଟି କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଯାଜପୁରରେ ଜିନ୍ଦଲ ଫେରସ୍ ଲିମିଟେଡ୍ ?ର ସମନ୍ୱିତ ଇସ୍ପାତ କାରଖାନାର ଶୁଭାରମ୍ଭ ରାଜ୍ୟର ଶିଳ୍ପ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଏହା ଓଡ଼ିଶାର ପ୍ରାକୃତିକ ସମ୍ପଦ, ଭିତ୍ତିଭୂମି ଏବଂ ନିବେଶ ଅନୁକୂଳ ପରିବେଶ ଉପରେ ଶିଳ୍ପ ଜଗତର ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରୁଛି। ଶିଳ୍ପର ଅଭିବୃଦ୍ଧି ସହ ରାଜ୍ୟ ଓ ଦେଶର ବିକାଶରେ ଅବଦାନ ରଖିପାରିବା ଭଳି ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଆମେ ପ୍ରତିବଦ୍ଧ।"

ଏ ସମ୍ପର୍କରେ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, "ଓଡ଼ିଶା ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଅଭିବୃଦ୍ଧି କେନ୍ଦ୍ରମାନଙ୍କ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି, ଯାହା ପ୍ରାକୃତିକ ସମ୍ପଦ, ଅବସ୍ଥାପନା ସଂଯୋଗ, ନୀତିଗତ ସମର୍ଥନ ଏବଂ ଦୀର୍ଘକାଳୀନ ଉତ୍ପାଦନ ସମ୍ଭାବନାର ଉପଯୁକ୍ତ ସମ୍ମିଶ୍ରଣ ପ୍ରଦାନ କରେ । ଜିନ୍ଦଲ ଫେରସ୍ ପାଇଁ, ଆମର ପ୍ରଥମ ସମନ୍ୱିତ ଷ୍ଟିଲ୍ ମେକିଂ କମ୍ପ୍ଲେକ୍ସ ସ୍ଥାପନ କରିବା ସ୍ୱାଭାବିକ ବିକଳ୍ପ ଥିଲା । ଶିଳ୍ପ ଚାହିଦା ବିସ୍ତାର ଜାରି ରହିଥିବା ବେଳେ, ଏହି ସୁବିଧା ଉତ୍ପାଦ ଗୁଣବତ୍ତା, ପ୍ରକ୍ରିୟା ଦକ୍ଷତା ଏବଂ ବୃହତ୍ ପରିମାଣରେ ଉତ୍ପାଦନ ବିଶ୍ୱସନୀୟତା ଉପରେ ଧ୍ୟାନ ଦେଇ ନିର୍ମିତ ହୋଇଛି। ଏହା ଦେଶର ଶିଳ୍ପ ବିକାଶ ଏବଂ ଆତ୍ମନିର୍ଭରଶୀଳତା ଲକ୍ଷ୍ୟ ପ୍ରତି ଅବଦାନ କରି ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବା ପ୍ରତି ଜେଏଫ୍‌ଏଲର ପ୍ରୟାସକୁ ପ୍ରତିଫଳିତ କରେ।"

ବ୍ଲାଷ୍ଟ ଫର୍ଣ୍ଣ ?ସ୍ ରେ ଉନ୍ନତ ଅଟୋମେସନ୍ ଏବଂ ପ୍ରକ୍ରିୟା ଅପ୍ଟିମାଇଜେସନ୍ ସିଷ୍ଟମ୍ ଅନ୍ତର୍ଭୁକ୍ତ । ଯେଉଁଥିରେ ବ୍ଲାଷ୍ଟ ଫର୍ଣ୍ଣ ?ସ୍ ଏକ୍ସପର୍ଟ ମଡେଲ୍ ସହ ଲେଭେଲ୍-୨ ଅଟୋମେସନ୍ ପ୍ଲାଟଫର୍ମ, ଉଚ୍ଚ ଟପ୍-ପ୍ରେସର୍ ଅପରେସନ୍ ଏବଂ ପ୍ରକ୍ରିୟା ସ୍ଥିରତା ଓ ଦକ୍ଷତା ବୃଦ୍ଧି ପାଇଁ ଡ୍ରାଏ ଗ୍ୟାସ୍ କ୍ଲିନିଂ ସିଷ୍ଟମ୍ ରହିଛି। ଏହାର ସସ୍‌ଟେନେବିଲିଟି-କେନ୍ଦ୍ରିତ ଅପରେସନାଲ୍ ଢାଞ୍ଚାର ଅଂଶ ଭାବରେ, ଏହି ସୁବିଧାରେ ଜଳ ପୁନଃଚକ୍ର ଏବଂ ପରିବେଶ ପରିଚାଳନା ସିଷ୍ଟମ୍ ଅନ୍ତର୍ଭୁକ୍ତ ହୋଇଛି । ଯେଉଁଥିରେ ଜିରୋ-ଡିସଚାର୍ଜ ଆପ୍ରୋଚ୍, ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ସିଷ୍ଟମ୍ ଏବଂ ଆଗାମୀ ସ୍ୱେଜ୍ ଟ୍ରିଟମେଣ୍ଟ ଓ ଆଉ ଅବସ୍ଥାପନା ଅନ୍ତର୍ଭୁକ୍ତ।ପ୍ଲାଣ୍ଟଟି ମୁଖ୍ୟ କଞ୍ଚାମାଲ ଉତ୍ସ, ପେଲେଟ୍ ଉପଲବ୍ଧତା ଏବଂ ବନ୍ଦର ସଂଯୋଗର ସୁବିଧା ହେତୁ ଓଡ଼ିଶାରେ ରଣନୈତିକ ଭାବରେ ଅବସ୍ଥିତ, ଯାହା ଦୀର୍ଘକାଳୀନ ଲୁହା ଖଣି ସଂଯୋଗ ବ୍ୟବସ୍ଥା ଦ୍ୱାରା ସମର୍ଥିତ । ପ୍ରକଳ୍ପଟି ୨୦୦୦ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଆଶା କରାଯାଉଛି ଏବଂ ଆଖପାଖର ସମୁଦାୟମାନଙ୍କର ଆର୍ଥିକ ଓ ସାମାଜିକ ବିକାଶରେ ଅବଦାନ କରିବାରେ ବିଶେଷ ଭାବରେ ସହାୟକ ହେବ ।

# ଦୁର୍ଗା ପୂଜା ପାଇଁ ପ୍ରଶାସନର ପକ୍ଷରୁ ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ ୧୪/୧୦/ / ଅସ୍ତରଙ୍ଗର ପ୍ରସିଦ୍ଧ ଦୁର୍ଗା ପୂଜା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଯାଇଛି। ଚଳିତ ବର୍ଷ ଏହି ପୂଜା ୫୮ ବର୍ଷାରେ ପଦାର୍ପଣ କରିଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅସମ୍ଭବ ଭିଡକୁ ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୁଖ୍ୟତଃ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ମୁଖ୍ୟ ବଜାର ଠାରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ ଯାତାୟତ ସୁଗମ କରିବା ପାଇଁ ପୋଲିସ ପକ୍ଷରୁ ଏକ ରୋଡ ମ୍ୟାପ ପ୍ରସ୍ତୁତ କରାଯାଇଛି।



ଶ୍ରଦ୍ଧାଳୁଙ୍କର ଯାତାୟତରେ ଯେମିତି କୌଣସି ବାଧା ସୃଷ୍ଟି ନ ହୁଏ ସେଥିପ୍ରତି ପୋଲିସର ପ୍ରାଥମିକତା ରହିବ। ବିଶେଷ କରି ଜନଗହଳି ଭିତରେ ଚୋରି ଓ ବିଶୃଙ୍ଖଳାକୁ ପ୍ରାଧାନ୍ୟ ଦିଆଯିବ।ଟ୍ରାଫିକ ବ୍ୟବସ୍ଥା, ସ୍ୱାସ୍ଥ୍ୟ,ପାନୀୟ ଜଳ,ପରିମଳ, ବିଦ୍ୟୁତ ଯୋଗାଣ, ଅଘଟଣ ଏଡାଇବା ପାଇଁ ଅଗ୍ନିଶମ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ଆହୁତ ବୈଠକ କ୍ଲବ ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳଙ୍କ ନେତୃତ୍ୱରେ କରାଯାଇଥିଲା ।ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ମଧ୍ୟ ପୂଜା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଆମନ୍ତ୍ରଣ କରାଯାଇଛି ।ନବମୀ, ଦଶହରା ଓ ତା ପରଦିନ ତିନି ଦିନ ଧରି ପ୍ରାୟ ଲକ୍ଷାଧିକ ଜନସାଧାରଣଙ୍କର ସମାଗମ ହୋଇଥାଏ ।ଚଳିତ ବର୍ଷ ପୂଜା ଏକ ଭିନ୍ନ ଧରଣର ଆକର୍ଷଣୀୟ ହେବ ବୋଲି ସଭାପତି ଶ୍ରୀ ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ। ଜନସାଧାରଣଙ୍କ ମନକୁ ଆକର୍ଷିତ କରିବ ବିଦେଶୀ ନିର୍ମାଣ ବୃହତ ତୋରଣ। ଭିନ୍ନ ଭିନ୍ନ ପ୍ରକାରର ଆଲୋକ ମାଳା ପୂଜା ମଣ୍ଡପକୁ ଆଲୋକିତ କରିବ ବୋଲି ଉପ ସଭାପତି ପ୍ରକାଶ କୁମାର ବେହେରା କହିଛନ୍ତି।

ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଅମିତ ରାୟ, ପୋଲିସ ଅଧିକାରୀ ଦିବ୍ୟ ରଞ୍ଜନ ସାହୁ ଜୁମର ବିଶ୍ୱାଳ, ଡାକ୍ତର ସୁଜିତ କୁମାର ମହାନ୍ତି, ବିଦ୍ୟୁତ କନିଷ୍ଠ ଯନ୍ତ୍ରୀ ସୌମ୍ୟ ରଞ୍ଜନ କର, ରାଜେଶ କୁମାର ସାହୁ, ଫାୟାର ଅଫିସର ଗଗନ ମହାନ୍ତି, ବିଡ଼ିଓଙ୍କ ପ୍ରତିନିଧି ଭାବେ ଦେବେନ୍ଦ୍ର କୁମାର ଯୋଗ ଦେଇଥିଲେ। ପୂଜା କମିଟିର ସଦସ୍ୟ ସମ୍ପାଦକ ରବୀନ୍ଦ୍ର ପରିଡା, ସାଂସ୍କୃତିକ ସମ୍ପାଦକ ଗୌରୀ ଶଙ୍କର ମହାନ୍ତି, ଜିତେନ୍ ବସ୍ତିଆ, ଟୁକୁନା ଛାଟୋଇ, ରାକେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକତାଲିକାରେ ସୋଆର ୩୮ ଗବେଷକ

ଭୁବନେଶ୍ୱର, ୧୪।୧୦: ଆମେରିକାର ସମ୍ମାନଜନକ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ନେଦରଲାଣ୍ଡର ପ୍ରମୁଖ ଶିକ୍ଷା ଓ ଗବେଷଣା ପ୍ରକାଶନ ସଂସ୍ଥା ଏଲସେଭିୟର ପକ୍ଷରୁ ପ୍ରକାଶିତ ୨୦୨୬ ମସିହାର ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ୩୮ ଜଣ ଗବେଷକ ସ୍ଥାନିତ ହୋଇଛନ୍ତି।



ଷ୍ଟାନଫୋର୍ଡର ଏହି ତାଲିକାରେ ଗବେଷକମାନଙ୍କୁ ଦୁଇଟି ବର୍ଗରେ ସ୍ଥାନିତ କରାଯାଇଛି। ଗୋଟିଏ ହେଉଛି କ୍ୟାରିୟର ଲଙ୍ଗ ଇମ୍ପାକ୍ଟ ଲିଷ୍ଟ (ସାମଗ୍ରିକ ଗବେଷଣା ଜୀବନର ପ୍ରଭାବ) ଏବଂ ଅନ୍ୟଟି ହେଉଛି ସିଙ୍ଗଲ ଇୟର ଇମ୍ପାକ୍ଟ ଲିଷ୍ଟ (ଗୋଟିଏ ବର୍ଷର ଗବେଷଣାତ୍ମକ ପ୍ରଭାବ)। ସୋଆର ୩୮ ଜଣ ଗବେଷକଙ୍କ ମଧ୍ୟରୁ ୩୫ ଜଣ ସିଙ୍ଗଲ ଇୟର ଇମ୍ପାକ୍ଟ ଲିଷ୍ଟ ତାଲିକାରେ ଏବଂ ୨୦ ଜଣ କ୍ୟାରିୟର ଲଙ୍ଗ ଇମ୍ପାକ୍ଟଲିଷ୍ଟ ତାଲିକାରେ ସ୍ଥାନ ପାଇଛନ୍ତି।ସିଙ୍ଗଲ ଇୟର ଇମ୍ପାକ୍ଟଲିଷ୍ଟରେ ଗୋଟିଏ ବର୍ଷରେ ଗବେଷକଙ୍କର ପ୍ରକାଶନ (ସାଇଟେସନ୍) ଆଧାରିତ ପ୍ରଭାବକୁ ବିଚାର କରାଯାଉଥିବା ବେଳେ କ୍ୟାରିୟର ଲଙ୍ଗ ଇମ୍ପାକ୍ଟ ଲିଷ୍ଟରେ ଦୀର୍ଘକାଳୀନ ଗବେଷଣା ଓ ବୈଜ୍ଞାନିକଙ୍କ ଅବଦାନକୁ ଗୁରୁତ୍ୱ ଦିଆଯାଇଥାଏ ।ସୋଆର ବିଭିନ୍ନ ଅନୁଷ୍ଠାନରୁ ଏହି ସମ୍ମାନଜନକ ତାଲିକାରେ ସ୍ଥାନିତ ହୋଇଥିବା ଗବେଷକଙ୍କ ମଧ୍ୟରୁ ୨୭ ଜଣ ଇଞ୍ଜିନିୟରିଂ କ୍ଷେତ୍ରର ହୋଇଥିବା ବେଳେ ସେମାନେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ(ଆଇଟିଇଆର) ଓ ଏଥିସହ ଜଡ଼ିତ ବିଭିନ୍ନ ଗବେଷଣା ସଂସ୍ଥାରେ କାର୍ଯ୍ୟରତ। ସେହିପରି ସୋଆ ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍) ଏବଂ ବାୟୋଟେକ୍ନୋଲୋଜିରୁ ୮ ଜଣ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲରୁ ୨ ଜଣ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନ୍‌ସେସ୍‌ରୁ ଜଣେ ଗବେଷକ ଏହି ତାଲିକାରେ ସ୍ଥାନ ପାଇଛନ୍ତି।

## ୭୦ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫେନ୍ସିଂ ଏବଂ ଥାଙ୍ଗ-ଟା ଚାମ୍ପିଅନସିପ୍ ଉଦଯାପିତ

ବଲାଙ୍ଗୀର: ବଲାଙ୍ଗୀର ପିଏମ ଶ୍ରୀ ପିଆର ହାଇସ୍କୁଲ ପରିସରରେ ୭୦ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫେନ୍ସିଂ ଏବଂ ଥାଙ୍ଗ-ଟା ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଚାମ୍ପିୟାନସିପ୍ ୨୦୨୬ ଉଦଯାପିତ ହୋଇଯାଇଛି ।ଏହି ଉଦଯାପନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ସଭାପତିତତ୍ୱରେ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ପବିତ୍ର ମୋହନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ପୌରପରିଷଦ ଅଧ୍ୟକ୍ଷା ଲିକା ସାହୁ,ଅବସରପ୍ରାପ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତଥା ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ନାଗ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା,ରୀନା କୁମାରୀ ବେହେରା,ସେବାଶ୍ରୀ ଭୋଇ, ଓଡ଼ିଶା ଥାଙ୍ଗ-ଟା ଆସୋସିଏସନର ସଭାପତି ଜ୍ଞାନ ରଞ୍ଜନ ମହାନ୍ତି,ଜିଲ୍ଲା ଫେନ୍ସିଂ ଆସୋସିଏସନର ସାଧାରଣ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ,ସମାଜସେବୀ ଶରଦ କେଜ୍ରିୱାଲ,ବୌଦ୍ଧ ଡିପିଇଓ ଆନନ୍ଦ କୁମାର ବେହେରା, ପିଏମ ଶ୍ରୀ ପି.ଆର. ହାଇସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ ।ରାଜ୍ୟ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ଚାମ୍ପିୟାନସିପର ବିବରଣୀ ଉପସ୍ଥାପନ କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ସ୍ୱାଗତ ଅଭିଭାଷଣ ରଖିଥିଲେ ।କାର୍ଯ୍ୟକ୍ରମ ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।ଶେଷରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ପ୍ରତିଯୋଗିତାରୁ ଚୟନ ହୋଇଥିବା ପ୍ରତିଯୋଗୀମାନେ ଜାତୀୟ ସ୍ତରୀୟ ଖେଳରେ ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ପରିଡ଼ା ସୂଚନା ଦେଇଥିଲେ ।ଅନ୍ୟପଟେ କ୍ରିକେଟ ପ୍ରତିଯୋଗିତାରେ ସୁନ୍ଦରଗଡ଼କୁ ହରାଇ କଟକ ସେମିଫାଇନାଲରେ ପ୍ରବେଶ କରିଛି ।ସେହିପରି ଅନ୍ୟ ଏକ ରୋମାଞ୍ଚକର ମ୍ୟାଚ୍ ?ରେ କେନ୍ଦୁଝରକୁ ପଛରେ ପକାଇ



ଭୁବନେଶ୍ୱର ଫାଇନାଲରେ ନିଜ ସ୍ଥାନ ପକ୍କା କରିଛି ।ଆସନ୍ତା କାଲି ସକାଳ ୮ ଟାରେ ଟାଉନ ବାଳକ ହାଇସ୍କୁଲ ପଡିଆରେ କଟକ ଓ ଭୁବନେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।ଏହାସହ ସ୍ଥାନୀୟ ପି.ଆର. ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଆଜି ୬୯ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ